
# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-136 ◆WEDNESDAY ◆12 NOVEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୩୬ ◆ବୁଧବାର ◆୧୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

**୨୦୨୬ ଫିଫା ବିଶ୍ୱକପ୍ ପରେ ଅବସର ନେବେ ରୋନାଲ୍ଡୋ**

▶ପୃଷ୍ଠା ୧୨ ଦେଖନ୍ତୁ...

## ପୁଣ୍ୟ ସ୍ମୃତିରେ...



### ଓଡ଼ିଶାର ମସଲା ସମ୍ରାଟ

# ଡ଼. ଶରତ କୁମାର ସାହୁ

### ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍

୧୪.୦୬.୧୯୫୦ - ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।


RUCHI FOODLINE | CELEBRATING 50 YEARS
50 Saal Aapke Sehat Ke Saath ...
FROZIT®
"Time Ki Bachat, Eat Fresh Fatafat"
FarrmB®
Family of Master Artisans
RUCHI Tea
Dum Hardam
RUCHI PRATIVA FOUNDATION
RAYS FOUNDATION






## ପାକିସ୍ତାନ କୋର୍ଟରେ ଆତ୍ମଘାତୀ ଆକ୍ରମଣ: ୧୨ ମୃତ

ଇସଲାମାବାଦ୍, ୧୧।୧୧(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦ୍‌ର ଡିଷ୍ଟ୍ରିକ୍ଟ କୋର୍ଟ ନିକଟରେ ମଙ୍ଗଳବାର ଅପରାହ୍ନ ୧ଟାରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୨ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୨୭ ଜଣ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକର ରିପୋର୍ଟରୁ ଜଣାପଡ଼ିଛି। ମୃତକ ଓ ଆହତଙ୍କ ମଧ୍ୟରେ ଅଧିକାଂଶ ଓକିଲମାନେ ରହିଛି ବୋଲି କୁହାଯାଇଛି। ବିସ୍ଫୋରଣର ଶବ୍ଦ ଏତେ ତୀବ୍ରଥିଲା ଯେ ଏହା ୬ କିମି ଦୂରରେ ଥିବା ପୁଲିସ ଲାଇନ ହେଡକ୍ୱାର୍ଟର ପର୍ଯ୍ୟନ୍ତ ଏହା ଶୁଣିବାକୁ ମିଳିଥିଲା। ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଓ ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ ଘେରାଉ କରି ଯାଞ୍ଚ ଆରମ୍ଭ କରିଛନ୍ତି। କୋର୍ଟର ପାର୍କି ଅଞ୍ଚଳରେ ଥିବା ଗାଡ଼ିଗୁଡିକରେ ହିଁ ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣରେ ଏକାଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀର ମୁଣ୍ଡ ଘଟଣାସ୍ଥଳରୁ ହିଁ ମିଳିଛି ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ଏହାଏକ ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ବିସ୍ଫୋରଣ ପାଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଅବଶ୍ୟ ଏହି ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ତେବେ ପ୍ରଧାନମନ୍ତ୍ରୀ ସରିଫ ଏଥିପାଇଁ ଭାରତକୁ ଦାୟୀ କରିଛନ୍ତି।

## ନିଠାରୀ ହତ୍ୟା ମାମଲା: ୧୮ ବର୍ଷ ପରେ ମୁକ୍ତ ହେବ ସୁରେନ୍ଦ୍ର କୋଲି

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ବହୁଚର୍ଚ୍ଚିତ ନିଠାରୀ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲି ଖୁବ୍‌ଶୀଘ୍ର ଜେଲରୁ ମୁକ୍ତି ପାଇବ। ସୁପ୍ରିମକୋର୍ଟ ମଙ୍ଗଳବାର ଏହି ହତ୍ୟାକାଣ୍ଡ ସହିତ ଜଡିତ ଅନ୍ତିମ ମାମଲାରେ କୋଲିର ଦଣ୍ଡକୁ ରଦ୍ଦ କରିଛନ୍ତି। ଏଥିସହ ତାକୁ ତୁରନ୍ତ ଖଲାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ କୋଲିଙ୍କ ତରଫରୁ ଦାଏର କରାଯାଇଥିବା କ୍ୟୁରେଟିଭ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ନିଜକୁ ଦୋଷୀ ସାବ୍ୟସ୍ତ କରାଯିବା ବିରୋଧରେ ସେ ଏହି ଆବେଦନ କରିଥିଲେ। ୨୦୧୧ ଫେବୃଆରୀରେ ଏକ ୧୫ ବର୍ଷୀୟା ଝିଅର ହତ୍ୟା ମାମଲାରେ କୋଲିକୁ ଦୋଷୀ ସାବ୍ୟସ୍ତ କରାଯିବାର ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଥିଲେ। ସେହିପରି ୨୦୧୪ ଅକ୍ଟୋବର ୨୮ରେ କୋଲିରଙ୍କ ପୁନର୍ବିଚାର ଆଦେଶକୁ ଖାରଜ କରାଯାଇଥିଲା। ଏହି ଦୁଇଟି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିଛନ୍ତି। ଏଥିସହ କୋଲିଙ୍କୁ ମୁକ୍ତି କରିବାକୁ ଆଦେଶ ମଧ୍ୟ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଡିସେମ୍ବରରେ ଏହି ହତ୍ୟାକାଣ୍ଡ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନୋଏଡାର ନିଠାରୀ ଗାଁରେ ମନିନ୍ଦର ସିଂ ପନ୍ଧେରଙ୍କ ଘର ବାହାରେ ଏକ ନାଳରୁ ଏକାଧିକ ଛୋଟପିଲା ଓ ଯୁବତୀଙ୍କ କଙ୍କାଳ ଜବତ ହୋଇଥିଲା। ମନିନ୍ଦର ହିଁ ଏହି ଘରର ମାଲିକ ଥିଲା ବୋଲି ଯାଞ୍ଚରୁ ଜଣାପଡ଼ିଥିଲା।

## ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଗୁଜବକୁ ପରିବାର ସଦସ୍ୟଙ୍କ ନିନ୍ଦା

ମୁମ୍ବଇ, ୧୧।୧୧(ଏଜେନ୍ସି): ବଲିଉଡ୍ ବର୍ଷୀୟାନ ଅଭିନେତା ତଥା ହିମ୍ୟାନ ଧର୍ମେନ୍ଦ୍ରଙ୍କ ପରଲୋକ ନେଇ ପ୍ରକାଶିତ ଖବର ମିଥ୍ୟା ସାବ୍ୟସ୍ତ ହୋଇଛି। ମଙ୍ଗଳବାର ସକାଳେ ଗଣମାଧ୍ୟମଗୁଡିକରେ ତାଙ୍କର ପରଲୋକ ହୋଇଛି ବୋଲି ଖବର ପ୍ରକାଶିତ ହୋଇଥିଲା। ଏହି ଗୁଜବକୁ ଧର୍ମେନ୍ଦ୍ରଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ୮୯ ବର୍ଷୀୟ ଧର୍ମେନ୍ଦ୍ରଙ୍କ ଝିଅ ତଥା ଅଭିନେତ୍ରୀ ଈଶା ଦେଓଲ ସାମ୍ନାକୁ ଆସି ଏ ନେଇ ସ୍ଥିତ ସ୍ପଷ୍ଟ କରିଛନ୍ତି। ‘ଗଣମାଧ୍ୟମ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଖବର ପ୍ରସାରଣ କରୁଛି। ପିତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଏଥିରେ ଧିରେ ଧିରେ ସୁଧାର ହେଉଛି। ଆମ ପରିବାରର ଗୋପନୀୟତାଙ୍କୁ ସମ୍ମାନ ଦେବାକୁ ସମସ୍ତଙ୍କୁ ନିବେଦନ କରୁଛି। ପିତାଙ୍କ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି’ ବୋଲି ଈଶା କହିଛନ୍ତି। ଧର୍ମେନ୍ଦ୍ରଙ୍କ ପତ୍ନୀ ହେମାମାଳିନୀ ମଧ୍ୟ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମଗୁଡିକରେ ମିଥ୍ୟା ଖବର ପରିବେଷଣ କରାଯାଉଛି ଓ ଏହା କ୍ଷମାର ଯୋଗ୍ୟନୁହଁ ବୋଲି ସେ କହିଛନ୍ତି। ଦାୟିତ୍ୱସମ୍ପର୍ଣ୍ଣ ଚ୍ୟାନେଲଗୁଡିକ କିପର ଏଭଳି ଭିତ୍ତିହୀନ ତଥା ଅମୂଳକ ଖବର ପ୍ରଚାର କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ତୁର୍କୀ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୨୦ ମୃତ

ଅଙ୍କାରା, ୧୧।୧୧ (ଏଜେନ୍ସି): ତୁର୍କୀ ବାୟୁସେନାର ସି-୧୩୦ ହର୍କ୍ୟୁଲସ ମିଲିଟାରୀ କାର୍ଗୋ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଜର୍ଜିଆ-ଅଜରବୈଜାନ ସୀମାରେ ଖସିପଡ଼ିଛି। ଏଥିରେ ବିମାନର କ୍ରୁ ସଦସ୍ୟଙ୍କ ସମେତ ୨୦ ସୈନିକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅଜରବୈଜାନ ଏବଂ ଜର୍ଜିଆ ଅଧିକାରୀଙ୍କ ସହ ମିଶି ତୁର୍କୀ ଉଦ୍ଧାରକାର୍ଯ୍ୟ ଚଳାଇଛି। ବିମାନ ଖସୁଥିବାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଜର୍ଜିଆ ଅଧିକାରୀଙ୍କ ଅନୁଯାୟୀ ଦେଶର ବାୟୁସୀମାରେ ପ୍ରବେଶ କରିବା ପରେ ରାଡାର ସହ ଏହି ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ପରେ କାଖେତି କ୍ଷେତ୍ରର ସିଘନାଘି ଅଞ୍ଚଳରେ ଖସି ପଡ଼ିଥିଲା। ଚାରି ଇଞ୍ଜିନ ବିଶିଷ୍ଟ ଏହି ବିମାନକୁ ଆମେରିକାର ଲକ୍‌ହିଡ ମାର୍ଟିନ କମ୍ପାନୀ ନିର୍ମାଣ କରିଥିଲା।

# ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ବିସ୍ଫୋରଣ ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା। ଏଥିରେ ଆମୋନିୟମ ନାଇଟ୍ରେଟ ଫୁଏଲ ଅଏଲ (ଏଏନଏଫଓ) ଏବଂ ଡିଟୋନେଟର୍ସ ବ୍ୟବହାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି। ଘଟଣାସ୍ଥଳରୁ ଆମୋନିୟମ ନାଇଟ୍ରେଟ (ଏଏନ) ମିଳିଛି। ଏହି ବିସ୍ଫୋରକ ଆଇଇଡିଠାରୁ ଭୟଙ୍କର ହୋଇଥିଲେ ବି ସହଜରେ ମିଳି ଯାଇଥାଏ। କମ୍ ଖର୍ଚ୍ଚରେ ଏହା ଅଧିକ କ୍ଷୟକ୍ଷତି ଘଟାଇ ଥାଏ। ଏଥିପାଇଁ ଆତଙ୍କବାଦୀ ମାନେ ଏହାକୁ ବ୍ୟବହାର କରୁଛନ୍ତି। ତେବେ ଫରେନସିକ ରିପୋର୍ଟ ଆସିବା ପରେ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

### ଦିଲ୍ଲୀ ନୁହେଁ; ଉତ୍ତର ପ୍ରଦେଶରେ ହେବାର ଥିଲା ବିସ୍ଫୋରଣ

ଗତ ସପ୍ତାହରେ ପର୍ଦ୍ଦାଫାସ ହୋଇଥିବା ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲୋର ସଦସ୍ୟ ଡ. ମହମ୍ମଦ ଉମର ଏହି ଆତ୍ମଘାତୀ ବିସ୍ଫୋରଣ କରିଥିବା କୁହାଯାଉଛି। ସେ ନିଜ ଦୁଇ ସହଯୋଗୀଙ୍କ ସହ ମିଶି ଏହି ଯୋଜନା କରିଥିଲା। ଏଥିରେ ବ୍ୟବହୃତ ଏଏନଏଫଓ ଅଧିକ ଜ୍ୱଳନଶୀଳ ପଦାର୍ଥ। ବିଶେଷ କରି ଉଦ୍ୟୋଗିକ ବିସ୍ଫୋରଣ ଲାଗି ଏହାକୁ ବ୍ୟବହାର କରାଯାଇଥାଏ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିପୁଳ ବିସ୍ଫୋରକ ସହ ସହଯୋଗୀ ଡ. ମୁଜାମିଲ ସକିଲ ଗିରଫ ହେବା ପରେ ଡ. ଉମର ଭୟଭୀତ ହୋଇ ଯାଇଥିଲା। ପରେ ସେ ଦୁଇ ସହଯୋଗୀଙ୍କ ସହାୟତାରେ ଏକ କାର୍‌ରେ ଡେଟୋନିଟର ସହିତ ଅନ୍ୟ ବିସ୍ଫୋରକ ନେଇ ଲାଲକିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା। ଏହି ବିସ୍ଫୋରକ କେଉଁଠୁ ଆସିଥିଲା ଏବଂ କିଏ ଆଣିଥିଲା ଏବେ ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଏହି ଏଏନ ପ୍ରସ୍ତୁତ କରିବାକୁ ଆମୋନିଆ ଏବଂ ନାଇଟ୍ରିକ ଏସିଡର ରାସାୟନକି ପ୍ରତିକ୍ରିୟା କରାଯାଇଥାଏ। କିନ୍ତୁ ଏଏନ ବିସ୍ଫୋରକ ହୋଇ ନଥାଏ। ଡିଜେଲ କିମ୍ବା ଅନ୍ୟ କୌଣସି ଇନ୍ଧନ ସହ ମିଶାଇ ଦେଲେ ଏହା ବିପଜ୍ଜନକ ବୋମା ପାଲଟି ଯାଇଥାଏ। ଏହି



ବିସ୍ଫୋରଣର ବେଗ ଘଣ୍ଟାପ୍ରତି ୧୪ ହଜାର କିମି ରହିଥାଏ। ଏହା ଦ୍ୱାରା ଯେଉଁ ତରଙ୍ଗ ସୃଷ୍ଟି ହୋଇଥାଏ ତାହା ଶବ୍ଦଠାରୁ ୫ ଗୁଣ ଅଧିକ। ଅନ୍ୟପଟେ ଏହି ବିସ୍ଫୋରଣ ଭେଇକିଲ-ବର୍ଣ୍ଣ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋଜିଭ ଡିଭାଇସ (ଭିବିଆଇଡି) ଥିବା କୁହାଯାଉଛି। କାରଣ ପୂର୍ବରୁ ଆତଙ୍କବାଦୀ ଏହାର ବ୍ୟବହାର କରିଛନ୍ତି। ଏକ ଗାଡ଼ିରେ ବିସ୍ଫୋରକ ନେଇ ତାହାକୁ ଉଡ଼ାଇ ଦିଅନ୍ତି। ଏହି ପ୍ରକ୍ରିୟାକୁ ଠାବ କରିବା ଅତ୍ୟନ୍ତ କଷ୍ଟସାଧ ହୋଇଥାଏ। ଆତଙ୍କବାଦୀଙ୍କୁ ଚିହ୍ନଟ କରି ଜେରା କରିବା ମଧ୍ୟ କାଠିକର ହୋଇଥାଏ।

ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଯେଉଁ ବିସ୍ଫୋରଣ ହୋଇଥିଲା ତାହାକୁ ୪୬୦ କିମି ଦୂର ଉତ୍ତର ପ୍ରଦେଶ (ୟୁପି)ରେ କରାଇବାକୁ ଯୋଜନା କରାଯାଇଥିଲା। ଜମ୍ମୁ-କଶ୍ମୀର ପୁଲିସ ଏବଂ ଗୁଜରାଟ ଏଟିଏସ ପକ୍ଷରୁ ଦିଆଯାଇଥିବା ଏହି ସୂଚନା ୟୁପି ସୁରକ୍ଷା ଏଜେନ୍ସି ଗୁଡିକର ହୋସ୍ ଉଡ଼ାଇ ଦେଇଛି। ୟୁପିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଏହି ସୂଚନା ମିଳିବା ପରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ଆତଙ୍କବାଦୀଙ୍କ ନିଶାଣରେ ଲକ୍ଷ୍ନୌ, କାଶୀ, ମଥୁରା, ଅଯୋଧ୍ୟା ଭଳି ବଡ଼ ସହର ଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ୟୁପିରେ ଦୁଇଟି ଅଲଗା ଅଲଗା ଆତଙ୍କବାଦୀ ମଡ୍ୟୁଲୋ ସାମ୍ନାକୁ ଆସିଥିଲା। ଗୋଟିଏକୁ ଗୁଜରାଟ ପୁଲିସ ଏବଂ ଅନ୍ୟଟିକୁ ଜମ୍ମୁ-କଶ୍ମୀର ପୁଲିସ ବିଫଳ କରିଦେଇଛି। ଏଥିପାଇଁ ଆତଙ୍କବାଦୀ ଅନ୍ୟ ଯୋଜନା କରୁଛନ୍ତି।

## ଫରିଦାବାଦରୁ ବାହାରିଲା, ଲାଲକିଲ୍ଲାରେ ଅଟକିଲା

ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। କଳା ରଙ୍ଗର ମାସ୍କ ପିନ୍ଧିଥିବା ଜଣେ ଯୁବକ ପାର୍କିଂରୁ କାର୍ ଧରି ବାହାରୁ ଥିବା ଦେଖାଯାଉଛି। ସୂଚନା ଅନୁଯାୟୀ କାର୍‌ରେ ବସିଥିବା ସନ୍ଦିଗ୍ଧ ବ୍ୟକ୍ତିର ମୁହଁ ଡ. ମହମ୍ମଦ ଉମର ନବି ସହ ମେଳ ଖାଉଛି। ସେ ପୁଲୱାମାର ବାସିନ୍ଦା। ସେ ଫରିଦାବାଦର ଅଲ ଫଲାହ ୟୁନିଭର୍ସିଟିରେ ପ୍ରାଧ୍ୟାପକ ଥିଲା। ସେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ସହ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେ ହରିୟାଣାର ଫରିଦାବାଦ ଆତଙ୍କୀ ମଡ୍ୟୁଲୋରେ ସାମିଲ ଥିବା ସୁରକ୍ଷା ବାହିନୀ ଗୁଡ଼ିକ ସନ୍ଦେହ କରୁଛନ୍ତି। ଦିଲ୍ଲୀରେ ବିସ୍ଫୋରଣ ହେବାର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀର ପୁଲିସ ଫରିଦାବାଦରୁ ଏକ ଆତଙ୍କବାଦୀ ମଡ୍ୟୁଲୋରେ ସାମିଲ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୯୦୦ କେଜି ବିସ୍ଫୋରକ, ଏକ ଆସଲ୍ଟ ଏବଂ ଏକେ-୪୭ ରାଇଫଲ ଜବତ କରାଯାଇଥିଲା। ଜୈସ ସହ ସଂଶ୍ଳିଷ୍ଟ ଥିବା ୪ ଡାକ୍ତରଙ୍କୁ ପୁଲିସ ଖୋଜୁଥିଲା। ଏଥିରେ ଡ.ଉମର ମଧ୍ୟ ସାମିଲ ଥିଲା। ଏହି ତିନି ଜଣ ଡାକ୍ତର ଗିରଫ ହେବା ପରେ ଉମର ଦିଲ୍ଲୀରେ ଆତ୍ମଘାତୀ ଆକ୍ରମଣ କରିଥିଲା ବୋଲି କୁହାଯାଉଛି।

ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ପୂର୍ବରୁ ଆଇ-୨୦ କାର୍ ଏକ ପାର୍କିଂ ନିକଟରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହୋଇଥିଲା। ଏହି



କାର୍‌ରେ ଆତଙ୍କବାଦୀ ଉମର ତିନି ଘଣ୍ଟା ପର୍ଯ୍ୟନ୍ତ ବସିଥିଲା। ସେ କିଛି ସେକେଣ୍ଡ ପାଇଁ ବି କାର୍‌ରୁ ବାହାରି ନ ଥିଲା। ଏଠାରେ ସେ କାହାକୁ ଅପେକ୍ଷା କରି ବସିଥିଲା କିମ୍ବା କାହାର ନିର୍ଦ୍ଦେଶକୁ ଚାହିଁ ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୫୨ରେ ଏହି କାର୍ ମନ୍ଥର ଗତିରେ ଆସି ଲାଲ୍‌କିଲ୍ଲା ନିକଟସ୍ଥ ମେଟ୍ରୋ ଷ୍ଟେସନର ଟ୍ରାଫିକ ସିଗ୍‌ନାଲ ନିକଟରେ ପହଞ୍ଚି ଥିଲା। ଏଠାରେ ବିସ୍ଫୋରଣ ହୋଇଥିଲା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଉଥିବା କୁହାଯାଉଛି। କିନ୍ତୁ ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା କି ନାହିଁ ତାହା ଜଣାପଡ଼ି ନାହିଁ। ଡିଏନ୍‌ଏ ଯାଞ୍ଚ ପାଇଁ ଉମରର ମାଆଙ୍କ ନମୁନା ସଂଗ୍ରହ କରାଯାଇଛି। ଅନ୍ୟପଟେ ବିସ୍ଫୋରଣର ଦୁଇ ସପ୍ତାହ ପୂର୍ବରୁ ଗତ ୨୯ ତାରିଖରେ ଏହି କାର୍‌ର ପ୍ରଦୂଷଣ ପରୀକ୍ଷା ହେଉଥିବାର ଭିଡିଓ ସାମନାକୁ ଆସିଛି। ଏହା ମଧ୍ୟରେ ଡ.ଉମର ନବିର ଭାଉଜ ମୁଜମିଲା କହିଛନ୍ତି ଯେ ପୁଲିସ ମୋ ସ୍ୱାମୀ, ଦିଅର ଏବଂ ଶାଶୁଙ୍କୁ ଉଠାଇ ନେଇଛି। ଉମର ଦିଲ୍ଲୀରେ ଥିବା କହିବାରୁ ଜେରା ପାଇଁ ସମସ୍ତଙ୍କୁ ନେଇ ଯାଇଥିଲେ। ଗତ ଶୁକ୍ରବାର ଶେଷ ଥର ପାଇଁ ଉମର ଘରଲୋକଙ୍କ ସହ କଥା ହୋଇଥିଲା। ତାର ନିର୍ବନ୍ଧ ହୋଇ ସାରିଥିଲା। ସେ ଗତ ଦୁଇ ମାସ ହେଲା ଘରକୁ ଆସି ନ ଥିଲା।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ପ୍ରଶ୍ନ ଉଠାଯାଉଛି। ଏହା ଆତଙ୍କବାଦୀ, ଅପରାଧି, ଯୌନ ଉତ୍ପୀଡ଼ନର ସୁରକ୍ଷିତ ପ୍ଲାଟଫର୍ମ ପାଲଟି ଥିବା ଅଭିଯୋଗ ହେଉଛି। କାରଣ ଏହାର ମେସେଜ ଆପେ ଆପେ ଡିଲିଟ ହୋଇଯାଉଛି।

## ୭ ଥର କିଣାବିକା ହୋଇଥିଲା କାର୍

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ସୋମବାର ଲାଲ୍‌କିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ସନ୍ଧ୍ୟା ୬.୫୨ ମିନିଟ୍‌ରେ ଏକ ହୁଣ୍ଡାଇ ଆଇ୨୦ କାର୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ଏହି କାର୍ ୭ ଥର ବିକାକିଣା ହୋଇଥିଲା। ରୟାଲ କାର ଜୋନ୍‌ର ମାଲିକ ସୋନୁଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ହରିୟାଣା ପୁଲିସ ତାଙ୍କୁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛି। ଶେଷଥର ପାଇଁ ସୋନୁ ହିଁ ଏହି କାର୍ ବିକ୍ରି କରିଥିଲେ। ୪ ଦିନ ତଳେ ଓଏଲ୍‌ଏକ୍ସ ଜରିଆରେ ସେ ଏହି କାର୍‌କୁ ବିକିଥିଲେ। କିନ୍ତୁ ଏହାପୂର୍ବରୁ ଏହି ହୁଣ୍ଡାଇ କାର ୬ ଥର କିଣାବିକା ହୋଇଥିଲା। ଏବେ ଏହି କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ୩ ଜଣ ଲୋକ ବସିଥିବାର ଦେଖାଯାଇଛି। ଏହି ଫୁଟେଜ ଦିଲ୍ଲୀ-ମୁମ୍ବଇ- ଭଦୋଦରା ଏକ୍ସପ୍ରେସୱେର ସର୍ଭିସ ଲାଇନ୍‌ରେ ଥିବା ପେଟ୍ରୋଲ ପମ୍ପ ନିକଟର ବୋଲି ଜଣାଯାଇଛି। କାର୍‌ରେ ଲମ୍ବା ଦାଢ଼ି ରଖିଥିବା ତାରିକ ନାମକ ବ୍ୟକ୍ତି ବସିଥିବାର ଦେଖାଯାଇଛି। ଅକ୍ଟୋବର ୨୯ରେ ସନ୍ଧ୍ୟା ୪ଟା ୨୦ରେ କାର୍‌ର ପଲ୍ୟୁସନ ସାର୍ଟିଫିକେଟ୍ ବାହାର କରାଯାଇଥିଲା। ଏହି କାର ଗୁରୁଗ୍ରାମ ଆରଟିଓରେ ମହମ୍ମଦ ସଲମାନ ନାମରେ ପଞ୍ଜିକୃତ ହୋଇଛି।

## ଭାଇ ଗିରଫ, ମାଆ ଅଟକ

ଶ୍ରୀନଗର, ୧୧।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ୨୦ ଘଣ୍ଟା ପରେ ମାମଲାର ତଦନ୍ତ ଦାୟିତ୍ୱ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ପାଖକୁ ଯାଇଛି। ଆଜି ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। ମେଟ୍ରୋ ଷ୍ଟେସନ ପାର୍କିଂରୁ ବାହାରୁ ଥିବା ଏହି କାର୍‌ରେ କଳା ମାସ୍କ ପିନ୍ଧି ଜଣେ ବ୍ୟକ୍ତି ବସିଥିବା ଦେଖାଯାଉଛି। ପୁଲିସ ସୂଚନା ଅନୁଯାୟୀ, ଏହି ବ୍ୟକ୍ତିର ନାମ ଡ. ମହମ୍ମଦ ଉମର ନବି। ସେ ପୁଲୱାମାର ବାସିନ୍ଦା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା କୁହାଯାଉଛି। ଡିଏନଏ ଟେଷ୍ଟ କରିବା ପାଇଁ ଜମ୍ମୁ-କଶ୍ମୀର ପୁଲିସ ପୁଲୱାମାରୁ ତାହାର ମାଆ ଏବଂ ଦୁଇ ଭାଇଙ୍କୁ ହେପାଜତକୁ ନେଇଛି। ନବିର ସାଙ୍ଗ ଡ. ସଜ୍ଜାଦକୁ ମଧ୍ୟ ଗିରଫ କରାଯାଇଛି। ଦିନେ ତଳେ ସେ ବିବାହ କରିଥିଲା। ଅନ୍ୟପକ୍ଷରେ ହରିୟାଣାର ଫରିଦାବାଦରୁ ଅନ୍ୟ ଜଣେ ମହିଳା ଡ. ସାହିନ ସାହିଦକୁ ଗିରଫ କରାଯାଇଛି। ସେ ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖା ‘ଜମାତ-ଉଲ-ମୋମିନତ’ର ମୁଖ୍ୟ ଥିଲା। ପାକିସ୍ତାନରେ ଥିବା ଆତଙ୍କବାଦୀ ଅଜହର ମସୁଦର ଭଉଣୀ ଏହି ମହିଳା ଶାଖାର ମୁଖ୍ୟ ରହିଛି।

## ଆତଙ୍କବାଦୀର ପ୍ରେମିକା ଓ ଭାଇ ଘରେ ଚଢ଼ଉ

ଲକ୍ଷ୍ନୌ: ଦିଲ୍ଲୀ ବିସ୍ଫୋରଣକୁ ନେଇ ଉତ୍ତର ପ୍ରଦେଶ (ୟୁପି) ଏଟିଏସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଏଟିଏସ ଟିମ୍ ସହିତ ଜମ୍ମୁ-କଶ୍ମୀର ପୁଲିସ ମଙ୍ଗଳବାର ଦ୍ୱିପହରେ ଡ. ସାହିନ ସାହିଦର ଘରେ ପହଞ୍ଚିଛି। ତାର ଘର ଲକ୍ଷ୍ନୌର ଲାଲବାଗ ଅଞ୍ଚଳ ସ୍ଥିତ ଖନ୍ଦାରୀ ବଜାରରେ ରହିଛି। ଏହି ଟିମ୍ ସମ୍ପୂର୍ଣ୍ଣ ଘରର ତଲାସୀ ନେଇଛି। ଆଖପାଖର ପଡୋଶୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ସାହିନକୁ ଫରିଦାବାଦରୁ ସୋମବାର ଗିରଫ କରାଯାଇଥିଲା। ସେ ଗିରଫ ଡ.ମୁଜମ୍ମିଲ ସକିଲର ପ୍ରେମିକା। ଜମ୍ମୁ-କଶ୍ମୀର ପୁଲିସ ତା କାର୍‌ରୁ ଏକେ-୪୭, ପିସ୍ତଲ ଏବଂ କ୍ୟାଟ୍ରିଜ ଜବତ କରିଥିଲା। ଏହା ପୂର୍ବରୁ ପୁଲିସ ଟିମ୍ ମଡିୟାଁଓ ଥାନା ଅଧିନସ୍ଥ ସାହିନର ଭାଇ ଡ.ପରଭେଜ ଅନ୍‌ସାରୀର ଘରେ ତିନି ଘଣ୍ଟା ପର୍ଯ୍ୟନ୍ତ ଚଢ଼ଉ କରିଥିଲା। ଫାଟକରେ ତାଲା ପଡ଼ିଥିବାରୁ ଏହାକ ଭାଙ୍ଗି ପୁଲିସ ତଲାସୀ ନେଇଥିଲା। ଏହି ଘରେ କେହି ନ ଥିବା ଜଣା ପଡ଼ିଥିଲା। ପଡ଼ୋଶୀ କହିଥିଲେ ଯେ ବୃଦ୍ଧ ପିତା ସୈୟଦ ଅନ୍‌ସାରୀ ସହ ପରଭେଜ ଅନସାରୀ ଏହି ଘରେ ରହୁଛି। ସେ ଲୋକଙ୍କ ସହ ବେଶୀ ମିଳାମିଶା କରେନି। ସାହରନପୁରର ଡେରାଡୁନ ଛକରେ ପରଭେଜର କ୍ଲିନିକ ରହିଛି। ଏଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଡିଜିଟାଲ ଡିଭାଇସ, କାର୍ ଏବଂ ବାଇକ ମିଳିଛି। ଏହି ମାମଲାର ଯାଞ୍ଚ ଜାରି ରହିଛି। ଘର ବାହାରେ ଥିବା କାର୍‌ରେ ଇଣ୍ଟିଗ୍ରାଲ ୟୁନିଭର୍ସିଟିର ପାସ୍ ଲାଗିଛି। ଏହି କାର୍‌କୁ ସହାରନପୁରରୁ କ୍ରୟ କରାଯାଇଥିଲା।

## ପ୍ରାଧ୍ୟାପିକା ସାହିନ ଥିଲା ଆତଙ୍କବାଦୀର ସହଯୋଗୀ

କାନପୁର: ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି। ଏହି ମାମଲାର ଅଭିଯୁକ୍ତ ଡ.ମୁଜାମିଲ ସକିଲକୁ ଗିରଫ କରିବା ପରେ ତାର ସହଯୋଗୀ ତଥା ପ୍ରେମିକା ଡ. ସାହିନକୁ ଧରାଯାଇଛି। ସେ ପୂର୍ବରୁ କାନପୁରର ଗଣେଶ ଶଙ୍କର ବିଦ୍ୟାର୍ଥୀ ମେଡିକାଲ କଲେଜ (ଜିଏସଭିଏମ)ରେ କାର୍ଯ୍ୟରତ ଥିଲା। ସେ ୨୦୦୬ରେ ଜିଏସଭିଏମରେ ଫାର୍ମାକୋଲଜିଷ୍ଟ ଡିପାର୍ଟମେଣ୍ଟର ସହାୟକ ପ୍ରାଧ୍ୟାପିକା ଭାବେ ସାମିଲ ହୋଇଥିଲା। ସେ ଏଠାରେ



୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହା ପରେ ବିନା ସୂଚନାରେ କୁଆଡେ ଗାଏବ ହୋଇଯାଇଥିଲା। ସୂଚନାଅନୁଯାୟୀ ଡ. ସାହିନ ସୈୟଦ ପ୍ରୟାଗରାଜରୁ ଏମ୍‌ବିବିଏସ କରିଥିଲା। ତାର ସ୍ୱାମୀ ଡ.ଜାଫର ସୈୟଦ ଚକ୍ଷୁ ଡାକ୍ତର ଥିଲା।

ଜାଫରଠୁ ଛାଡ଼ପତ୍ର ନେବା ପରେ ସାହିନ ଆତଙ୍କବାଦୀ ଡ. ମୁଜାମ୍ମିଲର ପ୍ରେମିକା ପାଲଟି ଯାଇଥିଲା। ତେବେ ସାହିନକୁ ମୁଜାମିଲ କେଉଁଠି ଭେଟିଥିଲା, ଏହି ବିସ୍ଫୋରଣରେ ତାର କି ସମ୍ପର୍କ ରହିଛି ତାରା ସାମ୍‌ନାକୁ ଆସିନାହିଁ। ସାହିନ ଭାରତରେ ଆତଙ୍କବାଦୀ ସଂଗଠନ ଜୈସର ମହିଳା ଶାଖା ମୁଖ୍ୟ ଥିଲା। ସେ ଭାରତରେ ମହିଳାଙ୍କୁ ଆତଙ୍କବାଦରେ ସାମିଲ କରାଉ ଥିଲା। ଜୈସର ଜମାତ-ଉଲ-ମୋମନତ ସଂଗଠନ ସହ ସାହିନ ଜଡ଼ିତ ଥିଲା। କଲେଜ ସୂତ୍ରରୁ ଜଣାପଡ଼ିଛି ଯେ ଡ. ସାହିନ ସାହିଦ ୟୁପିପିଏସସିରୁ ଚୟନ ହୋଇ ପ୍ରାଧ୍ୟାପିକା ହୋଇଥିଲା। ୨୦୦୯ରେ ୬ ମାସ ପାଇଁ ତାଙ୍କ ବଦଳି କନୌଜ ମେଡିକାଲ କଲେଜକୁ ହୋଇଥିଲା। ଏହା ପରେ ୨୦୧୦ରେ ପୁଣି ସେ କାନପୁର ଆସି ଯାଇଥିଲା। ତେବେ ୨୦୧୩ରେ ସେ କାହାକୁ ନ ଜଣାଇ ଗାଏବ ହୋଇ ଯାଇଥିଲା। ଅନେକ ନୋଟିସ ପଠାଇବା ପରେ ବି ସେ କୌଣସି ଜବାବ ଦେଇ ନ ଥିଲା। କଲେଜ ପକ୍ଷରୁ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ ୨୦୨୧ରେ କଲେଜ ତାକୁ ବରଖାସ୍ତ କରିଦେଇଥିଲା। ମେଡିକାଲ କଲେଜର ଡାକ୍ତରଙ୍କ ଅନୁଯାୟୀ ସାହିନର ବ୍ୟକ୍ତିଗତ ଜୀବନ ମଧ୍ୟ ବିବାଦରେ ଥିଲା। ସେ ୨୦୧୫ରେ ଜାଫର ଠାରୁ ଛାଡ଼ପତ୍ର ନେଇଥିଲା। ଏହା ପରେ ଲକ୍ଷ୍ନୌରେ ରହୁଥିଲା।

## ସନ୍ଦେହରେ ଆଉ ତିନି ଡାକ୍ତର

ଫରିଦାବାଦ୍, ୧୧।୧୧(ଏଜେନ୍ସି): ଫରିଦାବାଦ୍‌ରେ ୨୯୦୦ କେଜି ବିସ୍ଫୋରକ ମିଳିବା ପରେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ପୁଲିସ ଚଢ଼ଉ କରିଛି। ଯାଞ୍ଚ୍ ପାଇଁ ସେଠାରେ ଏନ୍‌ଆଇଏ ଟିମ୍ ପହଞ୍ଚିଛି। ଦେଢ଼ ଘଣ୍ଟା ରେଡ୍ କରିବା ପରେ ଟିମ୍ ସେଠାରୁ ଫେରିଆସିଛି। କିନ୍ତୁ ପୁଲିସ ଏବେ ମଧ୍ୟ ସେଠାରେ ରହିଛି। ପୁଲିସ ବିଶ୍ୱବିଦ୍ୟାଳୟର ଲାବୋରାଟୋରୀରେ କାର୍ଯ୍ୟ କରୁଥିବା ୩ ଜଣ ଲୋକଙ୍କୁ ପଚରାଉଚରା କରିବା ପାଇଁ ଗିରଫ କରିଛି। ତେବେ ଏହି ୩ ଜଣ ବିଶ୍ୱବିଦ୍ୟାଳୟ ଛାତ୍ର କିମ୍ବା କର୍ମଚାରୀ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହାପରେ ପୁଲିସ ଫରିଦାବାଦ୍‌ର ଫତେପୁର ତଗା ଗାଁରେ ଥିବା ମସଜିଦ୍‌ରେ ଯାଞ୍ଚ୍ କରୁଛି। ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ସକିଲ୍ ତଗା ମସଜିଦକୁ ନମାଜ ପଢ଼ିବା ପାଇଁ ଯାଇଥାଏ। ସେଠାରେ ଥିବା ଅନ୍ୟ ଧାର୍ମିକ ଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି ଓ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ହ୍ୱାଟ୍ସଆପ୍ ଚାଟ ଡିଲିଟ୍ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଦିଲ୍ଲୀ ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଉମର ନବୀ ଏହି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିଲା। ସୋମବାର ବିସ୍ଫୋରଣ ଦିନ ଉମର ଏହି ବିଶ୍ୱବିଦ୍ୟାଳୟରୁ ଆଇ୨୦ ଗାଡି ନେଇ ବାହରିଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ପୁଲିସ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟ ସହିତ ଜଡିତ ୩ ଜଣ ଡାକ୍ତର ଆଦିଲ ଅହମ୍ମଦ ରାଠର, ମୁଜାମିଲ ଅହମ୍ମଦ ଗନାଇ ଉରଫ ମୁଜାମିଲ ସକିଲ ଏବଂ ମହିଳା ଡାକ୍ତର ଶାହିନ ଶାହିଦଙ୍କୁ ଗିରଫ କରିଥିଲା। ମଧ୍ୟପ୍ରାଚ୍ୟ ତଥା ଗଲ୍ ଦେଶଗୁଡିକର ପାଣ୍ଠିରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ବୋଲି କୁହାଯାଉଛି।

# ଉଜୁଡ଼ିଗଲା ଡିଟିସି କଣ୍ଡକ୍ଟର, ଟ୍ୟାକ୍ସି ଡ୍ରାଇଭରଙ୍କ ସଂସାର

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଗତକାଲି ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ସାମିଲ ଅଛନ୍ତି। ନିହତ ୧୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କର ଚିହ୍ନଟ ଲାଗି ଡିଏନଏ ପରୀକ୍ଷା କରାଯାଉଛି। ଏଥିପାଇଁ ମୃତକଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ଅପେକ୍ଷା କରି ରହିଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତି ଜାଣିନଥିଲେ ଯେ ମୃତ୍ୟୁ ଏମିତି ଆସିବ ଏବଂ ସେମାନଙ୍କର ସଂସାରକୁ ଉଜାଡ଼ିଦେବ।

ଚିହ୍ନଟ ହୋଇଥିବା ମୃତ ବ୍ୟକ୍ତି ହେଲେ ଅମର କଟାରିଆ, ନୋମାନ ଅନସାରୀ, ମୋହସିନ, ମହମ୍ମଦ ଜୁମ୍ମନ, ପଙ୍କଜ ସାହିନୀ , ଅଶୋକ କୁମାର ଏବଂ ଲୋକେଶ ଅଗ୍ରୱାଲ।

ଏହି ବିସ୍ଫୋରଣରେ ଅନେକ ଲୋକ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତର ପ୍ରଦେଶ ସାମଲି ଜିଲ୍ଲା ଝିନ୍ଝନ ସହରର ବାସିନ୍ଦା ନୋମାନ ଅନସାରୀ। ସେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ଘରେ ଉପରେ ଏବେ ଚଡ଼କ ପଡ଼ିଯାଇଛି। ସେହିପରି ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସାମିଲ ଜିଲ୍ଲାର ନୋମାନ ପ୍ରାଣ ହରାଇଛନ୍ତି। ସେ ବ୍ୟବସାୟ ପାଇଁ ସାମଗ୍ରୀ ଆଣିବାକୁ ସମ୍ପର୍କୀୟ ଭାଇ ଅମାନଙ୍କ ସହ ଦିଲ୍ଲୀ ଯାଇଥିଲେ। କିଣାବିକା ସାରିବା ପରେ ନୋମାନ ଆଉ କିଛି ଜିନିଷ ଆଣିବାକୁ ଚାନ୍ଦିନ ଚୌକ ଯିବାକୁ ବାହାରି ଥିଲେ। ମାତ୍ର ଏହାର କିଛି ମିନିଟ ମଧ୍ୟରେ ବିସ୍ଫୋରଣ ଘଟି ନୋମାନ ପ୍ରାଣ ହରାଇ ଥିଲେ। ତେବେ ଅମାନ ଅଳ୍ପକେ ବର୍ତ୍ତି ଯାଇ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ମୃତକଙ୍କ ମଧ୍ୟରେ ଡିଟିସି କଣ୍ଡକ୍ଟର ଅଶୋକ କୁମାର (୩୪) ସାମିଲ ଅଛନ୍ତି। ସେ ତାଙ୍କ ବନ୍ଧୁ ଲୋକେଶ



ଅଗ୍ରୱାଲଙ୍କ ସହିତ ବାଇକରେ ଯାଉଥିଲେ। ସେମାନେ ଯେଉଁ କାର ପଛେ ଯାଉଥିଲେ, ତାହା ବିସ୍ଫୋରଣ ହୋଇଥିଲା। ଦୁହେଁ ପ୍ରାଣ ହରାଇଛନ୍ତି। ସେମା ।।ନେ ଅମରୋହା ଜିଲ୍ଲାର ବାସିନ୍ଦା। ଟ୍ୟାକ୍ସି ଚଳାଉଥିବା ସେହିଭଳି ପଙ୍କଜ ସାହିନୀ (୨୨) ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ତିନି ବର୍ଷ ହେଲା ସେ ଦିଲ୍ଲୀରେ ଟ୍ୟାକ୍ସି ଚଳାଉ ଥିଲେ। ବିହାର ସମସ୍ତିପୁରର ସାହିନୀ ନିଜ ସମ୍ପର୍କୀୟଙ୍କୁ ଛାଡ଼ିବା ପାଇଁ ପୁରୁଣା ଦିଲ୍ଲୀ ରେଳ ଷ୍ଟେସନକୁ ଯାଇଥିଲେ। ବିସ୍ଫୋରଣ ପରଠୁ ତାଙ୍କ ଫୋନ୍ ସ୍ୱିଚ୍‌ଅଫ ହୋଇଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏବେ ମୃତଦେହ ନେବା ପାଇଁ ତାଙ୍କ ପରିବାର ସଦସ୍ୟ ହସ୍ପିଟାଲ ବାହାରେ ଅପେକ୍ଷା କରି ରହିଛନ୍ତି। ଇ-ରିକ୍ସା ଡ୍ରାଇଭର ମୋହସିନ ଗତକାଲି ସନ୍ଧ୍ୟାରେ ଯାତ୍ରୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ତେବେ ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଦୁଇ ବର୍ଷ ତଳେ ସେ ଦିଲ୍ଲୀ ଆସିଥିଲେ ଏବଂ ଘରର ଏକମାତ୍ର ରୋଜିଗାରିଆ ବ୍ୟକ୍ତି ଥିଲେ। ଅନ୍ୟତମ ମୃତ ବ୍ୟକ୍ତି ହେଲେ ଅମର କଟାରିଆ। ସେ ଔଷଧ ବ୍ୟବସାୟ କରୁଥିଲେ। ସେହିପରି ବିସ୍ଫୋରଣ ଯୋଗୁଁ ଏକ ଧାତବ ପଦାର୍ଥ ଆସି ପେଟରେ ବାଜିବାରୁ ଅଟୋ ଡ୍ରାଇଭର ଅବଧେଶ ମଣ୍ଡଳ ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗାଡ଼ି ଚଳାଇ ଚାରି କିମି ଦୂର ହସ୍ପିଟାଲରେ ପହଞ୍ଚି ଥିଲେ। ଏହା ବ୍ୟତୀତ ୩୪ ବର୍ଷୀୟ ଆଜାଦ ଆଲମଙ୍କ ଦେହରେ ଲୁହା ଏବଂ କାଚ ଆଦି ମାଡ଼ ହୋଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ନିଜ ଭାଇଙ୍କୁ ଫୋନ କରିଥିଲେ।



ମା' ହେବେ ଓନସ ଜାବେଉର୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-136 ♦WEDNESDAY ♦12 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୩୬ ♦ବୁଧବାର ♦୧୨ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



## ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ; ଏନ୍ଆଇଏର ତନାଘନା ଆରମ୍ଭ

# ଖୋଲୁଛି ଷଡ଼ଯନ୍ତ୍ରର ଗୁମର



■ **ନୂଆଦିଲ୍ଲୀ, ୧୧।୧୧ (ଏଜେନ୍ସି):** ଗତକାଲି ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣର ତନାଘନା ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ। ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାଖ ମିଳିଛି। ଯେଉଁ ଆଇ-୨୦ କାର ବିସ୍ଫୋରଣ ହୋଇଛି, ତାହାକୁ ଚଳାଉଥିବା ସନ୍ଦିଗ୍ଧ ବ୍ୟକ୍ତି ଚିହ୍ନଟ ହେଉଛି। ସେ ହେଉଛି ଡାକ୍ତର ଉମର-ଉନ-ନବି। ସମଗ୍ର ବିସ୍ଫୋରଣ ଷଡ଼ଯନ୍ତ୍ରରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଉଛି। ତା ଘର ହେଉଛି ଜମ୍ମୁ-କଶ୍ମୀରର ପୁଲୱାମାରେ। ସେ ହରିଆଣା ଫରିଦାବାଦର ଅଲ-ଫଲାହ ମେଡିକାଲ କଲେଜରେ ଡାକ୍ତର ଥିଲା। ସେ ନିଖୋଜ ଥିବା ବେଳେ ପୁଲିସ ତା ଘରେ ଚଢଉ କରି ପରିବାରର ତିନି ଜଣଙ୍କୁ ଅଟକ ରଖାଯିବା ସହ ଉମରଙ୍କ ମା'ଙ୍କର ଡିଏନ୍ଏ ଟେଷ୍ଟ କରାଯାଇଛି। ବିସ୍ଫୋରଣସ୍ଥଳରୁ ମିଳିଥିବା ଶରୀରର ଅଂଶବିଶେଷ ସହିତ ଡିଏନ୍ଏ ଟେଷ୍ଟ ରିପୋର୍ଟ ମେଳ ଖାଇଲେ ଉମର ମୃତ ବୋଲି ଘୋଷଣା କରାଯିବ।

### ଡାକ୍ତର ଉମର ବିସ୍ଫୋରଣର ମାଷ୍ଟରମାଇଣ୍ଡ
### ଉମରଙ୍କ ପରିବାରର କରାଗଲା ଡିଏନ୍ଏ ଟେଷ୍ଟ
### ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି, ଆଉ ୬ ଗିରଫ
### କୌଣସି ଦୋଷୀକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ
### ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି; ବଢ଼ିବା ଆଶଙ୍କା



ସେହିପରି ଏହି ବିସ୍ଫୋରଣ ସହ ସଂପୃକ୍ତ ଥିବା ସନ୍ଦେହରେ ପୁଲିସ ଅଲ ଫଲାହ କଲେଜର ଆଉ ତିନି ଜଣ ଡାକ୍ତରଙ୍କୁ ମଧ୍ୟ ଗିରଫ କରିଛି। ଆଜି ଏହି ଘଟଣାରେ ଉତ୍ତର ପ୍ରଦେଶ ସମେତ ହରିଆଣା ଓ ଜମ୍ମୁ-କଶ୍ମୀରରେ ପୁଲିସ ଚଢ଼ଉ କରିଛି। ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନେକ ଲୋକଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ବେଳେ ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ବିସ୍ଫୋରଣରେ ସଂପୃକ୍ତ ଥିବା କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ଏବଂ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକ କରାଯିବ। ଏହି ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି।

ଗତକାଲି କାର ବିସ୍ଫୋରଣ ପରେ ପୁଲିସ ଉକ୍ତ କାର ସଂପର୍କରେ ତନାଘନା ଆରମ୍ଭ କରିଥିଲା। ଗତକାଲି ଏହି କାର ଫରିଦାବାଦରୁ ଦିଲ୍ଲୀ ଆସିଥିଲା। ଏଥିରେ ତିନି ଜଣ ଥିଲେ। ଡାକ୍ତର ଉମର କାର ଚଳାଉଥିବା ବେଳେ ସେ ମାସ୍କ ପିନ୍ଧିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ଦେଖାଯାଉଛି। ଉମର ତିନି ଘଣ୍ଟା ଧରି କାର ଚଳାଉଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ବିସ୍ଫୋରଣ ବେଳେ ସେ ଅନ୍ୟ ଦୁଇ ଜଣ ବ୍ୟକ୍ତି ▶ପୃଷ୍ଠା-୭

## ସରିଲା ବିହାର ନିର୍ବାଚନ

# ଏନ୍ଡିଏ ସପକ୍ଷରେ ବୁଥ୍ ବାହୁଡ଼ା ମତ

■ **ପାଟନା, ୧୧।୧୧ (ଏଜେନ୍ସି):** ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ପାଇଁ ନିର୍ବାଚନ ଆଜି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୬୫.୦୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରେକର୍ଡ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ।

ନିର୍ବାଚନରେ ମୁଖ୍ୟ ମୁକାବିଲା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍ଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ହେଉଛି। ତେବେ ନିର୍ବାଚନରେ ଏନଡିଏକୁ ସ୍ପଷ୍ଟ ବହୁମତ ମିଳିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତରୁ ଜଣାପଡୁଛି। ସରକାର ଗଠନ ପାଇଁ ୧୨୨ ଆସନ ଆବଶ୍ୟକ ଥିବା ବେଳେ ଏନଡିଏ ୧୩୦ରୁ ୧୬୭ ମଧ୍ୟରେ ଆସନ ହାସଲ କରିପାରେ ବୋଲି ସର୍ଭେରେ କୁହାଯାଇଛି। ସେହି ସର୍ଭେ ଅନୁଯାୟୀ ତେଜସ୍ୱୀଙ୍କ ମହାମେଣ୍ଟକୁ

| ଆକଳନକାରୀ ସଂସ୍ଥା | ଏନ୍ଡିଏ | ମହାମେଣ୍ଟ | ଅନ୍ୟ |
|---|---|---|---|
| ଜେଭିସି ପଲ୍ସ | ୧୩୫-୧୫୦ | ୮୮-୧୦୩ | ୩-୬ |
| ମାଟ୍ରିଜ | ୧୪୭-୧୬୭ | ୭୦-୯୦ | ୨-୧୦ |
| ପିପୁଲ୍ସ ଇନ୍ସାଇଟ୍ | ୧୩୩-୧୪୮ | ୮୭-୧୦୨ | ୩-୬ |
| ପିପୁଲ୍ସ ପଲ୍ସ | ୧୩୩-୧୫୯ | ୭୫-୧୦ | ୧୨-୧୩ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୫-୧୦ |
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୩-୫ |
| ଟାଇମ୍ସ ନାଓ | ୧୪୩ | ୯୫ | ୫ |

ଏଥର ପୁଣି ଝଟକା ଲାଗିଛି। ଏହି ମେଣ୍ଟକୁ ୭୦ରୁ ୧୦୮ ମଧ୍ୟରେ ଆସନ ମିଳିପାରେ। ତେବେ ପ୍ରଶାନ୍ତ କିଶୋରଙ୍କ ଜନସୂରଜ ପାର୍ଟିକୁ ବିଶେଷ ସଫଳତା ମିଳିବ ନାହିଁ। ▶ପୃଷ୍ଠା-୭

# ନୂଆପଡ଼ାରେ ୭୭.୯୩% ମତଦାନ


■ **ନୂଆପଡ଼ା/ ଭୁବନେଶ୍ୱର, ୧୧।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଶେଷ ହୋଇଛି ମତଦାନ। ମତଦାନ ଶେଷ ସହ ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଥିବା ବେଳେ ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳ ପ୍ରକାଶ ପାଇବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୭ଟା ସୁଦ୍ଧା ମୋଟ ୭୭.୯୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଅପରପକ୍ଷେ କର୍ତ୍ତବ୍ୟରେ ଅବହେଳା ଓ ମତଦାତାଙ୍କ ଗୋପନୀୟତା ଉଲ୍ଲଂଘନ କରିଥିବା ହେତୁ କୁଳିଆବନ୍ଧ ପିଏସ୍-୩୬ର ପ୍ରିଜାଇଡିଂ ଅଫିସର ଏବଂ ବୁଥ ନମ୍ବର ୪୬ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ଅପରପକ୍ଷେ ଭୋଟଗ୍ରହଣ ସମୟରେ ଇଭିଏମ ମାଧ୍ୟମରେ ଭୋଟଚୋରୀଠାରୁ ଆରମ୍ଭ କରି ଶାସକ ଦଳର ସମର୍ଥକମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସଂକ୍ରାନ୍ତରେ ମାଳମାଳ ଅଭିଯୋଗ ଆଣିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଏବଂ ଜାତୀୟସ୍ତରରେ ଚର୍ଚ୍ଚିତ 'ଭୋଟ ଚୋରି' ଅଭିଯୋଗକୁ ଅଧିକ ଖୋରାକ ▶ପୃଷ୍ଠା-୭

### ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍

### ଦାୟିତ୍ୱରେ ଅବହେଳା, ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ

## ଟେଷ୍ଟିଂ ବେଳେ ଧରାପଡ଼ିଲା ଇଭିଏମ୍ ତ୍ରୁଟି

# 'ହାତ'ରେ ଟିପିଲେ 'ପଦ୍ମ' !



■ **ନୂଆପଡ଼ା/ଭୁବନେଶ୍ୱର, ୧୧।୧୧ (ସମିସ):** ଭୋଟ ଚୋରିକୁ କଂଗ୍ରେସ ସାରା ଦେଶରେ ପ୍ରସଙ୍ଗ କରିଥିବା ସମୟରେ ନୂଆପଡ଼ା ଉପନିର୍ବାଚନରେ କେତେକ ଘଟଣା ଏହାକୁ ଅଧିକ ବଳ ଯୋଗାଇଛି। ନୂଆପଡ଼ାର କିଛି ମତଦାନ କେନ୍ଦ୍ରରେ ଭୋଟରମାନେ ଇଭିଏମ୍ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍ରେ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲେ ମଧ୍ୟ ତାହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଅଭିଯୋଗ ହୋଇଛି।

କୋମନା ବ୍ଲକ୍ ଅନ୍ତର୍ଗତ ଭାଲୁକୋନାର ୨୫୦ ନମ୍ବର ବୁଥରେ ଏପରି ସାଂଘାତିକ ଘଟଣାର ଛବି ଦେଖିବାକୁ ମିଳିଛି। ଏଠାରେ ମତଦାତାମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ ସମୟରେ ସବୁ ଭୋଟ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ବିଜେଡି, କଂଗ୍ରେସ ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଇଭିଏମ୍ରେ ବୋତାମ ଟିପିବା ସମୟରେ ତାହା ବିଜେପିକୁ ଯାଉଥିବା ଭୋଟରମାନେ ଅଭିଯୋଗ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ କିଛି ସମୟ ମତଦାନ ବନ୍ଦ ରହିଥିଲା। ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହା ଯୋଜନାବଦ୍ଧ ଭୋଟ ଚୋରି ବୋଲି ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରତ ସେକ୍ଟର ଅଫିସର ଅନ୍ୟ ଇଭିଏମ୍ ଆଣିବା ପରେ ପୁନର୍ବାର ମତଦାନ କରାଯାଇଥିଲା।

## ପୁଲିସ ଏସ୍ଆଇ ଚାକିରି ବିକ୍ରି

# ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି

■ **ଭୁବନେଶ୍ୱର,୧୧।୧୧(ସମିସ):** ଏସ୍ଆଇ ଚାକିରି ବିକ୍ରି ମାମଲାର ସିବିଆଇ ତଦନ୍ତ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ସହ ଏହାର ନକଲ ଓଡ଼ିଶା ମୁଖ୍ୟ ସଚିବ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି।

ରାଜ୍ୟରେ ଅକ୍ଟୋବର ୫ ଏବଂ ୬ ତାରିଖରେ ହେବାକୁଥିବା ଏସ୍ଆଇ ପରୀକ୍ଷା ପୂର୍ବରୁ ପରୀକ୍ଷା ପରିଚାଳନା ନିମନ୍ତେ ଠିକା ନେଇଥିବା ଆଇଟିଆଇରୁ ସବ୍ଲେଟ ପାଇଥିବା ସିଲିକନ୍ ଟେକ୍ଲାବ ଓ ଏହାର ସହଯୋଗୀ ସଂସ୍ଥା ପଞ୍ଚସଫ୍ଟ ପରୀକ୍ଷାର୍ଥୀଙ୍କୁ ତାଲିମ ପାଇଁ ନେବାବେଳେ ଧରାପଡ଼ିଥିଲେ। ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ଦଲାଲମାନଙ୍କୁ ଶ୍ରୀକାକୁଲମରୁ ପୁଲିସ ଗିରଫ କରିଥିଲା। ନିଯୁକ୍ତି ଆଶାୟୀଙ୍କ ଠାରୁ ୨୫ରୁ ୫୦ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଇ ଚାକିରି ଦିଆଯିବା ପ୍ରତିଶ୍ରୁତି ଦିଆଯାଇଥିବା ▶ପୃଷ୍ଠା-୭

# ଟ୍ରାକ୍ଟର୍ ମଡ଼ାଇ ଜେଜେ-ନାତିଙ୍କୁ ହତ୍ୟା

■ **ଧର୍ମଗଡ଼, ୧୧।୧୧ (ସମିସ):** ଟ୍ରାକ୍ଟର୍ ଚଢ଼ାଇ ୨ ଜଣଙ୍କୁ ମାରିଦେଲେ ଚୋର। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ମେରଘରା ଗ୍ରାମରେ ଗତ ରାତିରେ ଘଟିଥିବା ଏପରି ଏକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ହରିଶଙ୍କର ଭଇଁସାଲ ଓ ସତ୍ୟମ ଭଇଁସାଲ। ସଂପର୍କରେ ଦୁହେଁ ଜେଜେ-ନାତି। ଟ୍ରାକ୍ଟର୍ ଡାଲା ଚୋରି କରିନେଉଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଦୁହେଁ ପିଛା କରୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇଥିଲେ। ଏନେଇ ପୁଲିସ୍ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▶ପୃଷ୍ଠା-୭

### ଚୋରଙ୍କୁ ଧରିବାକୁ ଯାଇଥିଲେ

### ଶବ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ





## ହାଇକୋର୍ଟରେ ପୀତବାସ ହତ୍ୟା ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍ପି

■ **କଟକ, ୧୧।୧୧ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମାକୁ ଯୋଡ଼ି ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ସାର୍ବଜନୀନ କରିବା ମାମଲାରେ ବ୍ରହ୍ମପୁର ଏସ୍ପି ସର୍ବଣା ବିବେକ ଏମ. ଆଜି ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବ ନିର୍ଦ୍ଦେଶ ଅନୁସାରେ, ଏସ୍ପି ଦାଖଲ କରିଥିବା ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରିବା ସହ ଏସ୍ପିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ନାହିଁ କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

## ନରମିଲା ଟ୍ରମ୍ପଙ୍କ ସ୍ୱର

# ଭାରତ ଉପରୁ କମିବ ଟାରିଫ୍

■ **ୱାଶିଂଟନ୍, ୧୧।୧୧ (ଏଜେନ୍ସି):** ଭାରତ ଉପରୁ କମ୍ ହେବ ଟାରିଫ୍। ଏ ନେଇ ସଙ୍କେତ ଦେଇଛନ୍ତି ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଖୁବ୍ ଶୀଘ୍ର ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତିରେ ବାଜିବ ମୋହର। ଆମେରିକା ଏବଂ ଭାରତ ମଧ୍ୟରେ ବିଗିଡ଼ିଥିବା ସମ୍ପର୍କକୁ ପୁନଃସ୍ଥାପିତ କରିବାର ଦାୟିତ୍ୱ ଏବେ ଭାରତ ପାଇଁ ନୂତନ ଭାବେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କ ଉପରେ ରହିବ। ଗୋରଙ୍କ ଶପଥ ଗ୍ରହଣ ସମାରୋହରେ ଅଧ୍ୟକ୍ଷତା କରି ଟ୍ରମ୍ପ ଆଶା ପ୍ରକାଶ କରିଥିଲେ ଯେ ଗୋର୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବେ। ସେ କହିଥିଲେ, ମୁଁ ଆମ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ପର୍କ ମଧ୍ୟରୁ ଗୋଟିଏ - ଭାରତ ସହିତ ଆମର ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ସର୍ଗିଓ ଗୋରଙ୍କ ଉପରେ ନିର୍ଭର କରୁଛି।



### ଖୁବ୍ଶୀଘ୍ର ବାଣିଜ୍ୟ ଚୁକ୍ତିରେ ମୋହର

ଏହା ଏକ ବହୁତ ବଡ଼ କଥା। ଟ୍ରମ୍ପ୍ ଆହୁରି କହିଛନ୍ତି ଯେ ଭାରତ ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ମଧ୍ୟରୁ ଗୋଟିଏ ଏବଂ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଦେଶ, ଯେଉଁଠାରେ ପାଖାପାଖି ୧୫୦ କୋଟି ଲୋକ ରହୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଅଛି। ଯେତେବେଳେ ଟ୍ରମ୍ପ୍ଙ୍କୁ ଭାରତ ସହିତ ବାଣିଜ୍ୟ ଚୁକ୍ତିର ଅଗ୍ରଗତି ଏବଂ ଶୁଳ୍କ (ଆମଦାନୀ ଶୁଳ୍କ) ହ୍ରାସ କରିବାର ସମ୍ଭାବନା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ବର୍ତ୍ତମାନ ଭାରତ ଉପରେ ଶୁଳ୍କ ବହୁତ ଅଧିକ। ପୂର୍ବରୁ, ଭାରତ ରୁଷରୁ ତେଲ ଆମଦାନୀ କରୁଥିଲା, କିନ୍ତୁ ବର୍ତ୍ତମାନ ତାହା ଯଥେଷ୍ଟ ହ୍ରାସ ପାଇଛି। ତେଣୁ, ଆମେ ଖୁବ୍ ଶୀଘ୍ର ଭାରତ ଉପରେ ଶୁଳ୍କ ହ୍ରାସ କରିବାକୁ ଯାଉଛୁ ଏବଂ ଆମେ କୌଣସି ସମୟରେ ସେଗୁଡ଼ିକୁ ହ୍ରାସ କରିବୁ। ଏହି ବିବୃତ୍ତି ସହିତ ଟ୍ରମ୍ପ ଇଙ୍ଗିତ ଦେଇଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଉନ୍ନତ ହେବା ସହିତ ଭବିଷ୍ୟତରେ ଆମଦାନୀ ଶୁଳ୍କ ହ୍ରାସ କରାଯାଇପାରିବ।

ସେ ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ଦେଶ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ରଣନୈତିକ ଅଂଶୀଦାର। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରଦୂତ ଭାବରେ, ସେର୍ଗିଓ ଗୋରଙ୍କ କାର୍ଯ୍ୟ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା, ଆମେରିକୀୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ପ୍ରୋତ୍ସାହିତ କରିବା, ଆମେରିକୀୟ ଶକ୍ତି ରପ୍ତାନି ବୃଦ୍ଧି କରିବା ଏବଂ ସୁରକ୍ଷା ସହଯୋଗକୁ ବିସ୍ତାର କରିବା।

## ତଳମୁହାଁ ପାରଦ

# ୩ ଦିନରେ ଖସିବ ୩ ଡିଗ୍ରୀ

■ **ଭୁବନେଶ୍ୱର, ୧୧।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ଜାରି ରହିଛି। ତାପମାତ୍ରା ତଳମୁହାଁ ହେତୁ ଅନେକ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ଏହି କ୍ରମରେ ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ପୁଣି ପାରଦ ତଳମୁହାଁ ହୋଇଛି। ଏଠାରେ ତାପମାତ୍ରା ୧୧.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ତାପମାତ୍ରା ୧୨.୯, କେନ୍ଦୁଝର ୧୩.୪, ସମ୍ବଲପୁରରେ ୧୫.୬, ହୀରାକୁଦ ୧୫.୬, ଭୁବନେଶ୍ୱର ୧୬.୨, ବାଲେଶ୍ୱର ୧୭.୮, ପାରାଦୀପରେ ୧୮.୭, ଗୋପାଳପୁର ୧୮.୮, ଚାନ୍ଦବାଲି ୧୯.୨ ଓ ପୁରୀରେ ତାପମାତ୍ରା ୨୦.୫ ଡିଗ୍ରୀ ରେକର୍ଡ ହୋଇଛି। ପଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଡିସେମ୍ବର ୧୭ରେ ଓଟିଇଟି

**କଟକ,୧୧।୧୧(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) -୨୦୨୫ ପରୀକ୍ଷା ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତାକାଲିଠାରୁ ଏଥିପାଇଁ ଅନଲାଇନ ଆବେଦନ ପାଇଁ ଲିଙ୍କ୍ ବୋର୍ଡ ୱେବସାଇଟ୍ରେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଫି' ଦେୟ ଓ ଫର୍ମ ଦାଖଲ ଆସନ୍ତା ନଭେମ୍ବର ୨୬ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ କରାଯାଇପାରିବ। ସେହିଭଳି ଆସନ୍ତା ଡିସେମ୍ବର ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ। ପ୍ରକାଶଥାଉକି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଗତ ଜୁଲାଇ ୨୦ରେ ହେବାକୁ ଥିବା ▶ପୃଷ୍ଠା-୭

# ଧାରପୁର ବାଳିକା ବିଦ୍ୟାଳୟରେ ଅଚଳାବସ୍ଥା
# ହୋଇ ପାରୁନି ଫର୍ମ ପୂରଣ; ମଧ୍ୟାହ୍ନ ଭୋଜନ ବନ୍ଦ

ବରୀ,୧୧।୧୧(ସମିସ)

ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାରମ୍ବାର ଅନୁପସ୍ଥିତ ରହିବା, ବିଦ୍ୟାଳୟ ଛାତ୍ରୀ ଓ ଶିକ୍ଷକମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ, ଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ କରିଦେବା, ବିଦ୍ୟାଳୟ ଅର୍ଥର ଦୁରୋପଯୋଗ, ଛାତ୍ରୀମାନଙ୍କ ଦ୍ୱାରା ପରିସ୍ରାଗାର ସଫା କରିବା ପାଇଁ ବାଧ୍ୟ କରିବା, ବିଦ୍ୟାଳୟର ବାର୍ଷିକ ଉତ୍ସବ ନ କରିବା ଏବଂ ଶିକ୍ଷାଦାନରେ ଅନିୟମିତା ଇତ୍ୟାଦି ବହୁ ଅଭିଯୋଗ କରି ଛାତ୍ରୀମାନେ ଗତ ଅକ୍ଟୋବର ୧୮ତାରିଖରେ ବିଦ୍ୟାଳୟ ବନ୍ଦ କରି ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହା ପରେ ବରୀର ମଣ୍ଡଳ ଶିକ୍ଷାଧିକାରିଣୀ ଏବଂ ଯାଜପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ଆସି ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ମତାମତ ନେଇ ସଂପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତି ମଧ୍ୟରେ ଦୀର୍ଘ ଏକ ମାସ ବିତିଯାଇଥିଲେ ସୁଦ୍ଧା ପ୍ରଧାନଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବରଂ ପ୍ରଧାନ ଶିକ୍ଷକଙ୍କୁ ବିଇଓ ଅଫିସରେ ଉପସ୍ଥାନ କରାଇବା ଯୋଗୁ ପ୍ରଧାନଶିକ୍ଷକ ମଧ୍ୟ ବିଦ୍ୟାଳୟକୁ ଆସୁନାହାନ୍ତି। ଫଳରେ ଶିକ୍ଷକଶିକ୍ଷୟିତ୍ରୀ ଗତ ମାସର ବେତନ ପାଇନାହାନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ଅର୍ଥ ଉଠାଣ ନହେବା ଫଳରେ ତିନି ମାସ ହେବ ମଧ୍ୟାହ୍ନ ଭୋଜନର ଜିନିଷପତ୍ର ଯୋଗାଉଥିବା ଦୋକାନୀ ତାଙ୍କର ପ୍ରାପ୍ୟ ମଧ୍ୟ ପାଇନାହାନ୍ତି। ତେଣୁ ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି। ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷା ପାଇଁ ଫର୍ମପୂରଣ ୧୦ ନଭେମ୍ବରରୁ ଆରମ୍ଭ ହୋଇ ତାହା ୨୨ ନଭେମ୍ବରରେ ଶେଷ ହେବ। ଏଣୁ ପରୀକ୍ଷାର୍ଥୀମାନେ ଫର୍ମପୂରଣ ନ କରିବାର ଆଶଙ୍କା ଦେଖାଦେଇଛି। ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଓ ବରୀ ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ସ୍କୁଲର ପରିଚାଳନା କମିଟି ଓ ପୁରାତନ ଛାତ୍ରୀ ସଂଘର ସଭାପତିମାନେ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ପୂର୍ବରୁ ଏ ବିଷୟରେ ଜିଲ୍ଲପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ ଓ ଶିକ୍ଷା ବିଭାଗର ଅଧିକାରି ମାନଙ୍କୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ଚକିତ କରିଛି। ଧାରପୁର ସରକାରୀ ବାଳିକା ବିଦ୍ୟାଳୟ ଯାଜପୁର ଜିଲ୍ଲାର ସର୍ବପୁରାତନ ବାଳିକା ବିଦ୍ୟାଳୟ। ଏହି ବିଦ୍ୟାଳୟ ଛାତ୍ରୀମାନଙ୍କ ପାଠପଢ଼ାରେ ବ୍ୟାଘାତ ହେବା ସହ ୧୦ମ ଶ୍ରେଣୀର ଛାତ୍ରୀମାନେ ଆଗାମୀ ବୋର୍ଡ ପରୀକ୍ଷା ନେବା ନେଇ ଅନିଶ୍ଚିତା ଦେଖାଦେଇଛି। ଏପରିସ୍ଥଳେ ଶିକ୍ଷା ବିଭାଗର ନିରବତା ଦୁଃର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।



# ଟ୍ରାକ୍ଟରକୁ ଧକ୍କା ଦେଲା ବୁଲେଟ; ଜଣେ ଗୁରୁତର

ବ୍ରହ୍ମବରଦା,୧୧।୧୧(ସମିସ): ବରୁଆଁ- କୃଷ୍ଣଦାସପୁର ମୁଖ୍ୟ ରାସ୍ତାର ନାଳକୂଳ ପେଟ୍ରୋଲ ପମ୍ପ ନିକଟରେ ଏକ ଦ୍ରୁତଗାମୀ ବୁଲେଟ୍ ଟ୍ରାକ୍ଟରକୁ ଧକ୍କା ଦେବାରୁ ବୁଲେଟ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ଧର୍ମଶାଳା ଥାନା ଅଧୀନ କୋଟପୁର ପଞ୍ଚାୟତ ଭାବିଲ ଗ୍ରାମର ତାରାକାନ୍ତ ଦାସ। ଘଟଣାସ୍ଥଳରେ ବ୍ରହ୍ମବରଦା ପୁଲିସ ପହଞ୍ଚି ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଖବର ମତେ ଆଜି ସନ୍ଧ୍ୟାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଯାଉଥିବା ସମୟରେ ବ୍ରହ୍ମବରଦା ପଟୁ ବୁଲେଟ ଚଳାଇ ଯାଉଥିବା ତାରାକାନ୍ତ ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲେ। ଫଳରେ ବୁଲେଟ ଚାଳକ ତାରାକାନ୍ତ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତାରାକାନ୍ତଙ୍କୁ ଧର୍ମଶାଳା ମେଡିକାଲକୁ ପଠାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟର ଓ ବୁଲେଟକୁ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ● ମାଁସଡ଼ାରେ ଚୋରା ମଦ ବିକ୍ରି ବନ୍ଦ ଦାବି
# ଥାନା ଘେରିଲେ ଶତାଧିକ ମହିଳା



ବିଞ୍ଝାରପୁର,୧୧।୧୧(ସମିସ): ବିଞ୍ଝାରପୁର ବ୍ଲକର ଏକ ପ୍ରମୁଖ ପଞ୍ଚାୟତ ହେଉଛି ମାଁସଡା ଗ୍ରାମପଞ୍ଚାୟତ। ଯେଉଁ ପଞ୍ଚାୟତରେ ଚୋରାମଦ କାରବାରକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ ସବୁଜାଣି ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲା। ଏଥିସକାଶେ ମାଁସଡ଼ା ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ମଙ୍ଗଳବାର ଯୁବ ବିଜେଡି ସଭାପତି ଦିଲ୍ଲିପ ରାଉଳଙ୍କ ନେତୃତ୍ୱରେ ମାଁସଡ଼ା ଗ୍ରାମର ଶତାଧିକ ମହିଳା ବିଞ୍ଝାରପୁର ଥାନା ଘେରଉ କରିବା ସହିତ ତୁରନ୍ତ ମାଁସଡା ଛକରେ ଚୋରାମଦ କାରବାର ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ମାଁସଡ଼ା ଛକ ନିକଟରୁ ଶହେ ମିଟର ଦୂରରେ ଦୁଇଟି ସରକାରୀ ବିଦ୍ୟାଳୟ, ଗୋଟିଏ ଆଇଟିଆଇ ଓ ପୋଷ୍ଟ ଅଫିସ ରହିଛି। ତା' ସହିତ ମାଁସଡ଼ାଛକ ବସ୍ ରହଣି ସ୍ଥଳ ହୋଇଥିବାରୁ ଦୈନନ୍ଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଯାତ୍ରୀମାନେ ଯିବାଆସିବା କରିଥାନ୍ତି। ହେଲେ ମାଁସଡ଼ା ଛକ ମଝିରେ ଜଣେ ଅସାମାଜିକ ବ୍ୟକ୍ତି ଖୁଲମଖୁଲା ଚୋରାମଦ ବିକ୍ରୟ କରୁଥିବାରୁ ବହୁ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଯାହାଦ୍ୱାରା ଛକ ଦେଇ ଯିବା ଆସିବା କରିବା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀ ନିଜକୁ ସୁରକ୍ଷିତ ମନେ କରୁନାହାଁନ୍ତି। ତେଣୁ ଏହି ଚୋରାମଦ ବିକ୍ରୟ କାରବାରକୁ ରୋକିବା ଦାବିରେ ବିଞ୍ଝାରପୁର ବ୍ଲକ ଯୁବ ବିଜେଡି ସଭାପତି ଦିଲ୍ଲିପ ରାଉଳଙ୍କ ନେତୃତ୍ୱରେ ମାଁସଡ଼ା ଗ୍ରାମର ଶତାଧିକ ମହିଳା ଥାନା ଘେରଉ କରିବା ସହିତ ତୁରନ୍ତ ମାଁସଡ଼ା ଛକରେ ହେଉଥିବା ଚୋରାମଦ ବିକ୍ରୟକୁ ରୋକିବାକୁ ଦାବିପତ୍ର ଦେଇଥିଲେ। ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରିବା ସହିତ ତୁରନ୍ତ ଚୋରାମଦ ବିକ୍ରୟ ରୋକିବା ପାଇଁ ପ୍ରତିଶ୍ରୁତି ଦେବାରୁ ଥାନା ସମ୍ମୁଖରୁ ଘେରଉ ହଟିଥିଲା।

## ● ଟ୍ରକ୍ ଧକ୍କାରେ କାର୍ କ୍ଷତିଗ୍ରସ୍ତ
# ଅଳ୍ପକେ ବର୍ତ୍ତିଲେ ଦୁଇ ସାମ୍ବାଦିକ



ପାଣିକୋଇଲି,୧୧।୧୧(ସମିସ): ଦୁର୍ଘଟଣାର ହବ୍ ପାଲିଟିଥିବା ପାଣିକୋଇଲି ଥାନା ଅନ୍ତର୍ଗତ ଟ୍ରାଫିକ ଗୋଲେଇ ଉପରେ ଆଜି ଅପରାହ୍ନରେ ପୁଣି ଏକ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ସ୍ଥାନୀୟ ଅଞ୍ଚଳର ଦୁଇ ସାମ୍ବାଦିକ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲେ ମଧ କାର୍‌ଟି କ୍ଷତିଗ୍ରସ୍ତ ହୋଇଛି। ପ୍ରକାଶଯେ ଆଜି ଅପରାହ୍ନ ସମୟରେ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ର ଯାଜପୁର ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଓ ପ୍ରଦୀପ ମାଝୀ ନିଜ କାର (ଓଡ଼ି୩୪ ଜି୭୬୬୧)ରେ ପାଣିକୋଇଲି ବଜାରରେ ଥିବା ଗୋଲେଇରେ ବୁଲି ନିଜ ଘରକୁ ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍ ଆସୁଥିବାରୁ ଶ୍ରୀ ଧଳ ନିଜ କାର୍‌ଟିକୁ ଛିଡ଼ା କରିଦେଇଥିଲେ। ଏହି ସମୟରେ ଷଠିପୁର ପଟୁ ଏକ ଟ୍ରକ (ଓଡ଼ି୧୬ଇ୦୯୯୮) ଓଭରବ୍ରିଜ ମଧ ଦେଇ ଦ୍ରୁତଗତିରେ ଆସି ଶ୍ରୀ ଧଳଙ୍କ କାରକୁ ଧକ୍କା ଦେବା ସହିତ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ କାରଟି କ୍ଷତିଗ୍ରସ୍ତ ହୋଇଥିଲା। ଟ୍ରକଟି ଦୁର୍ଘଟଣା ଘଟାଇ ପଳାଇଯିବା ଲାଗି ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଜନସାଧାରଣ ଟ୍ରକକୁ ଅଟକାଇଥିଲେ। ପୁଲିସ ଉକ୍ତ କାର୍ ଓ ଟ୍ରକ୍‌କୁ ଜବତ କରିଛି।

# ଗନ୍ଧଣ ବିଜେଡିର ସାଂଗଠନିକ ବୈଠକ




କୁଆଖିଆ,୧୧।୧୧(ସମିସ): କୋରେଇ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତାଙ୍କ ଗହଣରେ ପଞ୍ଚାୟତରେ ପଦଯାତ୍ରା ପରେ ବୈଠକ ଅନୁଷ୍ଠିତ ହୋଇ ପଞ୍ଚାୟତରେ ବିଜେଡିକୁ କିଭଳି ସଂଗଠିତ ଏବଂ ମଜବୁତ କରାଯାଇ ପାରିବ, ସେନେଇ ଆଲୋଚନା ହୋଇଥିଲା। ବିଜେଡ ନେତା ଭବପ୍ରସାଦ ଦାସ ପଞ୍ଚାୟତରେ ଅନୁଷ୍ଠିତ ପଦଯାତ୍ରା ଏବଂ ବୈଠକରେ ସାମିଲ ହୋଇ ଦଳକୁ ତୃଣମୂଳ ସ୍ତରରୁ ଶସକ୍ତ କରିବା ଏବଂ ଯୁବ, ମହିଳା, ବରିଷ୍ଠଙ୍କୁ ଦଳୀୟ କାର୍ଯ୍ୟକ୍ରମରେସାମିଲକରିବାସହବିଜେପିସରକାରରପ୍ରତାରଣାକୁଘରେଘରେପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଉଭୟ ବୈଠକରେ ବ୍ଲକ ସଭାପତି ବିଜୟ ଘଡ଼ାଇ, ପୂର୍ବତନ ଜିଲ୍ଲା ସଭାପତି ପ୍ରତାପ ମହାନ୍ତି, ପୂର୍ବତନ ଛାତ୍ର ସଭାପତି ଚନ୍ଦ୍ରଶେଖର ସାମଲ, ଦୁର୍ଯ୍ୟୋଧନ ଦାସ, ପ୍ରକାଶ ସ୍ୱାଇଁ, ନରେଶ ବୋଇତାଇ, ଗଣେଶ୍ୱର ବିଶ୍ୱାଳ, ଚନ୍ଦନ ପଣ୍ଡା, ସତ୍ୟରଞ୍ଜନ ପାଢ଼ି, ମନୋଜ ସିଂ, ସାଗର ଦାସ, ପ୍ରଦୀପ ରାଉତଙ୍କ ସହ ଆଗଧାଡ଼ିର ନେତା ଏବଂ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରା ଏବଂ ବୈଠକରେ ବହୁସଂଖ୍ୟାର ମହିଳା ସାମିଲ ହୋଇଥିଲେ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବଡ଼ଚଣା,୧୧।୧୧(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ''ଭାରତୀୟ ଗଣତନ୍ତ୍ରରେ ମୁକ୍ତ ଓ ଅବାଧ ନିର୍ବାଚନ ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଦୀପକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସଚେତନ ନାଗରିକଙ୍କର ଗୁରୁ ଦାୟିତ୍ୱ ରହିଛି ଯାହା ବିଭିନ୍ନ ଦୃଷ୍ଟାନ୍ତ ସହ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଲଛମନ୍ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ରାୟ ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ସାମ୍ବିଧାନିକ ଦିଗ ଗୁଡ଼ିକ ଉପରେ ଆଲୋଚନା କରିବା ସହିତ ସେଗୁଡିକର କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରତିବନ୍ଧକ ଏବଂ ତାର ସମାଧାନ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଧ୍ୟାପକ ଡକ୍ଟର ହରିନାରାୟନ ସାହୁ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ମାମା ସିଂ, ଛାତ୍ରୀ ରାଜଲକ୍ଷ୍ମୀ ସାମଲ, ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ଓ ତୃତୀୟ ବର୍ଷ ଛାତ୍ରୀ ଉଷାରାଣୀ ସାହୁ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ମଞ୍ଜୁଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ବରୁଣେଶ୍ୱର ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ବିଞ୍ଝାରପୁର,୧୧।୧୧(ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, ସ୍କାଉଟ ଓ ଗାଇଡ୍‌ର ମିଳିତ ସହଯୋଗର ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରଟିକୁ ଯାଜପୁର ଉପଜିଲ୍ଲାପାଳ ତଥା ପରିଚାଳନା ସମିତିର ସଭାପତି ତାପସ ରଞ୍ଜନ ଦେହୁରୀ ଉଦ୍‌ଘାଟନ କରି ନିଜେ ରକ୍ତଦାନ କରିଥିଲେ। ଅଧକ୍ଷା ପ୍ରାଧ୍ୟାପକ ବିନ୍ଦୁରେଖା ନାୟକଙ୍କ ସଭାପତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ବଟକୃଷ୍ଣ ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅଧ୍ୟାପକ ସୁବ୍ରତ ଦାସ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ପ୍ରବୀର କର ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ରେଡକ୍ରସ ପକ୍ଷରୁ କୃଷ୍ଣଚନ୍ଦ୍ର ଜେନା, ମଧୁସ୍ମିତା ସାମଲ, ଜାତୀୟ ସେବା ଯୋଜନା ଅଧିକାରୀ ବାସୁଦେବ ମଲ୍ଲିକ, ଡ. ଦୀପକ ଜେନା ସ୍କାଉଟଗାଇଡର ଅଫିସର ମନସ୍ମିତା ବେହେରା, ବଳରାମ ବେହେରା, ରାଜରାଜେଶ୍ୱରୀ ମିଶ୍ର, ଜିତେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରଟି ମୁଖ୍ୟତଃ ଅଧ୍ୟାପକ ଅରୁଣ ବିକାଶ କର, ରବୀନ୍ଦ୍ର ପରିଡ଼ା, ମିହିର ବିକାଶ ମହାନ୍ତି, ଅଶୋକ ସାହୁ, ବିଜୟକୃଷ୍ଣ ଦାସ, ଉମେଶ ସାମଲ, ବଟକୃଷ୍ଣ ଦାସ ଏବଂ ରକ୍ତ ଭଣ୍ଡାର ଭ୍ରାମ୍ୟମାଣ ଟିମ୍ ସହଯୋଗରେ ରକ୍ତ ସଂଗ୍ରହ କରାଯାଉଥିଲା।

# ଚାକିରି ଦେବାକୁ କହି ୩ ଲକ୍ଷ ହଡ଼ପ୍

ସୁକିନ୍ଦା,୧୧।୧୧(ସମିସ): ସୁକିନ୍ଦାଥାନାଅଞ୍ଚଳର ଜଣେ ଯୁବକଙ୍କୁ ଚାକିରି କରାଇଦେବାକୁ ମିଛ ପ୍ରଲୋଭନ ଦେଇ ତିନି ଲକ୍ଷ ଟଙ୍କା ହଡ଼ପ୍ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ରାମ୍ପିଲୋ ଗ୍ରାମର ଲୋକନାଥ ଜେନା (୨୭) ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ରାମ୍ପିଲୋ ଗ୍ରାମର ହେମନ୍ତ ଜେନାଙ୍କ ପୁଅ ଲୋକନାଥ ଜେନା ଓଡ଼ିଶା ଖଣି ନିଗମରେ ଚାକିରି କରାଇ ଦେବାକୁ ମିଥ୍ୟା ପ୍ରଲୋଭନ ଦେଖାଇଥିଲେ। ଏ ନେଇ ସୁକିନ୍ଦା ଥାନା ଅନ୍ତର୍ଗତ ଜାମୁପଶି ଗ୍ରାମ ବଟକୃଷ୍ଣ ମଲିକଙ୍କ ଠାରୁ ଗତ ୨୦୨୩ ମସିହାରେ ତିନି ଲକ୍ଷ ଟଙ୍କା ନେଇଥିଲେ। ଦୀର୍ଘ ଦିନ ଧରି ବିଭିନ୍ନ ଆଳ ଦେଖାଇ ଲୋକନାଥ ବଟକୃଷ୍ଣଙ୍କୁ ଠକି ଚାଲିଥିଲା। ଶେଷରେ ନିରାଶ ହୋଇ ବଟକୃଷ୍ଣ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ୧୮୦/୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ସୋମବାର ଦିନ ସୁକିନ୍ଦା ପୁଲିସ ଲୋକନାଥକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

# ଲଛମନ ବାଲାଜୀଉ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ



ପ୍ରୀତିପୁର,୧୧।୧୧(ସମିସ): ଦୁର୍ନୀତି ଦେଶ ଓ ଜାତିର ଉନ୍ନତିରେ ଚରମ ବାଧକ, ଦୁର୍ନୀତିର ବିନାଶ ନୂତନ ବିକାଶର ଆବାହକ ବୋଲି ବିଞ୍ଝାରପୁର ଥାନାଞ୍ଚଳରେ ଅବସ୍ଥିତ ଲଛମନ ବାଲାଜୀଉ ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଯୋଗଦେଇ ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଲେଜର ଅଧ୍ୟକ୍ଷ ପ୍ରଫେସର ଜୟଦେବ ଥାଟୋଇ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇ ଦୁର୍ନୀତିକୁ କ୍ୟାନସର ସହିତ ତୁଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଲଛମନ ବାଲାଜୀଉ ଯୁକ୍ତଦୁଇ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଆଶିଷ ରାୟ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ମଣ୍ଟୁ ବଳବନ୍ତରାୟ ଯୋଦଦେଇଥିଲେ। ସମ୍ମାନିତ ବକ୍ତା ଭାବରେ ଅଧ୍ୟାପକ ମଦନମୋହନ ପରିଡା, ଅଧ୍ୟାପକ ରମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଭରତଚନ୍ଦ୍ର ବେହେରାସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁବ୍ରତ ଓଝା ଧନ୍ୟବାଦ ୟଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଧ୍ୟାପିକା ମୋନାଲିସା ପରିଡା, ଶୁଭଶ୍ରୂ ସାମଲ, ସୁଶ୍ରୀ ରଥ, ବିକ୍ରମ କେଶରୀ ନାୟକ, ଭବରଞ୍ଜନ ସାମଲ, ମାନିନୀ ବେହେରା ଓ ରୁବିନା ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଜବରଦଖଲରେ ଗୋଚର, ଅନାବାଦୀ ଜମି
# ଗୋଶାଳା ଜମି ଚିହ୍ନଟ ପାଇଁ ଦାବି

ବିଞ୍ଝାରପୁର/ପ୍ରୀତିପୁର,୧୧।୧୧(ସମିସ): ବିଞ୍ଝାରପୁର ତହସିଲ ଅଧୀନରେ ଅଧିକାଂଶ ଗୋଚର, ଅନାବାଦୀ ଜମିକୁ କେତେକ ପ୍ରଭାବଶାଳୀ ଲୋକ ଜବର ଦଖଲରେ ରହିଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ବୁଲା ଗାଇଗୋରୁଙ୍କ ପାଇଁ ଉପଯୁକ୍ତ ଚାରଣ ଭୂମି ନଥିବାରୁ ସେମାନେ ରାସ୍ତା ଉପରେ ବୁଲିବା ଫଳରେ ରାସ୍ତା ଦୁର୍ଘଟଣା ଘଟୁଛି। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଯଥାଶୀଘ୍ର ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କ ନିକଟରୁ ଗୋଚର, ଅନାବାଦୀ ଜମି ଜବର ଦଖଲ ଉଚ୍ଛେଦ କରି ଗୋଶାଳା ନିମନ୍ତେ ବଜରଙ୍ଗ ଦଳ ଜମି ଚିହ୍ନଟ କରିବାକୁ ଦାବି କରିଛି। ମଙ୍ଗଳବାର ପୂର୍ବାହ୍ନରେ ବିଞ୍ଝାରପୁର ବଜରଙ୍ଗ ପ୍ରଖଣ୍ଡ ପକ୍ଷରୁ ପ୍ରଖଣ୍ଡ ସଂଯୋଜକ ସୁବୋଧ ଧଳଙ୍କ ନେତୃତ୍ୱରେ ଗୋଶାଳା ନିମିତ୍ତ ଜମି ଚିହ୍ନଟ ପାଇଁ ଏକ ଦାବିପତ୍ର ବିଞ୍ଝାରପୁର ତହସିଲର ଭାରପ୍ରାପ୍ତ ତହସିଲଦାର ପ୍ରଦୀପ୍ତ ସେଠୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ଦେବା ସମୟରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ପ୍ରଧାନ, ଗୋରକ୍ଷ ପ୍ରମୁଖ କିରଣ କୁମାର ଯେନା, ଦାସ ମୁରଲୀମୋହନ, ପାର୍ଥସାରଥି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



# ଜାତୀୟ ଶିକ୍ଷା ଦିବସରେ ଛାତ୍ରଛାତ୍ରୀ ପୁରସ୍କୃତ

ଯାଜପୁର,୧୧।୧୧(ସମିସ): ଯାଜପୁରର ଦେବୀଦ୍ୱାରସ୍ଥିତ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେରେ ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବିରତଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରିଜିଓନାଲ କଲେଜ, ରାମବାଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ରଣଜିତ୍ ସିଂହ, ରାଜନୀତି ବିଜ୍ଞାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜାତୀୟ ଶିକ୍ଷାଦିବସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ଚିତାଳୋ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ହିମାଂଶୁ ଶେଖର ସାମଲ ଯୋଗଦେଇ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ ଆଜାଦ୍‌ଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପରି.ଳକ ଶିକ୍ଷାବିତ୍ ତଥା ଗବେଷକ ଡ. ଅକ୍ଷୟ କୁମାର ପଣ୍ଡା ମୌଲାନା ଆଜାଦ୍ ଦେଶର ଶିକ୍ଷାମନ୍ତ୍ରୀ ଥିବା ସମୟରେ କିପରି ଶିକ୍ଷାବ୍ୟବସ୍ଥାର ଉନ୍ନତି ଘଟିଥିଲା ଓ ତାଙ୍କ ଅବଦାନକୁ ସ୍ମରଣ କରି ୨୦୦୮ ରେ ତାଙ୍କ ଜୟନ୍ତୀକୁ ଜାତୀୟ ଶିକ୍ଷା ଦିବସ ରୂପେ ତତ୍‌କାଳୀନ କେନ୍ଦ୍ର ସରକାର ଘୋଷଣା କରିଥିଲେ ସେ ବିଷୟରେ ତଥ୍ୟଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଯାଜପୁର ସହରର ନରଣପୁର ସ୍ଥିତ ସବୁଜସ୍ୱପ୍ନ ଓ ବିଦ୍ୟାବିହାରର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୬ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥିବୃନ୍ଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷକ ଅମୀୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ସ୍ୱର୍ଣ୍ଣପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ରାସ୍ତା କଡ଼କୁ ଓଲଟିଲା ଅଟୋ

ପାଣିକୋଇଲି,୧୧।୧୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ମତାବାଜ ଗ୍ରାମକୁ ବୁଲାଣୀ ନିକଟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇ ଅଟୋଟି ରାସ୍ତା କଡ଼କୁ ଓଲଟି ପଡ଼ିଛି। ପ୍ରକାଶଯେ ପାଣିକୋଇଲି ପଟୁ ଏକ ଡାଲା ଅଟୋ (ଓଡ଼ି୩୪ଭି୫୮୪୪) ଯାଜପୁର ଟାଉନ ଅଭିମୁଖେ ଯାଉଥିବା ବେଳେ ଯାଜପର ଟାଉନରୁ ଦୁଇ ଜଣ ବ୍ୟକ୍ତି ଏକ ବାଇକ୍ (ଓଡ଼ି୩୪ଏନ୬୨୬୧) ରେ ପାଣିକୋଇଲି ଅଭିମୁଖେ ଆସୁଥିଲେ। ତେବେ ଉକ୍ତ ବୁଲାଣିରେ ଅଟୋ ଓ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଥିଲା। ବାଇକ୍ ସହିତ ଧକ୍କା ହେବା ପରେ ଅଟୋଟି ରାସ୍ତା କଡ଼ରେ ଥିବା ଏକ ନାଳରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦୁଇ ବାଇକ ଆରୋହୀ ଓ ଅଟୋ ଚାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ ଅଟୋ ଓ ବାଇକକୁ ଜବତ କରିଥିବା ବେଳେ ଆହତ ମାନଙ୍କ ପରିଚୟ ମିଳିପାରିନାହିଁ।

# ପିଏମ୍‌ଶ୍ରୀ ହାଇସ୍କୁଲରେ ଶିଶୁ ବିଜ୍ଞାନ ମେଳା

ପାଣିକୋଇଲି,୧୧।୧୧(ସମିସ): କୋରାଇ ଶିକ୍ଷା ମଣ୍ଡଳଧୀନ ପାଣିକୋଇଲିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ଼ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ର ଓ ଶ୍ରୀକାନ୍ତ କୁମାର ଦାସ ଯୋଗ ଦେଇ ମୂଲ୍ୟାୟନ କରିଥିଲେ। ବରିଷ୍ଠ ବର୍ଗରୁ ୨୫ଟି ଓ କନିଷ୍ଠ ବର୍ଗରୁ ୨୦ଟି ମୋଟ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

MISSING



ନାମ - ନରେସ୍ ସ୍ୱାଇଁ
ବୟସ- ୫୨ ବର୍ଷ
ଉଚ୍ଚତା- ୫ ଫୁଟ୍ ୪ ଇଞ୍ଚ୍
(ମଧ୍ୟମ ଶରୀର, ଶ୍ୟାମଳ ରଙ୍ଗ)
ମାନସିକ ଅବସ୍ଥା ଅସ୍ଥିର ଅଟେ। ଶେଷ ଥର ପାଇଁ ଫୁଲନଖରା ଓଭରବ୍ରିଜ ତଳେ ଦେଖାଯାଇଥିଲେ। ସେ ଲୁଙ୍ଗି ଆଉ ଗେଞ୍ଜି ପିନ୍ଧିଥିଲେ। ସେ ଛୋଟେଇ କରି ଚାଲନ୍ତି ତାଙ୍କ ବାମ ଗୋଡ ଛୋଟା ଅଟେ। ଯଦି କେହି ସହୃଦୟ ବ୍ୟକ୍ତି ଆଙ୍କର କୌଣସି ସନ୍ଧାନ ପାଆନ୍ତି। ତାହେଲେ ଏହି ଠିକଣାରେ ଜଣେଇବାକୁ ଅନୁରୋଧ।
କେଶବ ଚନ୍ଦ୍ର ସ୍ୱାଇଁ,
ଖଣ୍ଡାସାହି, କାକଟପୁର, ପୁରୀ,
ମୋ.: ୯୧୨୪୯୦୯୩୨୬, ୮୭୩୩୦୪୬୧୨୩।

## ଦୁର୍ଘଟଣା ଛଡ଼ାଇ ନେଲା ସଞ୍ଜୟଙ୍କ ଖୁସି

# ବଞ୍ଚିବାର ରାହା ଖୋଜୁଛନ୍ତି ପରିବାର

**ଶଙ୍ଖଚିଲା, ୧୧।୧୧(ସମିସ)**




ପ୍ରଥମାଷ୍ଟମୀ; ଓଡ଼ିଆ ଘରର ଏହି ପର୍ବରେ ପିଲା ମାନେ ନୂଆ ଡ୍ରେସ ପିନ୍ଧି ପୋରୁହାଁ ହେଇଥାନ୍ତି। ଏଣ୍ଡୁରି ପିଠା ଖାଇ କେତେ ଖୁସି ମନାନ୍ତି। ଓଡ଼ିଶାର ପ୍ରତ୍ୟେକ ପରିବାର ଖୁସିରେ ଏହି ପର୍ବକୁ ପାଳନ କରିଥାନ୍ତି। କିନ୍ତୁ ଏଭଳି ଖୁସି ସଞ୍ଜୟଙ୍କ ଭାଗ୍ୟରେ ଏଥର ନାହିଁ। କାରଣ ସେ ଆଜି ଦୁର୍ଘଟଣାର ଶିକାର ହୋଇ ଅକ୍ଷମ ପାଲଟିଯାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ବଡ଼ବିରୁହାଁ ପଞ୍ଚାୟତ ସୋଲପଟା ଗ୍ରାମରେ। ସୋଲପଟା ଗ୍ରାମର ସତ୍ୟାନନ୍ଦ ରାଉଙ୍କ ପୁତ୍ର ସଞ୍ଜୟ ରାଉତ ୧୨ ବର୍ଷ ପୂର୍ବରୁ ଏକ ସଡ଼କ ଦୁର୍ଘଟଣାରେ ଶିକାର ହେବା ଦ୍ୱାରା ନିଜ ଗୋଡ଼ ଭାଙ୍ଗି ଯାଇ ଶାରୀରିକ ଅକ୍ଷମ ହେଇଥିଲେ। ଚିକିତ୍ସା ପରେ ଯାଜପୁର ରୋଡ୍ ଏକ ଡ୍ରେସ ଦୋକାନରେ କାର୍ଯ୍ୟରତ କରୁଥିଲେ। ହଟାତ ଦୋକାନରୁ ଫେରୁଥିବା ସମୟରେ ୨୩ ଫେବୃଆରୀ ୨୦୨୫ରେ ପୁନର୍ବାର ଦୁର୍ଘଟଣାର ଶିକାର ହୋଇ ନିଜ ବାମ ଗୋଡ଼ଟିରେ ପ୍ରବଳ ଆଘାତ ଲାଗିଥିଲା। ସେଇଦିନ ଠାରୁ ମେଡିକାଲରେ ଚିକିତ୍ସା ହେଲା ପରେ ମଧ ବାମ ଗୋଡ ବାରମ୍ବାର ପାଚିବାରୁ ସଞ୍ଜୟ ନା ଚାଲି ପାରୁଛନ୍ତି, ନା ରୋଜଗାର କରିପାରୁଛନ୍ତି। ଫଳରେ ପରିବାର ପ୍ରତିପୋଷଣ କରିବା ତାଙ୍କ ପାଇଁ ସମ୍ଭବ ହେଉନାହିଁ। ସଞ୍ଜୟଙ୍କର ଦୁଇଟି ନାବାଳିକା ଝିଅ ଓ ଜଣେ ୨ ବର୍ଷର ପୁଅଟିଏ ଅଛି। ସଞ୍ଜୟଙ୍କ ମା' ଗ୍ରାମର ଅଙ୍ଗନବାଡିରେ କାର୍ଯ୍ୟ କରି ଯେତିକି ଟଙ୍କା ପାଆନ୍ତି ସେଥିରେ ପରିବାର ଚଳାଇବା କଷ୍ଟସାଧ୍ୟ ହୁଏ। ଏହି ଖବର ପାଇବା ପରେ କୋରେଇର ଅଗ୍ରଣୀ ସାମାଜିକ ସଂଗଠନ କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସଙ୍କ ନେତୃତ୍ୱରେ ପରିଷଦର ଏକ ଟିମ୍ ପହଞ୍ଚି ପିଲାମାନଙ୍କ ପାଇଁ ଡ୍ରେସ୍, ଶାଢ଼ି, ରାସନ୍ ସାମଗ୍ରୀ ସହିତ ଓ କିଛି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଜିଲ୍ଲା ରେଡ୍‌କ୍ରସ୍‌ରୁ କିଛି ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏଥିରେ ପରିଷଦର ଉପସଭାପତି ଅମୂଲ୍ୟ କୁମାର ଦାଶ, ସମ୍ପାଦକ ଆଲୋକ ଦାଶ, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ଶରତ କୁମାର ପୃଷ୍ଟି, ସୂର୍ଯ୍ୟମଣି ମହାପାତ୍ର, ବୈଷ୍ଣବ ଚରଣ ପାତ୍ର, ପ୍ରଭାକର ସାହୁ ପ୍ରମୁଖ ସଭ୍ୟ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ସଞ୍ଜୟଙ୍କୁ ସମସ୍ତ ସହଯୋଗ ରହିବ ବୋଲି ପରିଷଦର ସମ୍ପାଦକ ଆଲୋକ କୁମାର ଦାଶ ସୂଚନା ଦେଇଛନ୍ତି। ଅନ୍ୟ ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀ ସଂଗଠନ ସଞ୍ଜୟଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ମଧ୍ୟ ଶ୍ରୀ ଦାଶ ନିବେଦନ କରିଛନ୍ତି।

**ରେଡକ୍ରସ୍‌ରୁ ଆର୍ଥିକ ସହାୟତା ଦେବାକୁ ଦାବି**

## ଦୁର୍ଘଟଣାରେ ଗୁରୁତର ୟୁଟ୍ୟୁବର ପ୍ରକାଶଙ୍କ ମୃତ୍ୟୁ

**ସୁକିନ୍ଦା, ୧୧।୧୧(ସମିସ):** ୫୩ ନଂ ଜାତୀୟ ରାଜପଥ ସୁକିନ୍ଦା-ଡୁବୁରୀ ରାସ୍ତାର ରଙ୍ଗିରାଙ୍ଗର ନିକଟରେ ଏକ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ୟୁଟ୍ୟୁବର୍ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ମୃତ୍ୟୁ ହୋଇଯାଇଛି। ଦାନଗଦି ବ୍ଲକ ଅନ୍ତର୍ଗତ ନୂଆଗାଁ ବାସିନ୍ଦା ଧରଣୀଧର ପାତ୍ରଙ୍କ ପୁଅ ପ୍ରକାଶ 'ଓଡ଼ିଆ ବାଇକର୍' ନାମରେ ପରିଚିତ। ଗତ ଶୁକ୍ରବାର ରାତିରେ ବାଇକ୍‌ରେ ସୁକିନ୍ଦାରୁ ଫେରୁଥିବା ସମୟରେ ରଙ୍ଗିଟାଙ୍ଗର ବାଟମଙ୍ଗଳା ମନ୍ଦିର ସମ୍ମୁଖ ରାଜପଥରେ ଏକ ଟ୍ରକ୍ ତାଙ୍କୁ ଦୁର୍ଘଟଣା ଘଟାଇଥିଲା। ସମ୍ପୃକ୍ତ ଟ୍ରକ୍ ବାଇକକୁ କିଛିବାଟ ରାଜପଥରେ ଘୋଷାଡି ନେଇଥିଲା। ଏହି ଦୁର୍ଘଟଣାରେ ପ୍ରକାଶଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଗୁରୁତର ପ୍ରକାଶକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରକାଶ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସ୍ଥାନୀୟ ପୁଲିସ ସୂଚନା ପାଇ ତୁରନ୍ତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ୨୭୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ପୁଲିସ ଚାଳକ ରାଜସ୍ଥାନ ରାଜ୍ୟ ସସିବ ଥାନା ଅନ୍ତର୍ଗତ ରାଜବିରା ଗ୍ରାମର ଅଚଳରାମ ଚୌଧୁରୀକୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଶିଶୁ ମହୋତ୍ସବ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା



**ଧର୍ମଶାଳା, ୧୧।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଶିଶୁ ମହୋତ୍ସବ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ଏହା ପୁର୍ବରୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍କୁଲ ପିଲାଙ୍କ ମଧ୍ୟରେ ଗତ ୧୦ ତାରିଖ ଠରୁ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗତକାଲି ଏହି ନୃତ୍ୟ ପ୍ରତିଯେଗିତାରେ ୨୮ ଗୋଟି ସ୍କୁଲର ପିଲାମାନେ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଅଜି ସେମାନଙ୍କ ମଧ୍ୟରେ ଫାଇନାଲ ପାଇଁ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଓଡିଶୀ ନୃତ୍ୟ ଗୁରୁ ନଳିନୀ ଶୈଳେଜା ଓ କୋରିଓଗ୍ରାଫର ତଥା ନିର୍ଦ୍ଦେଶକ ବି. ଗୋବିନ୍ଦ ବିଚାରକ ଭାବେ ଯୋଗଦେଇଥିଲେ। ଏହି ସେମିଫାଇନାଲ ପ୍ରତିଯୋଗିତାରେ ସୁଭଦ୍ରାପୁର ୟୁପି ସ୍କୁଲ, ସାରୋଇ ସ୍କୁଲ, ଦେଉଳିପାଳ ସ୍କୁଲ, ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ, ଝାଟିଆ ୟୁପି ସ୍କୁଲ. ଗୁରୁକୁଳ ପବ୍ଲିକ ସ୍କୁଲ, ଧର୍ମଶାଳା ପବ୍ଲିକ ସ୍କୁଲ ଓ କୃଷ୍ଣପଡ଼ା ୟୁପି ସ୍କୁଲ ପ୍ରମୁଖ ୮ ଗୋଟି ସ୍କୁଲର ଛାତ୍ରଛାତ୍ରୀ ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ୧୪ ତାରିଖରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆୟୋଜିତ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବଛାଯାଇ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ଦେବରାଜ ମିଶ୍ର ଓ ଶିକ୍ଷକ ସେକ ସମସୁଦ୍ଦିନ ଯେଗଦେଇଥିଲେ। ଆଜିର ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଳ, ପ୍ରଦୀପ୍ତ କୁମାର ପରିଡ଼ା, ତୀର୍ଥରାଜ ପଣ୍ଡା, ଲୋକନାଥ ମହାନ୍ତି, ଗୌତମ ସାହୁ, ଅଂଶୁମାନ ରଥ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଠିକାଦାରଙ୍କ ମନାମାନୀରେ ଚାଲିଛି ରାସ୍ତା କାମ

# ନାହାଁନ୍ତି ଅଧିକାରୀ; ସ୍ଥାୟିତ୍ୱ ନେଇ ପ୍ରଶ୍ନ



**ଦାନଗଦି, ୧୧।୧୧(ସମିସ):** ଶିକ୍ଷାଞ୍ଚଳ ରାସ୍ତାକୁ ମରାମତି କରିବା ପାଇଁ ପୂର୍ତ୍ତ ବିଭାଗ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି ହେଲେ କିଛି ଲାଭଖୋର ଠିକାଦାର ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି ମରାମତି କାର୍ଯ୍ୟକୁ ଠିକ୍ ଭାବେ ନ କରି ଉପରଦେଖାଣିଆ ଭାବେ ମରାମତି କରିଦେଇ ବିଲ ହାତେଇ ନଉଛନ୍ତି, ଯାହାଫଳରେ ମରାମତି ହେବାର ମାସେ/ ଦୁଇମାସ ଭିତରେ ଭାରୀଯାନ ଚଳାଚଳ ହେବା ଫଳରେ ପିଚୁ ସବୁ ଉଠିଯାଇ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେଉଛି, ଯାହାକି ଲୋକେ ଯାତାୟାତ ବେଳେ ନାହିଁ ନଥିବାର ଅସୁବିଧାରେ ପଡୁଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବହୁବାର ଆନ୍ଦୋଳନ ମଧ କରିଛନ୍ତି, ଶିକ୍ଷାଞ୍ଚଳର ବଙ୍ଗଳା ଛକ ଠାରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ଥିବା ଏହି ରାସ୍ତାଟି ବର୍ଷା ଦିନେ ଅତ୍ୟନ୍ତ ଖରାପ ହୋଇ ଯାଇଥିଲା। ଫଳରେ ସାଧାରଣ ଲୋକ ଓ ଯାନବାହାନ ଗମନାଗମନରେ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ଖବର ପ୍ରକାଶ ପରେ ପୂର୍ତ୍ତବିଭାଗ ଏହି ରାସ୍ତାର ମରାମତି କରିବାପାଇଁ ଜଣେ ଠିକାଦାରକୁ ନିଯୁକ୍ତି ଦେଇଛନ୍ତି। ହେଲେ ସମ୍ପୃକ୍ତ ଠିକାଦାର ନିଜ ମନାମାନୀରେ କାମ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। କାମ ଚାଲିଥିବା ସମୟରେ ବିଭାଗୀୟ ଅଧିକାରୀ କେହି ବି ଉପସ୍ଥିତ ନ ଥିବା ଦେଖିବାକୁ ମିଳିଛି। ବିନା ଭାଇବ୍ରେଟରରେ କଂକ୍ରିଟ କାମ ଚାଲିଛି ଏବଂ ଚତୁପାର୍ଶ୍ୱରେ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। କାର୍ଯ୍ୟକୁ ତଦାରଖ କରିବାକୁ କେହିନାହାଁନ୍ତି। କଂକ୍ରିଟ ଭାଗ ମାପ କଥା କହିଲେ ନସରେ। ଲେବରମାନେ ନିଜ ଇଚ୍ଛାରେ ସିମେଣ୍ଟ ଭାଗ ଦେଇ କାମ କରୁଛନ୍ତି। ତେଣୁ ପ୍ରତିବର୍ଷ ପରି ଆସନ୍ତା ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ହେଉଥିବା ଢଳେଇ ରହିବ କି ନାହିଁ ତାହା ସନ୍ଦେହ ଘେରରରେ ଥିବା ବେଳେ ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ଦେଖା ଦେଇଛି। କଥାରେ ଅଛି 'ସରକାର କା ମାଲ୍ ଦରିଆ ମେ ଡାଲ୍' ନୀତିରେ ପୂର୍ତ୍ତ ବିଭାଗର ଅଧିକାରୀ ମାନେ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ଏହି ରାସ୍ତାକୁ ଗୋଟିଏ ବର୍ଷରେ ଏକାଧିକ ଥର ମରାମରି କରିବାକୁ ପଡୁଛି। ନିମ୍ନମାନର କାର୍ଯ୍ୟକୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ସାଧାରଣରେ ଦାବି କରିଛନ୍ତି।

# ନଦୀବନ୍ଧରେ ବେଆଇନ ନିର୍ମାଣକୁ ବିରୋଧ



**କୁଆଖିଆ, ୧୧।୧୧(ସମିସ):** ନଦୀବନ୍ଧ ପ୍ରଶସ୍ତୀକରଣ ନିମନ୍ତେ ସଂଗ୍ରହିତ ଜମିରେ ବେଆଇନ ଗୃହ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରସୁଲପୁର ବ୍ଲକ ରସୁଲପୁର ପଞ୍ଚାୟତ କୁଆଁସାହି ଗ୍ରାମ ନିକଟରେ ଥିବା ନଦୀବନ୍ଧରେ ସରକାରୀ ଯୋଜନାରେ ଏକ ଗୃହ ନିର୍ମାଣ କରାଯାଉଛି। ଯାହାକି ଗ୍ରାମବାସୀ ନିର୍ମାଣକୁ ବିରୋଧ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଯେଉଁ ସ୍ଥାନରେ ଗୃହ ନିର୍ମାଣ କରାଯାଉଛି ସେହି ସ୍ଥାନଟି ନଦୀବନ୍ଧ ରହିଛି। ସାନ ତ୍ରିଲୋଚନପୁର (ଖଣ୍ଡିତର) ଠାରୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମଧୁବନ କଲେଜ ଓ ସ୍କୁଲ ହାଟକୁ ପ୍ରତିଦିନ ଏହି ନଦୀବନ୍ଧ ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରିଥାନ୍ତି। ନଦୀବନ୍ଧ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କରିବାର ଯୋଜନା ଥିବା ବେଳେ ନଦୀବନ୍ଧ ଉପରେ ଗୃହ ନିର୍ମାଣ କରାଗଲେ ଏହା ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ନିକଟରେ ଛିଣ୍ଡା ଖରସ୍ରୋତା ନଦୀ ପ୍ରବାହିତ ହେଉଛି। ଏହାର ମୁହାଁଣ ପୋତି ହୋଇଯାଇଛି। ଉପରମୁଣ୍ଡ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ଆରମ୍ଭ କରାଯାଉଥିବା ବେଳେ ନଦୀବନ୍ଧର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ନଦୀବନ୍ଧରେ ସରକାରୀ ଯୋଜନାରେ ଗୃହ ନିର୍ମାଣ ଉଭୟ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁଆଁସାହି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏପରିକି ଉପରୋକ୍ତ ସ୍ଥାନଟି ଅସାମାଜିକ ଓ ନିଶାସକ୍ତ ବ୍ୟକ୍ତିଙ୍କର ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଉକ୍ତ ଗୃହକୁ ଗ୍ରାମର ଉପଯୁକ୍ତ ସ୍ଥାନରେ ନିର୍ମାଣ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ନେଇ କୁଆଁସାହି ଗ୍ରାମବାସୀଙ୍କ ପକ୍ଷରୁ ଗୟାଧର ମଲ୍ଲିକ, ମୃତ୍ୟୁଞ୍ଜୟ ଜେନା, ଭ୍ରମରବର ମଲ୍ଲିକ, ରତ୍ନାକର ମଲ୍ଲିକ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବସ୍ତାନି ଛାଡ଼ି ମାଛ କାତି ଛଡ଼ାଉଛନ୍ତି ରାମା ଓ କାଲୁ

**ଦଶରଥପୁର, ୧୧।୧୧(ସମିସ)**



ଏବେ ଦିନ ତମାମ ଉନ୍ନତ ଜୀବନଶୈଳୀକୁ ନେଇ ସମସ୍ତେ ବ୍ୟସ୍ତ। କିନ୍ତୁ ରାମା ଓ କାଲୁ ରାତିପାହିଲେ ରକ୍ତରେ ଜୁଡୁବୁଡୁ ହୁଅନ୍ତି। ରାମାର ବୟସ ପାଖାପାଖି ୧୦ବର୍ଷ ଓ କାଲୁ ମଧ ୮ବର୍ଷର ହେବ। ୨ଜଣ ଅଲଗା ଅଲଗା ବାପା ମାଆଙ୍କ ଠାରୁ ଜନ୍ମ। କିନ୍ତୁ ବର୍ଷକ ବାରମାସ ରାତି ପାହି ସକାଳ ହେଲେ ଏମାନେ ଧାଇଁ ଆସନ୍ତି ଯାଜପୁର-ସିଂହପୁର ରାଜ୍ୟ ସଡ଼କପଥ ଅନ୍ତର୍ଗତ ଖଣ୍ଡରା ଛକ ନିକଟସ୍ଥ ଯାଉଁଳିବନ୍ଧ ମାଛ ବଜାରକୁ। ଯାଉଁଳିବନ୍ଧରେ ମାଛ ବ୍ୟବସାୟ କରୁଥିବା କିଛି ମାଛ ବ୍ୟବସାୟୀଙ୍କ ପାଖରେ ବସି ମାଛ କାତି, ଗାଲି ଛଡ଼ାଇବା ସହିତ ଚିଙ୍ଗୁଡ଼ି ଓ କଙ୍କଡ଼ା ବାଛନ୍ତି। ସକାଳୁ ଦିନ ବାରଟା ଗୋଟାଏ ପର୍ଯ୍ୟନ୍ତ ଏଭଳି କାର୍ଯ୍ୟ କରି ମାଛ ବ୍ୟବସାୟୀଙ୍କଠାରୁ କିଛି ପାରିଶ୍ରମିକ ନେଇ ନିଜ ଘରକୁ ଚାଲିଯାନ୍ତି। କିନ୍ତୁ ଏହି କାର୍ଯ୍ୟ କରିବା ବେଳେ ଏମାନଙ୍କ କୁନିକୁନି ହାତ, ଗୋଡ଼ ସମେତ ସମ୍ପୂର୍ଣ୍ଣ ଶରୀର ମାଛ ରକ୍ତ ଓ କାତିରେ ଜୁଡୁବୁଡୁ ହୋଇଯାଇଥାଏ।

ନିଜ ଶୈଶବକୁ ଭଲ ଭାବେ ବୁଝି ନଥିବା ରାମା ଓ କାଲୁ ଆଜକୁ ଦେଢ଼ ବର୍ଷରୁ ଅଧିକ ଦିନ ହେବ ଏହି କାର୍ଯ୍ୟ କରିଆସୁଥିବା ବେଳେ ୨ନିରୀହ ଶିଶୁଙ୍କୁ କେହି ଏଭଳି କାର୍ଯ୍ୟ କରିବାକୁ ମଧ ବାରଣ କରନାହାନ୍ତି। ଦାରିଦ୍ର ଭିତରେ ଯୁଝି ହେଉଥିବା ବାପା ମାଆଙ୍କର ଶିକ୍ଷାଦୀକ୍ଷା ଅଭାବ ହେଉ ବା ବାଧବାଧକତା ଯୋଗୁଁ ଏହି ୨ଶିଶୁଙ୍କୁ ଏଭଳି କାର୍ଯ୍ୟ କରିବାକୁ ବାଧ କରିଛି। ନିଜ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ଯାଇ ପ୍ରତି ମୁହୂର୍ତ୍ତରେ ନିଜ ଜୀବନକୁ ଅନ୍ଧାର ବିତରକୁ ଠେଲି ଦେଉଥିବା ରାମା ଓ କାଲୁର ଭବିଷ୍ୟତ ଆଗକୁ କ'ଣ ହେବ ତାହା ସ୍ପଷ୍ଟ ଅନୁମେୟ। ପରିତାପର ବିଷୟ ଜିଲ୍ଲାରେ ଶିଶୁ ସୁରକ୍ଷା, ଶିଶୁ ଶ୍ରମିକ ନିରୋଧ ଆଇନ ସମେତ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ପ୍ରଣୟନ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ରାମା ଓ କାଲୁ ପାଖରେ ଏ ସବୁ ଆଇନ ଏବଂ ଯୋଜନା ଫେଲ ମାରିଛି। ଦୀର୍ଘ ଦିନ ହେବ ୨ ନିରୀହ ଶିଶୁ ନିଜ ଭବିଷ୍ୟତକୁ ବନ୍ଧା ପକାଇ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଯାଉଁଳିବନ୍ଧ ମାଛ ବଜାରରୁ ଅନେକ ସଚେତନ ସ୍ୱେଚ୍ଛାସେବୀ ଓ ସରକାରୀ ବାବୁ ମାଛ କାତି ଛଡ଼ାଇ ଘରକୁ ଆଣୁଥିଲେ ମଧ କେହି ୨ଶିଶୁଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ କରିବା କିମ୍ବା ସେମାନଙ୍କ ବାପା ମାଆଙ୍କୁ ବୁଝାଇ ଏମାନଙ୍କ ପାଠ ପଢ଼ିବା ବନ୍ଦୋବସ୍ତ କରିବା ଦିଗରେ ଆଗ୍ରହ ପ୍ରକାଶ କରିନାଁହାନ୍ତି। ଜୀବନକୁ ଭଲ ଭାବେ ବୁଝିବା ପୂର୍ବରୁ ଏମାନଙ୍କ ଜୀବନ ଯେ ଦୁର୍ବିସହ ହୋଇଯାଉଛି, ସେଥି ନେଇ କାହାର ଚିନ୍ତା ମଧ ନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ୨ଶିଶୁଙ୍କୁ ଏଭଳି କାର୍ଯ୍ୟରୁ ନିବୃତ କରି ଏମାନଙ୍କ ଶିକ୍ଷା ବ୍ୟବସ୍ଥା କରାଇବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ସୁକିନ୍ଦା, ୧୧।୧୧(ସମିସ):** ୫୩ନଂ ଜାତୀୟ ରାଜପଥ ମଙ୍ଗଳପୁର ଛକ ନିକଟରେ ଏକ ଗାଡ଼ି ଦୁର୍ଘଟଣାରେ ବାଇକ୍ ଆରୋହି ତ୍ରିଲୋଚନ ମହାନ୍ତ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଅଜଣା ଗାଡ଼ି ଦୁର୍ଘଟଣାରେ ବାଇକ ଆରୋହି କାଙ୍କଡ଼ପାଳ ପଞ୍ଚାୟତ ଅଧୀନ ଗିରିଙ୍ଗାମାଳି ଗ୍ରାମର ତ୍ରିଲୋଚନ ମହାନ୍ତ ଗୁରୁତର ହୋଇଥିଲେ। ସୂଚନା ପାଇ ସୁକିନ୍ଦା ଅଗ୍ନିଶମ ବିଭାଗ କର୍ମଚାରୀ ଗୁରୁତର ଆହତ ତ୍ରିଲୋଚନକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ବନ୍ୟାରେ କ୍ଷତିଗ୍ରସ୍ତ ପରିବାରକୁ ରିଲିଫ ବଣ୍ଟନ

**ଦଶରଥପୁର, ୧୧।୧୧(ସମିସ):** ଚଳିତ ବର୍ଷ ବୈତରଣୀ ଓ ଏହାର ଶାଖା କାଣୀ ନଦୀ ବନ୍ୟାରେ ଦଶରଥପୁର ବ୍ଲକ ଅହିୟାସ ଦରଘା ନିକଟରେ କାଣୀ ନଦୀ ବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇ ପାଇଁ କସପା ଏବଂ ମଳିକାପୁର ପଞ୍ଚାୟତର ସର୍ବାଧିକ କ୍ଷତି ଘଟିଥିବା ୫୦ ପରିବାରକୁ ଆଜି ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ଅହିୟାସ ବଜାର ଠାରେ ଲାୟନ୍ସ କ୍ଲବ ଯାଜପୁର ଶାଖା ପକ୍ଷରୁ ସଭାପତି ଶରଣ ବିଜୟ ଶରଣ, ସମ୍ପାଦକ ଅପରାଜୟା ପଣ୍ଡା, କୋଷାଧକ୍ଷ ସେକ ଅବଦୁଲ ସୁଜିତ, ପ୍ରିୟଙ୍କା ସାହାଣୀ, ଅମର କୁମାର ମିଶ୍ର, ସାମ୍ବାଦିକ କୌଶିକ ଦାସ, ମାନସ ଜେନା, ଚନ୍ଦ୍ରଶେଖର ସାହୁ, ଦେବକାନ୍ତ ପତି ପ୍ରମୁଖ ଯୋଗଦେଇଥିଲେ।

## ଯାଜପୁରରେ ପୁଲିସର ଯାଞ୍ଚ

**ଯାଜପୁର, ୧୧।୧୧(ସମିସ):** ଗତକାଲି ନୂଆଦିଲ୍ଲୀରେ ଘଟିଥିବା ବିସ୍ଫୋରଣ ଘଟଣାକୁ ନେଇ ସାରା ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି କ୍ରମରେ ଯାଜପୁର ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠ ସମେତ ଯାଜପୁର ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ଯାଞ୍ଚ କରାଯାଉଛି। ବମ୍ ସ୍କ୍ୱାର୍ଡ ସହିତ ଡଗ୍ ସ୍କ୍ୱାର୍ଡର ମିଳିତ ଉଦ୍ୟମରେ ଏହି ଯାଞ୍ଚ କରାଯାଇଛି। ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝିଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଉଛି। ଏଥିସହିତ କୌଣସି ବସ୍ତୁ କିମ୍ବା ବ୍ୟକ୍ତିଙ୍କ ପ୍ରତି ସନ୍ଦେହ ଆସିଲେ ତୁରନ୍ତ ପୁଲିସକୁ ଖବର ଦେବାକୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ





**ବଡଚଣା, ୧୧।୧୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ସ୍ଥିତ ବଡ଼ଚଣା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନିର୍ମିତ ୪୬ ଟି ବିଜ୍ଞାନ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଏଥି ମଧ୍ୟରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ୧୫ଟି ଓ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ୩୧ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ଦୀପ୍ତି ମିଶ୍ର ଯୋଗଦେଇ ଏହି ପ୍ରଦର୍ଶନୀ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ପରିମାଣରେ ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ପାଇବ ବୋଲି କହିଥିଲେ। ଏହି ଅବସରରେ ପ୍ରଦର୍ଶନୀରେ ବରିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦେବାଶିଷ ବଳ, ପ୍ରୀତି ରଞ୍ଜନ ପ୍ରଧାନ ଓ ଲିପ୍ସା ଅଭିସାରିକା ସାମଲ ଏବଂ କନିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ହଂସିକା ପ୍ରିୟଦର୍ଶିନୀ ମଲ୍ଲିକ ଓ ଉଲ୍ଲାସ ନାୟକଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ସହିତ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମାମିନା ଅନୁରଞ୍ଜନୀ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## ଗୌତମ ଜେନାଙ୍କ ଗ୍ରନ୍ଥାବଳୀ ଉନ୍ମୋଚିତ




**ଧର୍ମଶାଳା, ୧୧।୧୧(ସମିସ):** କବି ଗୌତମ ଜେନା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠାନର ତୃତୀୟ ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ସଭା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଝଙ୍କାର ସାହିତ୍ୟ ପତ୍ରିକାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଗୌତମ ଜେନାଙ୍କ ଗ୍ରନ୍ଥାବଳୀ (ପ୍ରଥମ ଭାଗ)କୁ ଲୋକାର୍ପଣ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରାବନ୍ଧିକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସମ୍ପାଦିତ କବି ଗୌତମ କାବ୍ୟବିଭା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ କବିତା ନିମନ୍ତେ କବି ଫନୀ ମହାନ୍ତି ଓ କବି ବଂଶୀଧର ଷଡ଼ଙ୍ଗୀ, ପ୍ରବନ୍ଧ ଓ ସମାଲୋଚନା ପାଇଁ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡ. କୃଷ୍ଣ ବଳ ଓ ଯୁବ ପ୍ରାବନ୍ଧିକ ଡ. ବିରଞ୍ଚି କୁମାର ସାହୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ବିଜୟ ମହାପାତ୍ର ସଭାପତିତ୍ୱ କରିଥିଲେ। କବି ସୁବ୍ରତ ଦାସ ଅତିଥି ଭାବେ ଯୋଗଦେଇଥିବା ବେଳେ କବି ପଦ୍ମଜା ଶରଣ ଓ କବି ପ୍ରେମଲତା ମହାରଣା କବିତା ସଂଯୋଜନା କରିଥିଲେ। ରାଜ୍ୟର ବହୁ କବି କବିତା ପାଠ କରିଥିଲେ। କବି ଡ. ଗୌତମ ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। 'ସମ୍ଭବ' ସମ୍ପାଦକ ତଥା କବି ଅଖିଳ କୁମାର ସ୍ୱାଇଁ ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ. ମହେଶ୍ୱର ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଡ. ରମାକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିଲେ।

## ଖେଳାଳିଙ୍କୁ କୋଚିଂ ପ୍ରଦାନ



**ଧର୍ମଶାଳା, ୧୧।୧୧( ସମିସ) :** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଓଡ଼ିଶା ସ୍ପୋର୍ଟସ ଡେଭଲପମେଣ୍ଟ ଏବଂ ପ୍ରମୋସନ ଆସୋସିଏସନ ପକ୍ଷରୁ ଜାତୀୟ ସ୍ତରୀୟ ଖେଳରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଥିବା କ୍ରୀଡ଼ାବିତମାନଙ୍କୁ କୋଚିଂ ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ଗ୍ୱାଲିୟର ଠାରେ ହେବାକୁ ଥିବା ଆସନ୍ତା ୧୩ରୁ ୧୭ ତାରିଖ ମଧ୍ୟରେ ନବମ ଜାତୀୟ ଫେଡରେସନ କପରେ ଏହି ପ୍ରତିଯୋଗିମାନେ ଅଂଶଗ୍ରହଣ କରିବେ। ବିଶେଷ କରି କବାଡ଼ି ଓ ଭଲିବଲ ଖେଳରେ ଚୟନ ହୋଇଥିବା ୨୬ ଜଣ ଖେଳାଳିଙ୍କୁ ଏଠାରେ କୋଚିଂ ଦିଆଯାଇଛି। କିଛି ଦିନ ହେଲା ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଚାଲିଥିବା କୋଚିଂ ଆଜି ଶେଷ ହୋଇଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇଥିବା ବେଳେ ଆସୋସିଏସନର ସଭାପତି ପ୍ରତାପ ବଳ, ସମ୍ପାଦକ ଜଗଦୀଶ ସାମଲ, ସହ ସମ୍ପାଦକ ସେକ ସାବିର ଯୋଗଦେଇ ଓ କୋଚ କୈବଲ୍ୟ ନାୟକ ଯୋଗଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷଟିର ଚେର ତିକ୍ତ, କିନ୍ତୁ ତାହାର ଫଳ ମଧୁର
-ଆରିଷ୍ଟୋଟଲ୍

ସକାଳ
THE SAKALA

## ହ୍ୱାଇଟ୍‌କଲାର ଆତଙ୍କ

ଦିଲ୍ଲୀ କାର ବୋମା ବିସ୍ଫୋରଣ ପଛରେ ନିର୍ଦ୍ଦିଷ୍ଟ ଭାବେ କାହାର ଷଡ଼୍‌ଯନ୍ତ୍ର ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗଣମାଧ୍ୟମରେ ତରବରିଆ ଭାବେ ଅନେକ ମତ, ମନ୍ତବ୍ୟ ଓ ଅଭିଯୋଗମାନ ଆସିବାରେ ଲାଗିଛି। ସ୍ୱାଭାବିକ ଭାବେ ସନ୍ଦେହର ଛୁଞ୍ଚି ପାକିସ୍ତାନ ଦିଗକୁ ଇଙ୍ଗିତ କରୁଥିବା ବେଳେ ନିର୍ବାଚନ ବେଳେ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ କାକତାଳିକ ନା ପ୍ରାୟୋଜିତ ବୋଲି ମଧ୍ୟ ଗୁରୁତର ବିବାଦୀୟ ଅଭିଯୋଗ ହୋଇଛି। ଆମ ମତରେ କେଉଁଠି ନା କେଉଁଠି ପୁଣି ଥରେ ଗୁଇନ୍ଦା ସୂଚନାରେ ବିଫଳତା ଓ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଛି, ଯାହାକୁ ଅସ୍ୱୀକାର କରି ହେବ ନାହିଁ।

ଦେଶର ରାଜଧାନୀ ନୂଆଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳ ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ଘଟଣା ଯେତିକି ହୃଦୟବିଦାରକ ଓ ନିନ୍ଦାଜନକ, ତା'ଠାରୁ ଅଧିକ ସମ୍ବେଦନଶୀଳ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଚାରିଜଣ ଡାକ୍ତରଙ୍କ ସମ୍ପୃକ୍ତି। ଯେଉଁମାନଙ୍କୁ କୋଟିକୋଟି ବିଶ୍ୱବାସୀ ଦ୍ୱିତୀୟ ଭଗବାନ ରୂପେ ମାନ୍ୟତା ଓ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କ ଚେହେରା ପଛରେ ଯେ ଏଭଳି ନରପିଶାଚର ଆତ୍ମାଟିଏ ଲୁଚି ରହିଛି ତାହା କେହି ଚିନ୍ତା ମଧ୍ୟ କରି ନଥିବେ। ଆହୁରି ଉଦ୍‌ବେଗଜନକ ହେଲା ଦେଶର ବିଭିନ୍ନ ଅଞ୍ଚଳରୁ ଆତଙ୍କବାଦୀ ଷଡ଼୍‌ଯନ୍ତ୍ରରେ ଲିପ୍ତ ଚାରି ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। କୋମଳ ହୃଦୟଧାରୀ ଓ ମମତାଭରା ମହିଳା ମନ ଯେ ନରଖାଦକରେ ରୂପାନ୍ତରିତ ହୋଇପାରେ ତାହା ମଧ୍ୟ ଅପରିକଳ୍ପନୀୟ। ଗିରଫ ବେଳେ ତାଙ୍କ କାରରୁ ଶକ୍ତିଶାଳୀ ସ୍ୱୟଂଚାଳିତ ବନ୍ଧୁକ ମିଳିଛି।

ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗୁଜରାଟରୁ ଗିରଫ ହାଇଦ୍ରାବାଦ୍‌ର ୩୫ ବର୍ଷୀୟ ଡାକ୍ତର ମହମ୍ମଦ ମୋହିଉଦ୍ଦିନ ସୟଦ ନାମକ ଡାକ୍ତର ଜଣକ 'ଗବ' ବା 'ଜଡ଼ା' ଗଛର ମଞ୍ଜିରୁ ବିଷାକ୍ତ ରାସାୟନିକ ଉତ୍ପାଦ ପ୍ରସ୍ତୁତ କରୁଥିଲେ, ଯାହା ଆମେ ଜାଣିଥିବା ସବୁଠାରୁ ମାରାତ୍ମକ ସିଆନାଇଡ୍ ବିଷଠାରୁ କାହିଁ କେତେଗୁଣରେ ଅଧିକ ଭୟଙ୍କର। ସୟଦ ସଫଳ ହୋଇଥିଲେ ତାଙ୍କ ଉତ୍ପାଦକୁ ମଣ୍ଡି ଓ ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଖାଦ୍ୟସାମଗ୍ରୀ, ପନିପରିବା ଓ ଫଳରେ ମିଶାଇ ଥା'ନ୍ତେ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ନେଇଥା'ନ୍ତା। ତେଣୁ କାର ବୋମା ବିସ୍ଫୋରଣ ଜନିତ କ୍ଷୟକ୍ଷତିଠାରୁ କାହିଁ କେତେଗୁଣ ଅଧିକ କ୍ଷତି କରିଥା'ନ୍ତା ସୟଦ୍‌ଙ୍କ ଆବିଷ୍କାର ରିସିନ୍ ନାମକ ବିଷ। ସେ ତାଙ୍କ ଷଡ଼୍‌ଯନ୍ତ୍ରକୁ ବାସ୍ତବ ରୂପ ଦେବା ପୂର୍ବରୁ ଏଟିଏସ୍ ଦ୍ୱାରା ଗିରଫ ହେବା ଈଶ୍ୱରଙ୍କ ଆଶୀର୍ବାଦ ବିନା ସମ୍ଭବ ନୁହେଁ।

ଡାକ୍ତରୀ ପାଠ ଓ ତାଲିମ୍ ସମାପ୍ତି ପରେ ସମର୍ପିତ ଚିକିତ୍ସା ସେବା ଓ ରୋଗୀଙ୍କ ପ୍ରାଣରକ୍ଷାକୁ ପ୍ରାଥମିକତା ଦେବା ପାଇଁ ହିପୋକ୍ରେଟ୍‌ସଙ୍କ ନାମରେ ଶପଥ ନେଉଥିବା ଡାକ୍ତରମାନେ ଯଦି ମୃତ୍ୟୁର ଦୂତ ସାଜିବେ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଶିକ୍ଷାବିତ୍‌ମାନେ ଯଦି କୁପଥକୁ ଆବୋରି ନେବେ ତେବେ ମାନବ ସଭ୍ୟତା ତିଷ୍ଠିବ କେମିତି? ଆତଙ୍କବାଦୀ ଡାକ୍ତରମାନେ ଗିରଫ ହେବା ପରେ ଭାରତରେ ହ୍ୱାଇଟ୍‌କଲାର ଟେରରିଜିମ୍ ବା ଶିକ୍ଷିତ ଓ ବୁଦ୍ଧିଜୀବୀଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଧାରା ବଢୁଥିବା ସନ୍ଦେହ କରାଯାଉଛି। ହୁଏତ ଆହୁରି ଏପରି ଅନେକ ଡାକ୍ତର, ବୁଦ୍ଧିଜୀବୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବେ, ଯାହାର ସୂଚନା ମିଳିପାରିନାହିଁ। ଜଣେ ସନ୍ଥ କହିଥିଲେ ଜନ୍ମଜନ୍ମାନ୍ତରର ପୁଣ୍ୟ ବଳରେ ମଣିଷ ଜନ୍ମ ହୁଏ। ଏହି ଜନ୍ମରେ ସତ୍‌କର୍ମ ଓ ସତ୍‌ଚିନ୍ତାରେ ଜଣେ ଦେବତ୍ୱ ଲାଭ କରିପାରିବ। କିନ୍ତୁ ଯଦି କେହି ଦେବତ୍ୱ ବଦଳରେ ଦାନବତ୍ୱକୁ ବାଛି ନିଏ ତାହାକୁ ଲଗାମ ଦେବ କିଏ? କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ହେଉଛି ଧର୍ମାନ୍ଧତା ଓ ଚରମପନ୍ଥୀଙ୍କ ଆଧିପତ୍ୟ ବଢୁଛି।


## ବ୍ୟାଙ୍କ-ବିବାହ

କେନ୍ଦ୍ର ସରକାର ପୁଣି ଥରେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସମ୍ମିଶ୍ରଣ କରିବାକୁ ଯାଉଛନ୍ତି। କମ୍ପାନୀ ଆଇନ ଭାଷାରେ ଏହି ପ୍ରକ୍ରିୟାକୁ 'ସମ୍ମିଶ୍ରଣ' ନ କହି ବରଂ 'ବିବାହ' କହିବା ଅଧିକ ଠିକ୍ ହେବ। ସୀମିତ ସ୍ଥାନରେ ଏହାର ଯୌକ୍ତିକତା ଦର୍ଶାଇବା ସମ୍ଭବ ନୁହେଁ। ତେବେ ଏତିକି କହିଲେ ବୁଝି ହେବ ଯେ ଏଣିକି ସେହି ବ୍ୟାଙ୍କମାନେ ଗୋଟିଏ ଛାତ ତଳେ ପରିଚାଳିତ ହେଲେ ମଧ୍ୟ ନିଜ ନିଜ ପରିଚୟ ହରାଇବେ ନାହିଁ। ୨୦୨୦ ମସିହାରେ ଏଭଳି ପ୍ରକ୍ରିୟାରେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିବାହରେ ଚାରିଟି ବୃହତ୍ ବ୍ୟାଙ୍କ ପରିବାର ଗଠନ ହୋଇଥିଲା।

ବ୍ୟାଙ୍କ ସମ୍ମିଶ୍ରଣ ବା ବିବାହ ପଛର କାରଣ ରୂପେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ଏହା ହିଁ ସମୟର ଆବଶ୍ୟକତା। ଏହାଦ୍ୱାରା ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ, ନିବେଶ ସଂପ୍ରସାରିତ ହେବ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ ଏଥିରେ ଥିବା ମୁଖ୍ୟ ଆହ୍ୱାନ ହେଉଛି ପରିଚାଳନା ଓ ନିଷ୍ପତ୍ତିଗତ ବିଭ୍ରାଟ, ଯେଉଁ କାରଣରୁ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଜି ଏହି ସ୍ଥିତି ଦେଇ ଗତି କରିବାକୁ ପଡ଼ୁଛି। ଆମ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଉଛି ଏନ୍‌ପିଏ ବା ଅନାଦାୟ ଋଣ ବୋଝ। ସରକାରୀ ଚାପରେ ହେଉ ବା ପ୍ରଲୋଭନରେ ବ୍ୟାଙ୍କର ପରିଚାଳନା ମଣ୍ଡଳି ବିନା ଯାଞ୍ଚରେ ଉଦ୍ଦିଷ୍ଟ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଋଣ ମଞ୍ଜୁର କରିଚାଲୁଛନ୍ତି। ଏହି ଋଣ ଶୁଝିବା ପାଇଁ ପୁଣି ଥରେ ଋଣ ଦିଆଯାଉଛି। ଏହିପରି ଭାବେ ବ୍ୟାଙ୍କର ଋଣ ବୋଝ ବଢ଼ି ଚାଲୁଛି। ସମ୍ପୃକ୍ତ ଋଣଗ୍ରହୀତା ନିଜକୁ ଦେବାଳିଆ ଘୋଷଣା କରି ବା ଦେଶାନ୍ତର ହୋଇ ଋଣ ପରିଶୋଧ ଜଞ୍ଜାଳରୁ ମୁକ୍ତି ପାଇବାର ବାଟ ଟିଏ ପାଇଯାଉଛି। ଶେଷରେ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଗଲା ପରେ ଗରିବ ଜନତାଙ୍କ ଟିକସରେ ଗଠିତ ରାଜକୋଷକୁ ସରକାରୀ ପୁଞ୍ଜି ସହାୟତା ଆଳରେ ହଜାର ହଜାର କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦିଆଯାଉଛି। ବିଗତ ଦଶନ୍ଧିରେ କେନ୍ଦ୍ର ସରକାର 'ମିଶନ୍ ଇନ୍ଦ୍ରଧନୁଷ୍' ନାମରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ସରକାରୀ ପୁଞ୍ଜି ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦେଇଥିଲେ। କିନ୍ତୁ ସ୍ଥିତିରେ ଉନ୍ନତି ଆସିବା ଦୂରେ ଥାଉ ଏବେ ପୁଣି ଥରେ ସରକାରଙ୍କୁ ବ୍ୟାଙ୍କର ଗଣବିବାହ କରିବାକୁ ପଡୁଛି। ଏହି ଷଡ଼୍‌ଯନ୍ତ୍ର କେବଳ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଏକାକୀ ସମ୍ଭବ ନୁହେଁ।

ଗୋଟିଏ ଛାତ ତଳେ ଯଦି ଏକାଧିକ ବ୍ୟାଙ୍କର ପ୍ରଦର୍ଶନ ଉତ୍ସାହଜନକ ହେବ ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ଓ ପକ୍ଷପାତିତାପୂର୍ଣ୍ଣ ମଞ୍ଜୁରୀ ପ୍ରକ୍ରିୟାକୁ କଠୋର କଟକଣା ଦ୍ୱାରା ନିରୁତ୍ସାହିତ ନ କରିବା ପର୍ଯ୍ୟନ୍ତ ଏହି ମହତ୍ ପରିକଳ୍ପନା ତାହାର ମୂଳ ଲକ୍ଷ୍ୟ ହାସଲ କରିପାରିବ ନାହିଁ।

# ଭାରତ ନୋବେଲ୍‌ରୁ ବଞ୍ଚିତ କାହିଁକି?



ପ୍ରାୟ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ଭାରତ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରି ପାରିନାହିଁ। ଅଥଚ ବିଡ଼ମ୍ବନା ଏହା ଯେ ବିଦେଶର ନାଗରିକତ୍ୱ ଗ୍ରହଣ କରି ଅନେକ ଭାରତୀୟ ବୈଜ୍ଞାନିକ ଏହି ସମ୍ମାନଜନକ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରସଙ୍ଗ ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରେ, ଯାହା ଉପରେ ଆଜି ବିଚାରବିମର୍ଶ କରିବାର ଆବଶ୍ୟତା ରହିଛି।

ଭାରତୀୟ ବୈଜ୍ଞାନିକମାନେ ନୋବୋଲ୍ ପରି ସମ୍ମାନଜନକ ପୁରସ୍କାରରୁ ବଞ୍ଚିତ ହେବା ପଛରେ ଯେଉଁ କେତେକ ଅଭିଯୋଗ ସାମ୍ନାକୁ ଆସୁଛି, ସେଥିମଧ୍ୟରୁ ପ୍ରମୁଖ ହେଉଛି ଗବେଷଣା ପାଇଁ ଭାରତ ସରକାର ପର୍ଯ୍ୟାପ୍ତ ସମ୍ବଳ ଖର୍ଚ୍ଚ କରନ୍ତି ନାହିଁ। ବାସ୍ତବରେ ଗବେଷଣା ଓ ବିକାଶରେ ସରକାରୀ ପୁଞ୍ଜି ନିବେଶ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅତିକମରେ ୩ ପ୍ରତିଶତକୁ ବୃଦ୍ଧି ପାଇବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ଏହି ସ୍ତର ଭାରତରେ ନୈରାଶ୍ୟଜନକ। ଦ୍ୱିତୀୟ ଅଭିଯୋଗ ହେଉଛି ସୃଜନଶୀଳତା ଉପରେ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଯୋଗୁଁ ବିଜ୍ଞାନର ଅନେକ ସ୍ୱନାମଧନ୍ୟ ଅନୁଷ୍ଠାନ ଅମଲାତାନ୍ତ୍ରିକ ଦୁର୍ଗରେ ପରିଣତ ହୋଇଛି। ତୃତୀୟ କାରଣ ହେଉଛି ଆମ ଦେଶରେ ଆଗଧାଡ଼ିରେ ଥିବା ବୈଜ୍ଞାନିକ, ଗବେଷକମାନେ ଅଧସ୍ତନ ବା କନିଷ୍ଠମାନଙ୍କ ମେଧା ଓ ସୃଜନଶୀଳତା ବୃଦ୍ଧି ପାଇଁ ସୁଯୋଗ ଦିଅନ୍ତି ନାହିଁ। ମାର୍ଗଦର୍ଶନ ଓ ନେତୃତ୍ୱ ବଦଳରେ ଅସୂୟାର ପରିବେଶ ସୃଷ୍ଟି କରନ୍ତି, ଯାହା ଫଳରେ ଉଚ୍ଚତର ଗବେଷଣା ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଯାଏ। ତେଣୁ ପର୍ଯ୍ୟାପ୍ତ ପାଣ୍ଠି ସହିତ ସ୍ୱଚ୍ଛତା ବିନା ଭାରତରେ ଉଚ୍ଚତର ଗବେଷଣା ଉଧେଇ ପାରିବ ନାହିଁ।

କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓପନ୍ ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲଟ୍‌ମ୍ୟାନଙ୍କ ଭାରତ ଗସ୍ତ ଅବସରରେ ସାମ୍ବାଦିକମାନେ ତାଙ୍କୁ ଭାରତରେ ଓପନ୍‌ଏଆଇ ଭଳି ଏକ ସଫ୍ଟୱେର ବିକାଶର ସମ୍ଭାବନା ବିଷୟରେ ପଚାରନ୍ତେ ସେ ଯେଉଁ ଉତ୍ତର ଦେଇଥିଲେ ତାହା ଶ୍ରୁତିକଟୁ ହୋଇଥିଲେ ହେଁ ନିଚ୍ଛକ ବାସ୍ତବତା ଓ ନଗ୍ନ ସତ୍ୟ ଆଧାରିତ। ତାଙ୍କର ଉତ୍ତର ଥିଲା ବିଶ୍ୱ ଆଇଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ପେସାଦାରମାନଙ୍କ ଦକ୍ଷତାକୁ ନେଇ କୌଣସି ସନ୍ଦେହ ନାହିଁ। ଭାରତର ବ୍ୟବସାୟୀ ଜଗତର ଯୁଗୋପଯୋଗୀ ମଡେଲ୍ ଏବଂ ବଜାର ଅର୍ଥନୀତିରେ ନୀତି ନିର୍ଦ୍ଧାରଣରେ ମଧ୍ୟ କୌଣସି ଦୁର୍ବଳତା ନାହିଁ। ଭାରତରେ ମେଧା ଓ ପାଣ୍ଠିର ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏଆଇ ଭଳି ଏକ ଚାଟ୍‌ବଟ୍ ବିକଶିତ ହେବାର ସମ୍ଭାବନା ଊଣା ପଛର ପ୍ରମୁଖ କାରଣ ହେଉଛି ଏଠାରେ ଗବେଷଣାକୁ ପ୍ରୋତ୍ସାହନ ବଦଳରେ ନିରୁତ୍ସାହିତ କରାଯାଏ। ଆଗକୁ ବଢ଼ିବାର ସୁଯୋଗ ଦେବା ପରିବର୍ତ୍ତେ ବାଟ ଓଗାଳିବାର ହୀନମନ୍ୟତା ଆଧିପତ୍ୟ ବିସ୍ତାର କରି ରହିଛି।

ତେଣୁ ବୈଜ୍ଞାନିକ ଓ ଗବେଷଣା ବ୍ୟବସ୍ଥାରେ ସରକାର ଯେତିକି ଦାୟୀ ତତୋଧିକ ଦାୟୀ ବରିଷ୍ଠ ଶିକ୍ଷାବିତମାନେ। ଏହା ଗୋଟିଏ ଦେଶର ନେତୃତ୍ୱ ଓ ଦୂରଦୃଷ୍ଟିର ଅଭାବକୁ ଇଙ୍ଗିତ କରେ। ଏ କ୍ଷେତ୍ରରେ ହୋମି ଭାଭା ଓ ବିକ୍ରମ ସରଭାଇ ଜଣେ ଜଣେ ବିରଳ ଉଦାହରଣ। ଭାରତୀୟ ବିଜ୍ଞାନ ଗବେଷଣାର ଆଉ ଏକ ନକାରାତ୍ମକ ଦିଗ ହେଲା ବୈଜ୍ଞାନିକମାନଙ୍କ ନିଯୁକ୍ତି ପ୍ରକ୍ରିୟା। ଭାରତରେ ପ୍ରତିଭାବାନ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବାରୁ ଗବେଷଣା କ୍ଷେତ୍ରରେ ପ୍ରବେଶ କରିପାରୁନାହାନ୍ତି କି ନବାଗତମାନଙ୍କୁ ଦିଗ୍‌ଦର୍ଶନ ଦେଇପାରୁନାହାନ୍ତି। ଭାରତର ମିଶାଇଲ୍ ମ୍ୟାନ୍ ଭାବେ ପରିଚିତ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ ପିଜେ ଅବ୍‌ଦୁଲ୍ କାଲାମ୍‌ଙ୍କୁ ମଧ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଭାରତର ଏକ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳିନଥିଲା। ସେତେବେଳକୁ ଡ. କାଲାମ୍ ମିଶାଇଲ୍ ଟେକ୍‌ନୋଲଜିର ଉତ୍କର୍ଷ ସୋପାନରେ ପହଞ୍ଚି ସାରିଥିଲେ ଏବଂ ସେହି ଜ୍ଞାନକୁ ସେ ନବାଗତଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଥିଲେ।

ବୈଜ୍ଞାନିକ ବା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ବେଳେ ଯେଉଁ ମାନଦଣ୍ଡ ବା ମାର୍ଗଦର୍ଶିକା ଅନୁସରଣ କରାଯାଏ ତାହାକୁ ନେଇ ମଧ୍ୟ କେତେକ ଗବେଷକ ପ୍ରଶ୍ନ ଉଠାଇଛନ୍ତି। ପ୍ରାର୍ଥୀ ଚୟନ ଓ ନିଯୁକ୍ତିରେ ପ୍ରତିପତ୍ତି, ସରକାରୀ ଚାପ, ଆଞ୍ଚଳିକତା ଏବଂ ଅର୍ଥନୈତିକ ପୃଷ୍ଠପୋଷକତା ଅଯଥା ଓ ଅନାବଶ୍ୟକ ଗୁରୁତ୍ୱ ବହନ କରେ। ଗବେଷଣାଗୁଡ଼ିକ ମଧ୍ୟ ପାରମ୍ପରିକ ଏବଂ ପୂର୍ବଲିଖିତ ଏକ ଧାରାର କେବଳ ପୁନରାବୃତ୍ତି ମାତ୍ର। ଜଣେ ଗବେଷକ ନିଜ ଇଚ୍ଛା କିମ୍ବା ପସନ୍ଦ ଅନୁଯାୟୀ ଗବେଷଣା ପାଇଁ ଏକ ବିଷୟ ଚୟନ କରିପାରିବ ନାହିଁ କି ଗବେଷଣାର ନୂଆ ମାର୍ଗରେ ଯାଇପାରିବ ନାହିଁ। ଅଲିଖିତ ନିୟମ 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍' ଅନୁଯାୟୀ ଗାଇଡ୍ ଦେଇଥିବା ବିଷୟ ଏବଂ ଦେଖାଇଥିବା ମାର୍ଗରେ ଚାଲିବାକୁ ବାଧ। ନତୁବା ଗବେଷଣା ପୂର୍ଣ୍ଣ ହୋଇପାରିବ ନାହିଁ।

ଜଣେ ଯୁବ ବୈଜ୍ଞାନିକ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ପହଞ୍ଚିବା ପରେ ମଧ୍ୟ ତା'ର ସଂଘର୍ଷ ଶେଷ ହୁଏ ନାହିଁ। ସେମାନଙ୍କୁ ପ୍ରାୟତଃ ପ୍ରତ୍ୟେକ ଉପକରଣ, ପ୍ରତ୍ୟେକ ଛାତ୍ର ଏବଂ ପ୍ରତିଟି ମୁହୂର୍ତ୍ତରେ ନିଜ ସ୍ଥାନ ସୁଦୃଢ଼ କରିବା ପାଇଁ ଲଢ଼ିବାକୁ ପଡ଼ିଥାଏ। ଯୁଗୋପଯୋଗୀ ଗବେଷଣା ପାଇଁ ବ୍ୟବହୃତ ମୂଲ୍ୟବାନ ସମୟ କେବଳ ଆଭ୍ୟନ୍ତରୀଣ ରାଜନୀତି ଓ ପକ୍ଷପାତିତା ସହିତ ସାଲିସ୍ କରିବା ପାଇଁ ଅଭ୍ୟସ୍ତ ହେବାରେ ବିନିଯୋଗ ହୁଏ। ଏଭଳି ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକଙ୍କ ସ୍ୱପ୍ନ ହିଁ ମରିଯାଏ ଏବଂ ପ୍ରେରଣା ହଜିଯାଏ। ପ୍ରକାଶନ, ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୋଇଯାଏ।

ଭାରତୀୟ ଶିକ୍ଷାକ୍ଷେତ୍ରରେ କିଏ କେତେ ସଫଳ ତା'ର ମାନଦଣ୍ଡ ନିର୍ଦ୍ଧାରଣ ଗବେଷଣାର ବିଷୟବସ୍ତୁ ଚୟନ ଏବଂ ତା'ର ପ୍ରାସଙ୍ଗିକତା ଦ୍ୱାରା ନୁହେଁ, ବରଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶନ ପରିମାଣ, ପ୍ରାୟୋଜିତ / ସଂଗୃହୀତ ପୁରସ୍କାର/ପଦକ ସଂଖ୍ୟା ଦ୍ୱାରା କରାଯାଏ। ଅନେକ ଜାତୀୟ ଏକାଡେମୀ ଏବଂ ସଂସ୍ଥା ପ୍ରତିବର୍ଷ ବିଭିନ୍ନ ପ୍ରକାରର ଫେଲୋସିପ୍, ପଦକ ଓ ପୁରସ୍କାର ବଣ୍ଟନ କରୁଥିବାରୁ ବୈଜ୍ଞାନିକମାନେ ଗବେଷଣା ବଦଳରେ ଉଦ୍ଧୃତି, ସମିତି ଓ ସମାରୋହକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ଭାରତୀୟ ବ୍ୟବସ୍ଥା ନବସୃଜନ ବଦଳରେ ଦୃଶ୍ୟମାନତାକୁ ପୁରସ୍କୃତ କରେ। ବୈଜ୍ଞାନିକ/ଗବେଷକମାନଙ୍କୁ ପ୍ରାୟତଃ ଏହି ଦୌଡ଼ରେ ସ୍ୱେଚ୍ଛାକୃତ ଭାବରେ କିମ୍ବା ପରୋକ୍ଷ ଚାପ ଦ୍ୱାରା ଅଂଶଗ୍ରହଣ କରିବାକୁ ବାଧ୍ୟ କରାଯାଏ। ଯେଉଁମାନେ ଏହି ଧାରାରେ ସାମିଲ୍ ହେବାକୁ ମନା କରିଦିଅନ୍ତି ସେମାନେ ତା'ର ପରାଭବ ଭୋଗନ୍ତି। ଏଭଳି ସ୍ଥିତିରେ ନୋବେଲ୍ ସ୍ତରୀୟ ଗବେଷଣା କଥା ଚିନ୍ତା କରିବ କିଏ ଓ କେତେବେଳେ?

ଭାରତୀୟ ବିଜ୍ଞାନ ଓ ଗବେଷଣାକୁ ନୋବେଲ୍ ସ୍ତରୀୟ କରିବାକୁ ହେଲେ ଏବେ 'ଜେନ୍ ଜେଡ୍' ପିଢ଼ି ହିଁ ବିଶାଳ ସମ୍ଭାବନା ଭରା ଆଶାର ଆଲୋକ ରୂପେ ଦୃଶ୍ୟମାନ ହେଉଛନ୍ତି। ତେଣୁ ସେମାନଙ୍କୁ ସମସ୍ୟା ସମାଧାନ ସହିତ ନୀତି ନିର୍ଦ୍ଧାରଣରେ ନେତୃତ୍ୱ ନେବାର ସୁଯୋଗ ଦେବା ଆବଶ୍ୟକ। ଆମ ବରିଷ୍ଠ ପେସାଦାରମାନେ କୌଣସି ନୂତନ ପରିବର୍ତ୍ତନକୁ ସବୁବେଳେ ଭୟ କରନ୍ତି। ବରିଷ୍ଠମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଅମୂଲ୍ୟ ହେଲେ ମଧ୍ୟ ପ୍ରଗତି ପାଇଁ ନୂତନ ଚିନ୍ତାଧାରା ଓ ବୈଶ୍ୱିକ ଦୃଷ୍ଟିକୋଣ ସହିତ କନିଷ୍ଠମାନଙ୍କ ସହିତ ସହଭାଗିତା ଆବଶ୍ୟକ। ଏବେ ଗବେଷଣା ସ୍ତରରେ ଅନେକ ପଦବୀ ଖାଲି ପଡ଼ିଛି। ସେସବୁର ଉପଯୁକ୍ତ ଯୋଗ୍ୟତା ଆଧାରରେ ପୂରଣ ହେବା ଆବଶ୍ୟକ। ଏହା ଭାରତର ନୋବେଲ୍ ପୁରସ୍କାର ଜିତିବା ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଗତ କିଛି ବର୍ଷ ହେଲା ମୌଳିକ ଓ ଅନୁସୃଜନ ଗବେଷଣା, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଗବେଷଣାରେ ନିବେଶକୁ ବିସ୍ତାର ନ କଲେ ତାହା ମୂଲ୍ୟହୀନ ହୋଇପଡ଼ିବ। ଯେପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ସ୍ୱଚ୍ଛ ନିଯୁକ୍ତି, ଯୋଗ୍ୟତା-ଆଧାରିତ ପାଣ୍ଠି ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହିତ ବଦଳାଯାଇ ନାହିଁ, ସେପର୍ଯ୍ୟନ୍ତ ଭାରତ ସମ୍ଭାବନାର ଦେଶ ହୋଇ ରହିବ, ଆବିଷ୍କାର କିମ୍ବା ଉଦ୍‌ଭାବନର ନୁହେଁ।

(ସୌଜନ୍ୟ: ଇଣ୍ଡିଆନ୍ ଏକ୍ସପ୍ରେସ୍)

# ଭାଷାର ଲଢ଼େଇ, ଅସ୍ତିତ୍ୱର ଲଢ଼େଇ

ଡ. ବିକ୍ରମ ବିରୁଲି



'ହୋ' ଭାଷା ସମ୍ବିଧାନର ୮ମ ଅନୁସୂଚୀରେ କାହିଁକି ଏ ପର୍ଯ୍ୟନ୍ତ ସ୍ଥାନ ପାଇ ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଏବଂ ଦାବି ଉପସ୍ଥାପନ କରିବା ବେଳେ ଏହା ଉଲ୍ଲେଖ କରିବା ଜରୁରୀ ଯେ ଏହା ଏକ ଅଧିକାର, ଦାନ ନୁହେଁ। ୱାରାଂଚିତିର ଇତିହାସଠାରୁ ଜାତୀୟ ପରିଚୟ ପର୍ଯ୍ୟନ୍ତ 'ହୋ' ଭାଷାକୁ ସମ୍ବିଧାନିକ ସ୍ୱୀକୃତି ଏକ ନ୍ୟାଯ୍ୟ ଦାବି।

ଭାରତର ସମ୍ବିଧାନ ଯେପରି ଅନେକତାରେ ଏକତାର କବଚ, ସେପରି ଭାଷା ଏକ ଜାତିର ଆତ୍ମା। ଭାଷା ରହିଲେ ଇତିହାସ ରହେ, ସ୍ମୃତି ରହେ, ପରିଚୟ ରହେ। ତେଣୁ 'ହୋ' ଭାଷାକୁ ୮ମ ଅନୁସୂଚୀ ତାଲିକାରେ ସାମିଲ କରିବା ଅନୁଗ୍ରହ କିମ୍ବା ରାଜନୈତିକ ଭିକ୍ଷା ନୁହେଁ, ସାମ୍ବିଧାନିକ ଅଧିକାର। ଆଜି 'ହୋ' ଭାଷା କେବଳ ଗୃହଭାଷା ନୁହେଁ ଶିକ୍ଷା, ଲିପି, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ମାଧ୍ୟମରେ ବିଶ୍ୱ ଦରବାରରେ ପଦାର୍ପଣ କରିସାରିଛି। ୫୦ ଲକ୍ଷରୁ ଅଧିକ ମାତୃଭାଷୀ ଲୋକ ରହିଥିବା ଏହି ଭାଷାକୁ ଅବହେଳା କରିବା ଇତିହାସ ଓ ନ୍ୟାୟ ପ୍ରତି ଅପମାନ। ୮ମ ଅନୁସୂଚୀରେ ସାମିଲ ହେବା ଆଦିବାସୀମାନଙ୍କ ପାଇଁ ପୁରସ୍କାର ନୁହେଁ, ଏହା ଭାରତର ସଂଘଟିତ ନ୍ୟାୟର ପ୍ରତୀକ।

୧୯୪୨ ମସିହାରେ ୩୨ ଗୋଟି ଅକ୍ଷର ବିଶିଷ୍ଟ 'ୱାରାଂଚିତି' ଲିପିକୁ ଅତ୍ ଗୁରୁ କୋଲ୍ ଲାକୋ ବଦ୍ରା ଆବିଷ୍କାର କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ୧୯୭୬ରେ ସାକ୍ଷାତ କରି ହୋ ଭାଷା ଓ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ ଅନୁରୋଧ କରିଥିଲେ। ଝାଡ଼ଖଣ୍ଡ ସରକାର ୨୦୦୩ରେ ଏବଂ ଓଡ଼ିଶା ସରକାର ୨୦୧୧ ଓ ୨୦୧୯ ରେ ହୋ ଭାଷା ସମେତ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୨୦୧୧ ମସିହାରୁ ଝାଡ଼ଖଣ୍ଡ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ରୂପରେ ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ବିଭିନ୍ନ ସରକାରୀ ସ୍ତରରେ ବ୍ୟବହାର କରାଯାଉଛି।

୨୦୧୯ ରେ ପ୍ରଥମ କରି ବିଶାଳ ଗଣଧାରଣା ଦିଲ୍ଲୀ ଜନ୍ତରମନ୍ତରରେ ହେଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପଞ୍ଚମ ଥର ଦିଲ୍ଲୀରେ ହୋ ଭାଷାକୁ ନେଇ ଗଣଧାରଣ ଚାଲି ଆସୁଛି। ଏହିଭଳି ଭାବରେ ହୋ ମାନଙ୍କର ସଂଗ୍ରାମ ସରି ନାହିଁ ଏବଂ ଦେଖିବାକୁ ବାକି ରହିଲା କେନ୍ଦ୍ର ସରକାର କେବେ ଆଦିବାସୀ ଭାଷାକୁ ସଂରକ୍ଷଣ କରୁଛନ୍ତି। ଏକ ଭାଷା ୮ମ ସୂଚୀରେ ସ୍ଥାନ ପାଇଲେ ସର୍ବଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟସ୍ତରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ ଏକ ବିଷୟ ଭାବେ ସାମିଲ୍ ହୋଇପାରିବ, ସରକାରୀ ନିଯୁକ୍ତିରେ ଏହି ଭାଷାକୁ ଆଧାର ରୂପେ ଗ୍ରହଣ କରାଯିବ, ପାଠ୍ୟକ୍ରମରେ ସାମିଲ୍ ହେବାର ବାଟ ଫିଟିବ ଏବଂ ଡିଜିଟାଲ ଓ ଏଆଇରେ ଉପଯୋଗ ହୋଇପାରିବ।

ଆଜିର ଦିନରେ ଯଦି ଏହି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିବ ନାହିଁ ତେବେ ଆଗାମୀ ପିଢ଼ି ନିଜ ପରିଚୟ ହରାଇବେ। ନୀତି ନିର୍ଦ୍ଧାରକମାନେ ଭୁଲିଯିବା ଉଚିତ ହେବ ନାହିଁ ଯେ ବିକାଶ ମାନବକୁ ବଞ୍ଚାଏ, କିନ୍ତୁ ଭାଷା ମାନବତାକୁ ବଞ୍ଚାଏ। ହୋ ଭାଷା ଆଜି ଏଆଇ, ମୋବାଇଲ୍ ଆପ୍, ଡିଜିଟାଲ ଆର୍କାଇଭ୍, ୟୁନିକୋଡ୍‌ରେ ସଫଳ ଭାବେ ବ୍ୟବହୃତ ହୋଇପାରୁଛି। ଆଞ୍ଚଳିକ ଭାଷାର ସୁରକ୍ଷା ଦିଗରେ ବୈଷୟିକ ଜ୍ଞାନକୌଶଳ ଏକ କବଚ ହୋଇଥିବା ବେଳେ ଏହାର ଉପଯୋଗରେ ହୋ ଭାଷାକୁ ଆହୁରି ବିକଶିତ କରାଯାଇପାରିବ।

ଭାଷା ମରିଗଲେ ଜନଜାତି ମରିଯାଏ। ଆଜିର ଲଢ଼େଇ କେବଳ ଏକ ଆଇନ ମାମଲା ନୁହେଁ, ଏହା ପରିଚୟର, ଆତ୍ମସମ୍ମାନର ଓ ଭବିଷ୍ୟତର ଲଢ଼େଇ। ଭାରତର ମାଟିରେ ପ୍ରତ୍ୟେକ ସ୍ୱରର ମୂଲ୍ୟ ଅଛି। ଆମର ଭାଷା ରହିବା ଦରକାର। କାରଣ ଆମ ଜାତିର ଅନେକ କଥା ଅକୁହା ରହିଯାଇଛି।

କପ୍ତିପଦା (ମୟୂରଭଞ୍ଜ), ମୋ: ୯୭୮୧୫୭୭୮୨୮

# ତୋଟା ଗୋପୀନାଥ ମନ୍ଦିର ଓ ମଠ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

୧୫୧୦ ମସିହାରେ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ପଦାର୍ପଣ କଲେ। ତାଙ୍କର ହଜାର ହଜାର ଅନୁଗାମୀ ତାଙ୍କୁ ଶ୍ରୀକୃଷ୍ଣଙ୍କର ଅବତାର ମାନ୍ୟ କରୁଥିଲେ। ସେମାନଙ୍କ ଭିତରୁ ଅନେକ ତାଙ୍କ ସାଙ୍ଗରେ ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ଆଉ କେତେକ ତାଙ୍କ ପରେ ଆସି ପହଞ୍ଚିଲେ। ଗଦାଧର ପଣ୍ଡିତ ସେମାନଙ୍କ ଭିତରୁ ଜଣେ ଥିଲେ।

ଆଗେ ଯମେଶ୍ୱର ମନ୍ଦିର ନିକଟରେ ଏକ ଆମ୍ବ ତୋଟା ଥିଲା। ସେ ତୋଟାକୁ 'ଯମେଶ୍ୱର ତୋଟା' କୁହା ଯାଉଥିଲା। ଦିନେ ଚୈତନ୍ୟ ମହୋଦଧିରେ ସ୍ନାନ କରି ଯମେଶ୍ୱର ତୋଟା ଦେଇ ଫେରୁଥିଲେ। ସାଙ୍ଗରେ ଗଦାଧର ପଣ୍ଡିତ ଥିଲେ। ଚୈତନ୍ୟ ତୋଟା ଭିତର ଦେଇ ଆସୁଥିବା ବେଳେ ଇତସ୍ତତଃ ହୋଇ କିଛି ଖୋଜିଖୋଜି ହଠାତ୍ ଗୋଟିଏ ଯାଗାରେ ଠିଆ ହୋଇଗଲେ। ସେ ଯାଗାରୁ ବାଲି ମୁଠାଏ ଆଣି ମୁଣ୍ଡରେ ଲଗେଇଲେ। ତା'ପରେ ସେଠାରେ ବସି ପଡ଼ି ଦୁଇ ହାତରେ ବାଲି ଖୋଳିବାକୁ ଲାଗିଲେ। ଏ ସବୁ ଦେଖି ଗଦାଧର ପଣ୍ଡିତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'କ'ଣ କିଛି ଖୋଜୁଥିଲେ କି ମହାପ୍ରଭୁ?' - 'ହଁ। ଏଇଠି ମାଟି ତଳେ ଏକ ମହାର୍ଘ ପଦାର୍ଥ ଲୁଚି ରହିଛି। ସେ ଜିନିଷ ପାଇଗଲେ ତା'କୁ ତୁମକୁ ଅର୍ପଣ କରିଦେବି। ସେ ପଦାର୍ଥର ଦାୟିତ୍ୱ ନେବା ପାଇଁ ଏକା ତୁମେ ହିଁ ଯୋଗ୍ୟ ମଣିଷ।' ଚୈତନ୍ୟ ଉତ୍ତର ଦେଲେ। ବେଶ୍ କିଛି ସମୟ ଖୋଳିବା ପରେ ବାଲି ତଳୁ ଶ୍ରୀକୃଷ୍ଣଙ୍କର ଏକ ଦିବ୍ୟ ମନୋହର ମୂର୍ତ୍ତି ବାହାରିଲେ। ଶ୍ରୀଚୈତନ୍ୟ ମୂର୍ତ୍ତିଙ୍କୁ ସେହି ତୋଟାରେ ପ୍ରତିଷ୍ଠା କଲେ ଏବଂ ତାଙ୍କର ପୂଜାର୍ଚ୍ଚନା ଦାୟିତ୍ୱ ଗଦାଧର ପଣ୍ଡିତଙ୍କୁ ଅର୍ପଣ କଲେ। ଚୈତନ୍ୟ ସେ ଠାକୁରଙ୍କର ନାମ ଗୋପୀନାଥ ରଖିଥିଲେ ଏବଂ ତୋଟାରେ ପ୍ରତିଷ୍ଠିତ ହୋଇଥିବାରୁ 'ତୋଟା ଗୋପୀନାଥ' ନାମରେ ବିଖ୍ୟାତ ହେଲେ।

କ୍ରମଶଃ ତୋଟା ଗୋପୀନାଥଙ୍କ ପାଇଁ ଏକ ମନ୍ଦିର ନିର୍ମିତ ହେଲା। ଗଦାଧର ପଣ୍ଡିତ ଭକ୍ତି ଓ ସମର୍ପଣ ଭାବ ନେଇ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଠାକୁରଙ୍କର ଦୈନିକ ଅଷ୍ଟପ୍ରହରୀ ସେବା ପୂଜା କରିବା ପାଇଁ ମନ୍ଦିର ନିକଟରେ ଏକ ଛୋଟ ଆଶ୍ରମ ନିର୍ମାଣ କରି ସେଠାରେ ରହିଲେ। ଥରେ ନିତ୍ୟାନନ୍ଦ ମହାପ୍ରଭୁ ଗଦାଧର ପଣ୍ଡିତଙ୍କ ପାଖରେ ଆସି ପହଞ୍ଚିଲେ। ସେତେବେଳକୁ ପଣ୍ଡିତେ ଗୋପୀନାଥ ଠାକୁରଙ୍କ ପାଖରେ ଭାଗବତ ପାଠ କରୁଥିଲେ। ତାଙ୍କ କଣ୍ଠରୁ ଭାଗବତ ପାଠ ଶୁଣି ନିତ୍ୟାନନ୍ଦ ମୁଗ୍ଧ ହେଲେ ଏବଂ ତାଙ୍କ ସହ କିଛି ଦିନ ପାଇଁ ଆଶ୍ରମରେ ରହିଗଲେ। ଦୁହେଁ ଅପାର ଭକ୍ତିର ସହ ଗୋପୀନାଥଙ୍କର ଆରାଧନା ଓ ଶାସ୍ତ୍ର ଆଲୋଚନା କରି ଦିନ କାଟିଲେ।

ଶୁଣାଯାଏ ଗଦାଧର ପଣ୍ଡିତ ଖର୍ବକାୟ ଥିଲେ। ଗୋପୀନାଥଙ୍କର ଦଣ୍ଡାୟମାନ ବିଗ୍ରହ ସିଂହାସନ ଉପରେ ବିରାଜମାନ କରୁଥିଲେ। ତେଣୁ ପୂଜାର୍ଚ୍ଚନା ସମୟରେ ଛଡ଼ା ମାଳ ଉଲାଗି କରିବା ଏବଂ ନୂତନ ମାଳ ପିନ୍ଧେଇବା ବେଳେ ପଣ୍ଡିତେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। କାଠ ଘୋଡ଼ା ଉପରେ ଚଢ଼ି ଏହି ନିତ୍ୟକର୍ମ କରୁଥିବା ବେଳେ ବେଳେବେଳେ ପଡ଼ିଯାଉ ଥିଲେ। ତେଣୁ ଦିନେ ସେ ତା'ର କିଛି ଗୋଟେ ପ୍ରତିକାର କରିବା ପାଇଁ ଗୋପୀନାଥଙ୍କୁ ପ୍ରାର୍ଥନା କଲେ। ତା'ପରଦିନ ସକାଳେ ଗଦାଧର କବାଟ ଖୋଲି ପୂଜା ପାଇଁ ଭିତରକୁ ପଶି ଦେଖିଲେ ପୂର୍ବ ଦିନ ପର୍ଯ୍ୟନ୍ତ ଯେଉଁ ବିଗ୍ରହ ସିଂହାସନ ଉପରେ ଦଣ୍ଡାୟମାନ ହୋଇଥିଲେ ସେ ଦିନ ସେ ସିଂହାସନରେ ପଦ୍ମାସନରେ ବସିଥିଲେ। ଗଦାଧର ପ୍ରଭୁଙ୍କର ଅପାର କରୁଣା ଲାଭ କରି ଥିବାରୁ ଆନନ୍ଦରେ କାନ୍ଦି ପକେଇଲେ ଏବଂ ସିଂହାସନ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ। ତା'ପରେ ଖର୍ବକାୟ ଗଦାଧରଙ୍କୁ ମାଳ ଉଲାଗି କରିବା ଓ ପିନ୍ଧେଇବାରେ କୌଣସି ଅସୁବିଧା ହେଲା ନାହିଁ।

ଏ କଥାଟା ଶ୍ରୀକ୍ଷେତ୍ର ଓ ବଙ୍ଗ ଭକ୍ତମହଲରେ ବ୍ୟାପି ଗଲା। ତୋଟା ଗୋପୀନାଥ ମନ୍ଦିର ଓ ମଠକୁ ଶହ ଶହ ଭକ୍ତଙ୍କର ସୁଅ ଛୁଟିଲା। ଭକ୍ତମାନଙ୍କର ପୃଷ୍ଠପୋଷକତାରେ ମନ୍ଦିର ଓ ଆଶ୍ରମର କଳେବର ବଢ଼ିବାକୁ ଲାଗିଲା ଏବଂ ସେ ଆଶ୍ରମ 'ତୋଟା ଗୋପୀନାଥ ମଠ' ନାମରେ ବିଖ୍ୟାତ ହେଲା।

ଚୈତନ୍ୟ ମହାପ୍ରଭୁଙ୍କ ପାଇଁ ତୋଟା ଗୋପୀନାଥ ଥିଲେ ଜୀବନ୍ତ ବିଗ୍ରହ। ସେ ପ୍ରାୟ ସବୁଦିନ ଗୋପୀନାଥଙ୍କୁ ଦର୍ଶନ କରି ଗଦାଧର ପଣ୍ଡିତଙ୍କ ସହ ସତ୍‌ସଙ୍ଗ କରୁଥିଲେ। ନିଜର ଶେଷ ସମୟ ଉପସ୍ଥିତ ହେବା ଜାଣି ସେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ଲୀନ ହୋଇଯିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି। 'କି କରବ କୋଥାୟ ଯାବ ବାକ୍ୟ ନାହିଁ ସ୍ଫୁରେ, ହାରାଇଲାମ ଶ୍ରୀଚୈତନ୍ୟ ଗୋପୀନାଥେର ଘରେ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଖୋଲୁଛି ଷଡ଼ଯନ୍ତ୍ର...

କାର ଭିତରେ ଥିଲେ ବୋଲି କୁହାଯାଉଛି । ତେବେ ଏହା ଆତ୍ମଘାତୀ ବିସ୍ଫୋରଣ କି ନାହିଁ, ତାହା ସ୍ପଷ୍ଟ ହୋଇପାରୁ ନାହିଁ । ଦିଲ୍ଲୀ ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାୟତଃ ଜଣେ କି ଦୁଇ ଜଣ ସମ୍ପୃକ୍ତ ଥାଆନ୍ତି । ତିନି ଜଣ ସମ୍ପୃକ୍ତ ଥିବାର ନଜିର ନାହିଁ । ସେ କହିଛନ୍ତି ଯେ ଉକ୍ତ ବିସ୍ଫୋରକ ଲଦେଇ କାରକୁ ଅନ୍ୟ କୌଣସି ସ୍ଥାନକୁ ନେଇ ବିସ୍ଫୋରଣ କରାଇବାକୁ ଯୋଜନା ଥିଲା । କିନ୍ତୁ କାର ଟ୍ରାଫିକରେ ଫସିବା ପରେ ବିସ୍ଫୋରଣ ହୋଇଥିଲା ।

ଦିଲ୍ଲୀ ପୁଲିସର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଲାଗି ଯୋଜନା ଚଳାଯାଉଥିବା ବେଳେ ମିଳିତ ଅପରେସନରେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେଥିରେ ଅଲ ଫଲାହ ମେଡିକାଲ କଲେଜର ତିନି ଜଣ ଡାକ୍ତର ମଧ୍ୟ ଥିଲେ । ପୁଲିସର ଏହି ଅଭିଯାନରେ ଆତଙ୍କିତ ହୋଇପଡ଼ି ଡାକ୍ତର ଉମର ତରବରିଆ ଭାବେ ଏମିତି ଆତ୍ମଘାତୀ ବିସ୍ଫୋରଣ କରିଥିବା ସନ୍ଦେହ କରାଯାଉଛି । ଗତକାଲି ଏହି ମେଡିକାଲ କଲେଜର ତିନି ଜଣ ଡାକ୍ତର ଧରାପଡ଼ିଥିଲେ, ସେମାନଙ୍କ ସହିତ ଡାକ୍ତର ଉମରର ଘନିଷ୍ଠତା ଥିଲା । ଉମର ସମ୍ପର୍କରେ ସୂରାଖ ମିଳିବା ପରେ ଦିଲ୍ଲୀ ଓ କଶ୍ମୀର ପୁଲିସ ଆଜି ପୁଲୱାମା ଯାଇ ତା ଘରେ ଚଢ଼ାଉ କରିଥିଲେ । ପୁଲିସ ଉମରର ଦୁଇ ଭାଇ ଓ ମାଆଙ୍କୁ ଗିରଫ କରିଛି । ଉମର ବିଷୟରେ ସେମାନଙ୍କୁ ପଚରାଉଚରା କରାଯାଉଛି ।

ଇତିମଧ୍ୟରେ ଦିଲ୍ଲୀ ପୁଲିସ ଏକ ଟିମ୍ ଆଜି ସକାଳେ ଫରିଦାବାଦ ଅଲ ଫଲାହ ମେଡିକାଲ କଲେଜ ଯାଇ ସିସିଟିଭି ଫୁଟେଜର ଛାନଭିନ୍ କରିବା ସହିତ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି । ଏହାସହିତ ଏହି ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହରେ ଆଉ ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି । ଗତକାଲି ଏହି କଲେଜର ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଡାକ୍ତର ମୁଜାମ୍ମିଲ ଘରୁ ୨୯୦୦ କେଜି ବିସ୍ଫୋରକ ମିଳିଥିଲା । ମୁଜାମ୍ମିଲର ଘନିଷ୍ଠ ସହଯୋଗୀ ଥିଲା ଡାକ୍ତର ଉମର । ଫରିଦାବାଦରୁ ବିସ୍ଫୋରକ ଧରାପଡ଼ିବା ପରେ ପୁଲିସ ପକ୍ଷରୁ କୁହାଯାଇଥିଲା ଯେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଦିଆଯାଇଛି । କିନ୍ତୁ ଏହାର କିଛି ସମୟ ପରେ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ହୋଇଥିଲା ।

### ଏନ୍‌ଡିଏ ସପକ୍ଷରେ...

ଏହାକୁ ଅତି ବେଶିରେ ୫ଟି ଆସନ ମିଳିପାରେ ବୋଲି କୁହାଯାଉଛି । ଦୈନିକ ଭାସ୍କର ଆକଳନ ଅନୁଯାୟୀ ଏନଡିଏକୁ ୧୪୫ରୁ ୧୬୦, ମହାମେଣ୍ଟକୁ ୭୩ରୁ ୯୧ ଏବଂ ଜନ ସୁରଜ ପାର୍ଟିକୁ ୫ଟି ଆସନ ମିଳିପାରେ । ପିପୁଲ୍ସ ଇନସାଇଟ ସର୍ଭେ କହୁଛି ଯେ ଏନଡିଏ ଅଂଶୀଦାର ବିଜେପିକୁ ୬୮ରୁ ୭୨, ଜେଡିୟୁକୁ ୫୫ରୁ ୬୦ ଏବଂ ଏଲଜେପିକୁ ୯ରୁ ୧୨ ଆସନ ମିଳିପାରେ । ସେହିଭଳି ମହାମେଣ୍ଟ ଅଂଶୀଦାର ଆରଜେଡିକୁ ୬୨ରୁ ୭୨, କଂଗ୍ରେସକୁ ୯ରୁ ୧୩ ଏବଂ ବାମପନ୍ଥୀଙ୍କୁ ୧୧ରୁ ୧୪ଟି ପର୍ଯ୍ୟନ୍ତ ଆସନ ମିଳିପାରେ ।

ସୂଚନାଯୋଗ୍ୟ ଯେ ଏବେ ରାଜ୍ୟ ବିଧାନସଭାରେ ଏନଡିଏର ୧୩୧ଟି ଆସନ ଥିବା ବେଳେ ଏହାର ଅଂଶୀଦାର ବିଜେପିର ୮୦ ଏବଂ ଜେଡିୟୁର ୪୫ ବିଧାୟକ ଅଛନ୍ତି । ସେହିଭଳି ମହାମେଣ୍ଟର ୧୧୧ ସଭ୍ୟ ଥିବା ବେଳେ ଅଂଶୀଦାର ଆରଜେଡିର ୭୭, କଂଗ୍ରେସର ୧୯ ଏବଂ ୧୫ ଜଣ ବାମପନ୍ଥୀ ବିଧାୟକ ଅଛନ୍ତି ।

### ନୂଆପଡ଼ାରେ ୭୭.୯୩%...

ଯୋଗାଉଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ଭୋଟଦାନ ପ୍ରକ୍ରିୟା ଶେଷ ହୋଇଛି । ପୋଲିଂ ଅଧିକାରୀମାନଙ୍କୁ ନେଇ ମତଦାନ କେନ୍ଦ୍ରକୁ ଯାଉଥିବା ସମସ୍ତ ୮ଟି ହେଲିକପ୍ଟର ନିଜର ଗନ୍ତବ୍ୟ ସ୍ଥାନକୁ ଫେରି ଆସିଥିବା ବେଳେ ସମସ୍ତ ବୁଥରେ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି । କେତେକ ବୁଥରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସେଠାରେ ତୁରନ୍ତ ସମାଧାନ କରାଯାଇଥିଲା । ବିଶେଷକରି ମକ୍ ପୋଲ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା କାରଣରୁ ତିନୋଟି ବାଲାଟ ୟୁନିଟ(ବିୟୁ) ଏବଂ ତିନୋଟି କଣ୍ଟ୍ରୋଲ ୟୁନିଟ(ସିୟୁ) ତୁରନ୍ତ ବଦଳାଯାଇଥିଲା । ପରେ ମତଦାନ ଆରମ୍ଭ ହେବା ପରେ ଖରିଆର ରୋଡର ମଙ୍ଗୋଲପାଲୀ ବୁଥ ନମ୍ବର ୨୭ରେ ଇଭିଏମରେ ସମସ୍ୟା ଦେଖାଦେଇଥିବା ବେଳେ ଏହାର ତୁରନ୍ତ ସମାଧାନ କରାଯାଇଥିଲା ବୋଲି ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ସେହିପରି ବୁଥ ନମ୍ବର ୧୪୬, ବୁଥ ନମ୍ବର ୨୯୮, ବୁଥ ନମ୍ବର ୮୦, ବୁଥ ନମ୍ବର ୨୯୮ରେ ଇଭିଏମ ଏବଂ ଏହାର କେତେକ ଅଂଶ ସଠିକ୍ ଭାବେ କାର୍ଯ୍ୟ ନକରିବାରୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଅପରପକ୍ଷେ ନୂଆପଡ଼ା ନିର୍ବାଚନମଣ୍ଡଳୀର ଏକାଧିକ ବୁଥରେ ବିଜେପି କର୍ମୀମାନେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ପ୍ରମାଣ ସହ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେଡି ଓ କଂଗ୍ରେସ । ବିଶେଷକରି ବୁଥ ପରିସର ମଧ୍ୟରେ ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକ ଆଣିଯାଇ ସେମାନଙ୍କୁ ନକଲି ପରିଚୟ ପତ୍ର ଦେଇ ବିଜେପି ସପକ୍ଷରେ ଭୋଟଦାନ କରାଯାଉଛି ବୋଲି ବିରୋଧୀ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ସେପଟେ ଇଭିଏମରେ ଗୋଟିଏ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ବେଳେ ଏହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯିବା ଏବଂ ବିଜେପି ବୁଥ ମଧ୍ୟରେ ଭୋଟରଙ୍କୁ ଟିଫିନ ବାଣ୍ଟି ସେମାନଙ୍କୁ ପ୍ରଲୋଭିତ କରୁଥିବା ଅଭିଯୋଗ ହୋଇଛି । ଭୋଟ ବିଜେପି ସପକ୍ଷରେ ଦିଆଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି ।

### ସିବିଆଇ ତଦନ୍ତ...

ପୁଲିସ ସୂଚନା ଦେଇଥିଲା । ପରେ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରିବା ପରେ ପର୍ଯ୍ୟାୟକ୍ରମେ ସିଲିକନ୍ ମୁଖ୍ୟ ସୁରେଶ ନାୟକ, ପଞ୍ଚସପ୍ତ ମୁଖ୍ୟ ଶଙ୍କର ପ୍ରୁଷ୍ଟି, ତା'ର ସହଯୋଗୀ ମୁନ୍ନା ମହାନ୍ତି ଓ ଅନ୍ୟ କେତେକ ଦଲାଲଙ୍କୁ ଗିରଫ କରିଥିଲା । ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିଥିଲେ ଓ ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ସମଗ୍ର ଘଟଣାରେ ସୁରେଶ ନାୟକ ଓ ଶଙ୍କର ପ୍ରୁଷ୍ଟିଙ୍କୁ ଦାୟୀ କରିଛି । ମାତ୍ର ପୁଲିସ ଏସ୍‌ଆଇ ପରୀକ୍ଷା ନିମନ୍ତେ ଗଠିତ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡର ଭୂମିକାକୁ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ । ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ ମୁଖ୍ୟ ସୁରେଶ ନାୟକ ଆଉଟିଂ ପାଇଲେ ଓ ଏହା ପଛରେ ଉଚ୍ଚ ଅଧିକାରୀଙ୍କ ଭୂମିକା ରହିଛି ବୋଲି ଅଭିଯୋଗ ହେଉଛି । ତେବେ ଏହି ତଦନ୍ତରୁ ଦୁର୍ନୀତି ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଥିବାର ସନ୍ଦେହ କରାଯାଉଛି । ଏଥିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ଥିବା କୁହାଯାଉଛି ।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁଲିସ ଚାକିରି ବିକ୍ରି ଘଟଣାର ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡ଼ଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

### ଟ୍ରାକ୍ଟର୍ ମଡ଼ାଇ...

ସୂଚନାନୁଯାୟୀ, ମେରଘରାଗ୍ରାମର ଲାଲୁ ଭର୍ମିଆଲ ପ୍ରତିଦିନ ଭଳି ନିଜର ଟ୍ରାକ୍ଟର ଡାଲାକୁ ଗତକାଲି ନିଜ ଘର ସାମ୍ନାରେ ରଖିଥିଲେ । ରାତି ପ୍ରାୟ ୧୨ଟାରେ ସମସ୍ତେ ଶୋଇଥିବା ବେଳେ ୪ରୁ ୫ ଜଣ ଦୁର୍ବୃତ୍ତ ଆସି ଅନ୍ୟ ଏକ ଟ୍ରାକ୍ଟରରେ ତାଙ୍କ ଡାଲାକୁ ଯୋଡ଼ି ଚୋରି କରିନେଉଥିଲେ । ଏହା ଜାଣିପାରି ଲାଲୁଙ୍କ ବାପା ହରିଶଙ୍କର ଉଠିପଡ଼ିଥିଲେ । ତାଙ୍କ ପାଟି ଶୁଣି ଲାଲୁଙ୍କ ପୁଅ ସତ୍ୟମ ମଧ୍ୟ ଉଠି ପଡ଼ିଥିଲା । ପରେ ଏକ ବାଇକରେ ଦୁହେଁ ଦୁର୍ବୃତ୍ତମାନଙ୍କ ପିଛା କରିଥିଲେ । ବ୍ରାହ୍ମଣଛେଣ୍ଡିଆ ଗାଁ ନିକଟରେ ସେମାନେ ଦୁର୍ବୃତ୍ତଙ୍କ ଟ୍ରାକ୍ଟରକୁ ଓଭରଟେକ୍ କରି ଗାଡ଼ି ଅଟକାଇଥିଲେ । ଦୁର୍ବୃତ୍ତମାନେ ଦୁହିଁଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ସେମାନେ କିଛି ଦୂରରେ ରାସ୍ତାକଡ଼ରେ ଚୋରି ଟ୍ରାକ୍ଟର୍ ଡାଲାକୁ ଛାଡ଼ି ପଳାଇଥିଲେ । ଅପରପକ୍ଷେ କିଛି ସ୍ଥାନୀୟ ଲୋକ ଗୁରୁତର ଜେଜେ-ନାତିଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ହରିଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା । ସତ୍ୟମଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟମଙ୍କ ମୃତ୍ୟୁ ହୋଇଯାଇଥିଲା । ଏହି ଖବର ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଶବଦ୍ୱୟକୁ ଧର୍ମଗଡ଼-ଜୁନାଗଡ଼ ମୁଖ୍ୟ ରାସ୍ତାରେ ରଖି ଅବରୋଧ କରିଥିଲେ । ହତ୍ୟାକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବିରେ ଶହଶହ ଗ୍ରାମବାସୀ ରାସ୍ତା ଉପରେ ବସି ରହିବାରୁ ଏହି ବାଟ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳରେ ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଏସ୍‌ଡିପିଓ ତୋଳାମଣି ଭୋଇ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ କ୍ଷତିପୂରଣ ରାଶି ଯୋଗାଇଦେବା ଓ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

## ବିଜେଡିର ସାଂଘାତିକ ଅଭିଯୋଗ

# ବୁଥରେ ଚାପ ପକାଇଛନ୍ତି ବିଜେପି କର୍ମୀ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି । ମାତ୍ର ଭୋଟ ଗ୍ରହଣ ଦିନ ବି ଆଦର୍ଶ ଆଚରଣ ବିଧିକୁ ମାନି ନାହିଁ ବିଜେପି । ବିଜେପି କର୍ମୀମାନେ ବୁଥ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ସେହିପରି ମତଦାନ କେନ୍ଦ୍ର ଆଗରେ ବିଜେପି କର୍ମୀମାନେ ଭୋଟରଙ୍କୁ ଖାଦ୍ୟ ପୁଡିଆ ଦେଇ ପ୍ରଭାବିତ କରୁଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ । ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି କହିଛନ୍ତି ଯେ ଭୋଟ ଗ୍ରହଣ ଚାଲିଥିବା ବେଳେ ନୀତି ନିୟମ ଓ କଟକଣାକୁ ବିଜେପି ନେତା ଓ କର୍ମୀ ଆଦୌ ନାହାନ୍ତି । ବୁଥ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତ କରି ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେବା ପାଇଁ ସେମାନେ ଚାପ ପକାଇଛନ୍ତି । ଖରିଆର ରୋଡ ଏନଏସିରେ ଥିବା ବୁଥ୍ ନଂ ୩,୪,୫,୧୩,୧୪,୧୫ ଆଗରେ ଏପରି ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି । ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ବିଜେପି ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଥିଲେ । ତେଣୁ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ । ଅପରପକ୍ଷେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଅଭିଯୋଗ କରିଛନ୍ତି ଯେ ନୂଆପଡ଼ାର ସବୁ ବୁଥ ଆଗରେ ବିଜେପି ନେତା ଓ କର୍ମୀମାନେ ଷ୍ଟଲ ଲଗାଇ ଭୋଟ ଦେବା ପାଇଁ ଆସୁଥିବା ଲୋକଙ୍କୁ ଟିଫିନ୍ ପୁଡିଆ ଧରାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି । ଖାଦ୍ୟ ପୁଡିଆ ଦେଇ ସେମାନଙ୍କୁ ବିଭ୍ରାନ୍ତ କରାଯାଉଛି । ଆଦର୍ଶ ଆଚାର ବିଧିର ଏହା ଖୋଲା ଉଲ୍ଲଂଘନ । ଏପରି ଏକ ଗୁରୁତର ଓ ସମ୍ବେଦନଶୀଳ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଯୋଶୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାପଡ଼ିଛି । ବିଜେପିର ଏହି ନିନ୍ଦନୀୟ କାର୍ଯ୍ୟକୁ ନୂଆପଡ଼ାର ସଚେତନ ନାଗରିକ, ଉଚିତ୍ ଜବତ ଦେବେ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି ।

### ନିଃସର୍ତ୍ତ କ୍ଷମା ମାଗିଲେ...

ପ୍ରକାଶଥାଉକି ଏହି ମାମଲାରେ ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ପୂର୍ବରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲେ ମଧ୍ୟ ସତ୍ୟପାଠ ଜରିଆରେ ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାର ସମ୍ପର୍କ ରହିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ମନ୍ତବ୍ୟ ଦେଇଥିବା ନେଇ ଦାଖଲ ସତ୍ୟପାଠରେ ସ୍ୱୀକାର କରିଛନ୍ତି । ଏଭଳି ମନ୍ତବ୍ୟ ପ୍ରଦାନ ପାଇଁ ଦୁଃଖ ପ୍ରକାଶ ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରି ଅଦାଲତଙ୍କ ଅବମାନନାର କିଛି ଉଦ୍ଦେଶ୍ୟ ନଥିଲା ବୋଲି ଏସପି ଅଦାଲତଙ୍କୁ ଅବଗତ କରିଛନ୍ତି । ମାମଲାରୁ ପ୍ରକାଶ ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ପର୍ଦ୍ଦାଫାସକୁ ନେଇ ବ୍ରହ୍ମପୁର ଏସପି କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ହତ୍ୟା ଘଟଣା ସହ ଉପରୋକ୍ତ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଥିବା କହିଥିଲେ । ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମାକୁ ପୀତବାସ ପଣ୍ଡା ହତ୍ୟା ଘଟଣାର ଅଭିଯୁକ୍ତ ଶିବଶଙ୍କର ଦାସ ହିଁ ନିଜ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରିଥିଲେ । ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି ଗଣମଧ୍ୟମ ସମ୍ମୁଖରେ କହିଥିଲେ । ଏକ ହତ୍ୟା ଘଟଣା ସହ ଏହି ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ସେ ଦର୍ଶାଇଥିଲେ ଯେ ଗତ ୨୦୨୫ଅକ୍ଟୋବର୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇନେଇଥିଲେ । ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ । ଉକ୍ତ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଏସପିଙ୍କ ସ୍ପଷ୍ଟୀକରଣ ମାଗିବା ସହ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ ।

### ଡିସେମ୍ବର ୧୭ରେ...

ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା । ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି ।

यूनियन बैंक ऑफ़ इंडिया | Union Bank of India | भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୪,୦୦୦/- / ଟ.୨୧,୫୦୦/- |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘନ ବେହେରାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୧ ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- |
| ୬. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୩) ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- |
| ୭. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୧.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**
By virtue of an affidavit sworn before Executive Magistrate, K.S.Nagar, Ganjam, I Sri Manoj Jena, S/o- Late Mangulu Jena, resident of Vill.- Sadabarta Nuagan, Po./Via/ Ps.- Kabisurya Nagar, Dist.- Ganjam, Odisha state that, my nick name is Laba Jena. In my Adhar Card and Voter ID Card my name has been mentioned as Laba Jena. Hence **Manoj Jena** and **Laba Jena** S/o- Mangulu Jena is one and same person.

**NOTICE**
By virtue of an affidavit sworn before the Executive Magistrate, Athmallik dated 10th November 2025, I, Mr. MANORANJAN PADHAN address Village : OSKAPALI, P.O.: OSKAPALI, P.S.: KISHORENAGAR , District : ANGUL, PIN : 759126 , STATE : ODISHA, declare that I have changed the name of my daughter from HIRANMAREE PADHAN to HIRANMAYEE PADHAN Henceforth, she shall be known as HIRANMAYEE PADHAN for all purposes.
MANORANJAN PADHAN

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 36-KUR-TRD-OT-2025-26
କାର୍ଯ୍ୟର ନାମ : ଯାଜପୁର କେନ୍ଦୁଝର ରୋଡ୍ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ ।
ବିଜ୍ଞାପିତ ମୂଲ୍ୟ (₹): 21,70,505.09, EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-786/Q/25-26

**AFFIDAVIT**
I, Hrusikesh Dash, aged about 48 years, S/o- Kunja Bihari Dash, resident of At/Po- Puran, Ps- Biridi, Dist- Jagatsinghpur, Odisha, Pin- 754102 declare by this affidavit No. 2296, dtd-10.11.2025, that now onwards I shall be known as **HRUSHIKESH DASH** for all future purposes

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated 10/11/2025, CF No.- 92/10.11.2025. I, Jashobanta Rout S/O Late Bishnu Rout, At- Sanamohanpur, PO-Badapada, PS-Pattamundai, Dist- Kendrapada, Pin- 754245, declare that I have changed the name of my son from Suvam Rout to Subham Kumar Rout. Henceforth, he shall be known as new name Subham Kumar Rout for all purposes.
Sd/- Jashobanta Rout

**AFFIDAVIT**
By the virtue of an affidavit sworn before the Notary public, Daringibadi, Dated 30.10.2025. I Upendra Malik, S/o- Mali Malik, Vill : Tudubiju, Po: Gudikia, Ps: Bamunigam, Dist: Kandhamal, State: Odisha-762021 declare that I have changed my minor son's name from DEBA MALIK to DEBAK MALIK. Henceforth, He shall be known as **DEBAK MALIK** for all purposes.
Sd/- Upendra Malik

**AFFIDAVIT**
By virtue of an Affidavit before Notary Public, Malkangiri, **I, Manoj Majumdar**, aged about 43 years, S/o.: Dilip Kumar Majumdar, resident of Village: MV-48, PO.: Tumsapalli, P.S./ Dist: Malkangiri, Odisha, declare by this Affidavit No.: 1397, Dated: 14.10.2025 that I have changed my name from Manoj Kumar Majumdar to **Manoj Majumdar.** Henceforth I shall be known as **Manoj Majumdar** for all future purposes.

**AFFIDAVIT**
By virtue of an affidavit sworn before (Executive Magistrate Daspalla) dated 13.10.2025 I, Tuna Mahakhud Vill-Hanumanta, PO-Chadeyapalli, PS-Banigochha, Dist-Nayagarh, Pin-752089 declare that I have changed the name of my daughter from Loknath Mahakhuda to Adyasarani Mahakhud. Henceforth, she shall be known as Adyasarani Mahakhud for all purposes.
(Tuna Mahakhud)

**AFFIDAVIT**
I Aishwarya Abhinandita Sahoo, D/o- Sarada Prasan Sahoo resident of QR No-E/169,Sector-18, Rourkela, Dist- Sundargarh, Pin-769003, Odisha declare by this Affidavit No - 81 Dtd 10.11.2025 that now onwards I shall be known as S AISHWARYA ABHINANDITA for all future purposes .

**AFFIDAVIT**
By the virtue of an affidavit sworn before the Executive Magistrate, M. Rampur, Kalahandi, Dtd. 10.11.2025. I, Thabira Rana, S/o Chandra Rana, At- Jambahalai, P.O. Nunpur, P.S.: M. Rampur, Dist.- Kalahandi, Odisha – 766102 have changed my minor daughter's name from Suti Rana. to Sruti Rana. Henceforth, she shall be known as Sruti Rana for all purposes.
Sd/- Thabira Rana

**AFFIDAVIT**
By virtue of an affidavit before Notary Public, Bhubaneswar dtd. 17.10.2025, I Deepti Mishra residing at Baramunda, Bhubaneswar, that in Birth Certificate of my Daughter, my name printed wrongly as Deepti Nanda instead of Deepti Mishra and subsequently it was corrected to Deepti Mishra. Hence Deepti Mishra and Deepti Nanda is same and one person.
Deepti Mishra

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, on dated 11.11.2025, I Jhili Palei W/o- Kalu Charan Palei, resident at Tulasipur, Kendupata, Khalikote, Dist- Ganjam, Odisha, PIN- 761030, declare that I have changed my son's name from Suhan Palei to Sohan Palei. Henceforth, He shall be known as **SOHAN PALEI** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Jajpur, SL NO. 4177, dated 17-10-2025 I, **HADIANI MOHANTY,** Permanent resident- At- Mulapal, Po- Rudhia, Ps- Panikoili, Dist- Jajpur, State- Odisha, PIN- 755033, declare that I have changed my name from **RANGALATA MOHANTY** (Old name) to **HADIANI MOHANTY** (New name), Henceforth, I shall be known as **HADIANI MOHANTY** for all purposes.
Sd-( **HADIANI MOHANTY**)

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF NO. 128, dated 04-09-2025 I, **SANTOSWINI GHATUAL,** Permanent resident- At- Laxmiprasad, Po- Sahaspur, Ps- Banpur, Dist- Khordha, State- Odisha, PIN- 752031, declare that I have changed my name from **SANTOSMINI GHATUAL** (Old name) to **SANTOSWINI GHATUAL** (New name), Henceforth, I shall be known as **SANTOSWINI GHATUAL** for all purposes.
Sd-( **SANTOSWINI GHATUAL**)

**AFFIDAVIT**
By virtue of an affidavit sworn before the Notary Public, Bhubaneswar, dated 06.11.2025,CF No.- 62/ 06.11.2025. I, Manash Kumar Digal S/O Srikant Digal, At- Mayfair Nagar, PO- R.R.L, PS- Maitri Vihar, Dist- Khordha, Pin- 751013, declare that I have changed the name of my son from Alfaz Digal to Jyoti Raditya Digal. Henceforth, he shall be known as new name Jyoti Raditya Digal for all purposes.
Manash Kumar Digal

**AFFIDAVIT**
By virtue of an affidavit sworn before Executive Magistrate, Muniguda, I Pramod Kumar Saraka, S/o- Gobinda Saraka, resident of Vill.- Gojakupuli, Po.- Kutragada, Ps.- Muniguda, Dist.- Rayagada, Pin- 765020 Odisha vide affidavit no.1922/2025 Dtd.11.11.2025 state that, I have changed my name from **Pramod Saraka** to **Pramod Kumar Saraka**. Henceforth I shall be known as **Pramod Kumar Saraka** for all future purposes.

**ପୂର୍ବ ତଟ ରେଳପଥ**
ରେଳ ଓକିଲମାନଙ୍କ ତାଲିକାଭୁକ୍ତିକରଣ
ଅଧିସୂଚନା ସଂ. 01/2025 ତାରିଖ : 10.11.2025
ରେଳୱେ ବୋର୍ଡର ପତ୍ର ସଂଖ୍ୟା 2024/LC/15/1 ତା 06.10.2025 ରିଖ ଅନୁଯାୟୀ ପୂର୍ବ ତଟ ରେଳପଥ ପରିସୀମା ଅଧୀନସ୍ଥ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (CAT)/ କଟକ, ରେଳୱେ କ୍ଲେମ୍ସ ଟ୍ରିବ୍ୟୁନାଲ (RCT)/ଭୁବନେଶ୍ୱର ପାଇଁ ରେଳୱେ ଓକିଲଙ୍କ ତାଲିକାଭୁକ୍ତିକରଣ ପାଇଁ ଆବଶ୍ୟକୀୟ ଯୋଗ୍ୟତା, ଉପଯୁକ୍ତତା ଏବଂ ଅଭିଜ୍ଞତା ଥିବା ଓକିଲମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଆବେଦନ ପତ୍ର, ଯୋଗ୍ୟତା ଏବଂ ଅନ୍ୟ ବିବରଣୀ ନିମନ୍ତେ ଦୟାକରି https://eastcoastrail.indianrailways.gov.in ଦେଖନ୍ତୁ ।
ଆବେଦନ ଜମା କରିବାର ଅନ୍ତିମ ତାରିଖ 11.12.2025 ଅଟେ ।
ଦ୍ରଷ୍ଟବ୍ୟ : ଦୟାକରି କୌଣସି ସବିଶେଷ ତଥ୍ୟ (ଯଦି କିଛି ଥାଏ) ନିମନ୍ତେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ ।
PR-791/Q/25-26
ଉପମହାପ୍ରବନ୍ଧକ (ଆଇନ), ଭୁବନେଶ୍ୱର

## ଅତିଥି ଶିକ୍ଷକରେ ଚାଲିଛି ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ପାଠପଢ଼ାରେ ଛାତ୍ରଛାତ୍ରୀଙ୍କ କମୁଛି ଆଗ୍ରହ

ଭଦ୍ରକ, ୧୧।୧୧(ସମିସ)




ଏକଦା ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ମାନ୍ୟତା ପାଇଥିବା ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ପୂର୍ବରୁ ଯୁକ୍ତ ୨ କଲେଜ ବା ଜୁନିଅର କଲେଜ) ଏବେ ଖ୍ୟାତି ଏବଂ ଗୌରବ ହରାଇବାକୁ ବସିଛି; ଯାହାକୁ ନେଇ ଏଠାକାର ବୁଦ୍ଧିଜିବୀ, ଶିକ୍ଷାବିତ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଏଠାରେ ଯୁକ୍ତ ଦୁଇରେ ନାମ ଲେଖିବା ପାଇଁ ଉଭୟ ମେଧାବୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ବେଶ ଆଗ୍ରହ ଥିଲା। ଗତ ୧୯୪୮ ମସିହାରେ ଏହି ଶିକ୍ଷାନୁଷ୍ଠାନ ବା କଲେଜରୁ ବହୁ ଛାତ୍ରଛାତ୍ରୀ ଅଧ୍ୟୟନ କରି ପ୍ରତିଷ୍ଠିତ ହୋଇପାରିଛନ୍ତି। ତେବେ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଛି ଏହି ଶିକ୍ଷାନୁଷ୍ଠାନ। ଏବେ ଏହି ଶିକ୍ଷାନୁଷ୍ଠାନରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୫୦୦ ଶହ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେହିପରି କଳାରେ ୫୧୨ ସିଟ୍ ରହିଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ମୋଟ ୧୦୨୪ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ପ୍ରଥମ ବର୍ଷରେ ୫୧୨ ଓ ଦ୍ୱିତୀୟ ବର୍ଷରେ ୫୧୨ ସିଟ ସମେତ ୧୦୨୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେହିପରି ବାଣିଜ୍ୟରେ ପ୍ରଥମ ବର୍ଷରେ ୨୫୬ ଓ ଦ୍ୱିତୀୟ ବର୍ଷ ୨୫୬ ସିଟ ରହିଛି। ବାଣିଜ୍ୟରେ ମୋଟ ୫୧୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୩ଟି ବିଭାଗର ମୋଟ ୨୫୦୦ ଛାତ୍ରଛାତ୍ରୀଙ୍କ ପାଇଁ ମୋଟ ୩୯ ଜଣ ଅଧ୍ୟାପକ ରହିବା ପାଇଁ ମଞ୍ଜୁରୀପ୍ରାପ୍ତ ହେଉଛି। ଏହି ପଦବୀରେ ସ୍ଥାୟୀ ଅଧ୍ୟାପକ ରହିବା କଥା। ମାତ୍ର ଏମାନଙ୍କ ସ୍ଥାନରେ ଅଛନ୍ତି ୩୬ ଜଣ ଅତିଥି ଅଧ୍ୟାପକ। ସେଥିରୁ ୨ଟି ପଦବି ଖାଲି ପଡ଼ିଛି। ସ୍ଥାୟୀ ଅଧ୍ୟାପକ ନ ଥିବାରୁ ଅତିଥି ଅଧ୍ୟାପକମାନେ ନିୟମିତ ଭାବେ ଶିକ୍ଷାଦାନ କରୁନଥିବା ଅଭିଯୋଗ ହେଉଛି। ଫଳରେ ପୂର୍ବଭଳି ଏହି ସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଆଉ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଆଗ୍ରହ ରହୁ ନ ଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଏହାର ସୁଯୋଗ ନେଇ ଜିଲ୍ଲା ସଦର ମହକୁମାରେ ଏବେ ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ସୂଚନାଯୋଗ୍ୟ ଯେ, ପୂର୍ବର ଜୁନିଅର କଲେଜ ବା ଏବର ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇକୁ ଛାଡ଼ି ଯୁକ୍ତ ୩ରେ ୩ ହଜାରରୁ ଅଧିକ ପିଲା ପାଠ ପଢୁଛନ୍ତି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ଭଣ୍ଡାରିପୋଖରୀ/ବାରିକପୁର, ୧୧।୧୧(ସମିସ):** ଭଣ୍ଡାରିପୋଖରୀ କଲେଜ ପଡ଼ିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସିକ ଦେବପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସାଂସଦ ଅଭିମନ୍ୟୁ ସେଠୀ ଉଦଘାଟନ କରିଥିଲେ। ସରକାରୀ ଯୋଜନା ଗୁଡ଼ିକ ବିଷୟରେ ଚାଷୀଙ୍କୁ ଅବଗତ ଓ ସଚେତନ କରିବା ମେଳାର ମୁଖ୍ୟ ଆଭିମୁଖ୍ୟ ବୋଲି ସାଂସଦ ଏହି ଅବସରରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ହୃଷିକେଶ ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀଣି ଜାନକୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ କର୍ମଶାଳା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାଛଡା ସରପଞ୍ଚ ବର୍ଷାରାଣୀ ଜେନା, ଉଦ୍ୟାନ କୃଷି ଅଧିକାରୀଣି ଶୁଭଦର୍ଶୀନି ରଥ, କୃଷି ଅଧିକାରୀଣି ସୁଦିପ୍ତା ପଣ୍ଡା, ବ୍ଲକ ମତ୍ସ୍ୟ ଅଧିକାରିଣୀ ଉପାସନା ମହାନ୍ତି, ମୃତ୍ତିକା ସଂରକ୍ଷଣ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଦୁର୍ଯ୍ୟୋଧନ ଲେଙ୍କା ସଭା ସଞ୍ଚାଳନ କରିଥିବା ବେଳେ ବ୍ଲକ ଅତିରିକ୍ତ ପଶୁ ଚିକିତ୍ସା ଅଧିକାରୀ ଦେବାଶିଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ୪ଜଣ ଲେଖାଏଁ ସଫଳ ଚାଷୀଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏହାଛଡା ୬ଜଣ ଚାଷୀଙ୍କୁ କାମଧେନୁ ଯୋଜନାରେ ଚେକ୍ ପ୍ରଦାନ ଓ ଅନ୍ୟ ୬ ଜଣ ଗୋପାଳକଙ୍କୁ କାର୍ଯ୍ୟାଦେଶ ଦିଆ ଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ପଶୁ ନୀରିକ୍ଷକ ସୁବ୍ରତ କୁମାର ରାଉତ, ଶିବାନନ୍ଦ ନାୟକ, ମାମିନା ପରିଡ଼ା, ଯୁବରାଜ ପାତ୍ର, ତାପସ କୁମାର ରାଉଳ, ପ୍ରଶାନ୍ତ କୁମାର ରାଉତ, ଅତିଶ ରାୟ ପ୍ରମୁଖ ପରିଚାଳନା କରିଥିଲେ।

### ଚିକିତ୍ସାରେ ଅର୍ଥ ବାଧକ; ସହାୟତା ପାଇଁ ନିବେଦନ



**ବନ୍ତ/ଆଗରପଡ଼ା, ୧୧।୧୧(ସମିସ):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତ ଅନ୍ତର୍ଗତ ଏରଝାଟିଆ ଗ୍ରାମର ଶ୍ରୀକାନ୍ତ ଯେନା ଅତ୍ୟନ୍ତ ଗରିବ ଶ୍ରେଣୀର। ପୂର୍ବରୁ ଚିକିତ୍ସିତ ହେବା ସହ ତାଙ୍କ ପାଖରେ ଥିବା ଆୟୁଷ୍ମାନ କାର୍ଡରେ ଥିବା ଅର୍ଥ ସରିଯାଇଛି। ବର୍ତ୍ତମାନ ଅପରେସନ ଓ ଭେଣ୍ଟିଲେଟରର ଖର୍ଚ୍ଚ ବହନ କରିବାକୁ ତାଙ୍କର ସକ୍ଷମ ନାହିଁ। ଅର୍ଥ ଅଭାବରୁ ତାଙ୍କର ଅପରେସନ ମଧ୍ୟ ହୋଇପାରୁନାହିଁ। ଚିକିତ୍ସାରେ ଅର୍ଥ ପ୍ରତିବନ୍ଧକ ସାଜିଛି। ତେଣୁ ତାଙ୍କ ପରିବାର ତରଫରୁ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇବା ପାଇଁ ଆକୁଳ ନିବେଦନ କରିଛନ୍ତି।

## ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ



**ଭଦ୍ରକ, ୧୧।୧୧(ସମିସ):** ଚରମ୍ପା ଚୂନଟି ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଭଦ୍ରକ ହରେକୃଷ୍ଣ ମହତାବ ସ୍ମାରକୀ ପରିଷଦ ସଭାପତି ଡ଼. ଭାଗବତ ତ୍ରିପାଠୀ, ଡ଼. ଶଶିକାନ୍ତ ପାଢ଼ୀ ଓ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ କୈଳାସଚନ୍ଦ୍ର ମହାପାତ୍ର, ଚୂନଟି ହାଇସ୍କୁଲର ପ୍ରତିଷ୍ଠାତା ରତ୍ନାକର ସାମଲ ପ୍ରମୁଖ ଯୋଗଦେଇ ମହତାବଙ୍କ ସ୍ମୃତି ଚାରଣ କରିଥିଲେ। ଓଡ଼ିଶାର ନବ ନିର୍ମାତା ହରେକୃଷ୍ଣ ମହତାବଙ୍କ ବାଲ୍ୟ ବୟସରୁ ମୃତ୍ୟୁ ପର୍ଯ୍ୟନ୍ତ ଗୁଣାବଳୀ ମାନ ଅବତାରଣା କରି ବିଦ୍ୟାଳୟର ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାଇଲକ୍ଷ୍ମୀଦାସ, କାଦମ୍ବିନୀ ଯେନା, ଜୟନ୍ତୀ ମାଝୀ, ଶେଖ ମୋଇଉଦ୍ଦିନ, ବିନୀତ ମଲ୍ଲିକ ସାର ଗର୍ଭକ ବକ୍ତବ୍ୟ ରଖିଥିଲେ। ତନୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଳରୁ ମୃତ ନବଜାତ ଶିଶୁ କନ୍ୟା ଉଦ୍ଧାର

**ବାସୁଦେବପୁର, ୧୧।୧୧(ସମିସ):** ବାସୁଦେବପୁର- ଧାମରା ରାସ୍ତାର ମନ୍ଦାରୀ ପୋଲ ତଳ ନାଳୀରୁ ଏକ ମୃତ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି। କନ୍ୟା ଭ୍ରୂଣ ହତ୍ୟା ରୋକିବା ନିମନ୍ତେ ସରକାର ଜନସାଧାରଣଙ୍କୁ ସଚେତନ କରୁଛନ୍ତି। ଆବଶ୍ୟକ ସ୍ଥଳେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ମାଗଣାରେ ପାଠ ସହିତ ଡ୍ରେସ ଯୋଗାଇ ଦିଆଯାଉଛି। ହେଲେ ଶିଶୁ କନ୍ୟା ଜନ୍ମଗ୍ରହଣ କରିବାର କିଛି ସମୟ ପରେ ପରିତ୍ୟକ୍ତ ଭାବେ ଫିଙ୍ଗି ଦିଆଯାଉଛି। ଶିଶୁ କନ୍ୟା ପୋଲ ନାଳୀରେ କିଏ ଫିଙ୍ଗିଲା ସେ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। କେହି କେହି କହୁଛନ୍ତି ପରିବାରରେ ଏକାଧିକ କନ୍ୟା ସନ୍ତାନ ଜନ୍ମ ହେବା ଯୋଗୁଁ ଜନ୍ମର କିଛି ସମୟ ପରେ ମାରି ଫିଙ୍ଗି ଦିଆଯାଇ ଥାଇପାରେ। ଅନ୍ୟପକ୍ଷରେ କେହି ଅବିବାହିତ ମାଆ ନିଜର ଅବୈଧ ପାପକୁ ଲୁଚାଇବାକୁ ଯାଇ ନିଷ୍ପାପ ଶିଶୁଟି ମାରି ଫିଙ୍ଗି ଦେଇଥାଇପାରେ। ଆଜି ଅପରାହ୍ନରେ କିଛି ଯୁବକ ନବଜାତ ଶିଶୁଟି ପରିତ୍ୟକ୍ତ ଭାବେ ପଡ଼ିଥିବାର ଦେଖି ବାସୁଦେବପୁର ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତ ଶିଶୁକୁ ଉଦ୍ଧାର କରିଛି।

## କିଡ୍‌ନୀ ରୋଗୀଙ୍କ ଦେହାନ୍ତ

**ବନ୍ତ/ଆଗରପଡ଼ା, ୧୧।୧୧(ସମିସ):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୋଡକମୋହାଜିବ ଗ୍ରାମର ବେହେରା ସାହି ନିବାସୀ ବଳରାମ ବେହେରାଙ୍କ ସାନପୁଅ ସୁବ୍ରତ କିଡନୀ ରୋଗରେ ଆକ୍ରାନ୍ତ ହୋଇ ହାଇଟେକ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶବଦାହ ସମୟରେ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ପୂର୍ବତନ ସରପଞ୍ଚ ପାର୍ଥସାରଥି ପଢ଼ିଆରୀ, ଦେବଦତ୍ତ ଜଗଜୀତ ଜେନା, ବିଜେପି ପଞ୍ଚାୟତ ସଭାପତି ଅଭୟ ସ୍ୱାଇଁ, ରାଜେଶ ବାରିକ, ସନାତନ ସାହୁ, ରବୀନ୍ଦ୍ର ପାଳ, ରବୀନ୍ଦ୍ର ମଣ୍ଡଳଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଧାମନଗର, ୧୧।୧୧(ସମିସ):** ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମଙ୍ଗଳବାର ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଫତେପୁର ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ସଡକଠାରୁ ଧର୍ମାଗତପୁର ସଡ଼କ, ଭଦ୍ରକ-ଆରଡ଼ି ପୂର୍ତ୍ତ ବିଭାଗ ସଡ଼କ ଠାରୁ ଉଚ୍ଚପଦା-କାକୁଡିଗଡ଼ିଆ ସଡକ, ଦଇପୁର ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ସଡକ ଠାରୁ ବାବୁରିଗାଁ ସଡ଼କ ଓ ମାର୍କିଡିଆ ସଡ଼କ ସମେତ ଗ୍ରାମ୍ୟ ଉନ୍ନୟନ ସଡ଼କ ଠାରୁ ଦଳାଙ୍ଗ ଆଦି ପାଞ୍ଚଟି ସଡ଼କର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏଥି ସହିତ ଚୂଡ଼ାକୁଟି ପଞ୍ଚାୟତ ସ୍ଥିତ ମେଳଣ ତୋରଣ ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ସୁରଜ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ଚତୁର୍ଭୁଜ ନାୟକ, ରଘୁନାଥ ଲେଙ୍କା, ନାରାୟଣ ଚନ୍ଦ୍ର ସାହୁ, ହରେକୃଷ୍ଣ ପାଢ଼ୀ, କିଶୋର ଚନ୍ଦ୍ର ଦାସ, ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, କୈଳାସ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠ ନାଥ ସାହୁ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ, ରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚୁଡାକୁଟି ପଞ୍ଚାୟତଠାରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଦଳର ଶତାଧିକ ଛାମୁଆ କର୍ମୀ ନିଜ ଦଳ ଛାଡ଼ି ବିଜେପିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ସେମାନଙ୍କୁ ଦଳୀୟ ଉପଢୌକନ ଦେଇ ସ୍ୱାଗତ କରିବା ସହ ଏମାନଙ୍କ ଯୋଗଦାନ ଧାମନଗରରେ ଦଳକୁ ଆହୁରି ମଜଭୁତ କରିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି।

## ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା




**ଦୋଲସାହି, ୧୧।୧୧(ସମିସ):** ତିହିଡ଼ି ବ୍ଲକ ଦୋଲସାହି ପଞ୍ଚାୟତ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାମନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ ଶିକ୍ଷାଧୀକାଣୀ ସୂର୍ଯ୍ୟଶିଖା ମହାନ୍ତି, ସମ୍ମାନିତ ଅତିଥି ଭାବେ ବୋଡକ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଓ ପାଳିଆ ବିରଞ୍ଚି ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୃତିବାସ ଜେନା ଯୋଗଦାନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଭିତ୍ତିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏଥିରେ ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବର୍ଗରେ ନବମ ଶ୍ରେଣୀ ର ଛାତ୍ରୀ ଅର୍ପିତା ପ୍ରିୟଦର୍ଶନୀ ସେଠୀ ପ୍ରଥମ ସ୍ଥାନ ଦ୍ୱିତୀୟ ସ୍ଥାନରେ ଦଶମ ଶ୍ରେଣୀ ଛାତ୍ରୀ ରଶ୍ମିପ୍ରଭା ମହଲ ଓ ନବମ ଶ୍ରେଣୀ ର ଛାତ୍ରୀ ଶୁଭସ୍ମିତା ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ବର୍ଗରେ ଅଷ୍ଟମଶ୍ରେଣୀର ଛାତ୍ର ତନ୍ମୟ ମହାନ୍ତି ପ୍ରଥମ ସ୍ଥାନ ଦ୍ୱିତୀୟ ସ୍ଥାନରେ ଛାତ୍ର ଅଷ୍ଟମ ଶ୍ରେଣୀର ଛାତ୍ର ଦେବି ପ୍ରସାଦ ରାଉତ ଓ ଅଷ୍ଟମ ଶ୍ରେଣୀର ଛାତ୍ର ଦିବ୍ୟଜୋତୀ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ମେଘା ପରିଧି ସେନାପତି, କେତକୀ ପଣ୍ଡା, ମମତାମଞ୍ଜରୀ ପଣ୍ଡା, ସଦାବ ସୟଦା ସିଙ୍ଗ, ସାୟେଦା ତାହେରା ରେକାର୍ଡ ଓ ଶିକ୍ଷକ ସୁକୁମାର ସାହୁ, ଶିବବ୍ରତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଏବିଭିପିର ୫୦ତମ ରାଜ୍ୟ ଅଧିବେଶନ ପ୍ରସ୍ତୁତି ବୈଠକ




**ଭଦ୍ରକ, ୧୧।୧୧(ସମିସ):** କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ମାଟି ଭଦ୍ରକରେ ଅନୁଷ୍ଠିତ ହେବ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା (ପୂର୍ବ) ପ୍ରାନ୍ତର ୫୦ତମ ରାଜ୍ୟ ଅଧିବେଶନ। ଏହାର ସୁବ୍ୟବସ୍ଥିତ ଓ ସୁପରିଚାଳନା ପାଇଁ ଜିଲ୍ଲାର ପ୍ରମୁଖ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସହରର ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏବିଭିପିର ପୂର୍ବ କ୍ଷେତ୍ର ସହ ସଙ୍ଗଠନ ସମ୍ପାଦକ ତ୍ରୈଲୋଚନ ସାହୁ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଏବଂ ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଅଧିବେଶନ ସ୍ଥଳିର ସ୍ଥାନ ନିରୂପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ଉପ ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଜିଲ୍ଲା ସହ ପ୍ରମୁଖ ଡକ୍ଟର ବସନ୍ତ କୁମାର ଦୀକ୍ଷିତ, ଜ୍ୟୋତିପ୍ରକାଶ ସାହୁ, ପ୍ରାନ୍ତ ସବିସ୍କାର ସହ ସଂଯୋଜକ ଦେବୀପ୍ରସାଦ ଦାସ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ଅଭିଳାଷ ତ୍ରିପାଠୀଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।

## ସଞ୍ଚୟ ପକ୍ଷ ପାଳନରେ ରକ୍ତଦାନ ଶିବିର



**ଭଦ୍ରକ, ୧୧।୧୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଉଦଘାଟନ କର ସମସ୍ତଙ୍କୁ ସଞ୍ଚୟ ଓ ସାମାଜିକ ଦାୟିତ୍ୱବୋଧତା ସମ୍ପର୍କରେ ଅବଗତ କରାଇବା ସହ ଅଧିକରୁ ଅଧିକ ରକ୍ତଦାନ କରିବା ପାଇଁ ଅନୁପ୍ରାଣିତ କରିଥିଲେ। ଶିବିରରେ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଡେପୁଟି କଲେକ୍ଟର, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଓ ଡାକ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ଡାକ ଅଭିକର୍ତ୍ତା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଡାକ ବିଭାଗର କର୍ମକର୍ତ୍ତା ଯୋଗଦେଇଥିଲେ। ଶିବିରରୁ ୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଜନଜାତି ଗୌରବ ଦିବସ ପାଳିତ

**ବାରିକପୁର, ୧୧।୧୧(ସମିସ):** ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ଉପଲକ୍ଷେ ଭଣ୍ଡାରିପୋଖରୀ ଆଖୁଆପଦା ସରକାରୀ ଉପ୍ରା ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଓ ମଞ୍ଜୁଳା ନାୟକ, ସରପଞ୍ଚ ଦେବଦାସୀ ଜେନା, ସିଆରସିସି ଦୁର୍ଗାପ୍ରସାଦ ମାର୍ଥା, ବିପିନ ବିହାରୀ ଜେନା ପ୍ରମୁଖ ଯୋଗଦେଇ ଜନଜାତୀୟ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସିଆରସିସି ପ୍ରକାଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଜୟ କୁମାର ରାୟ ସ୍ୱାଗତ ଭାଷଣ ଓ ବିଶ୍ୱରଞ୍ଜନ ଷେଣ୍ଠ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଏବଂ ଶିକ୍ଷା ବିଭାଗ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ରଚନା ଲେଖନ, ଚିତ୍ରକଳା, ଓ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଆୟୋଜିତ ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଶତପଥୀ, ଶିକ୍ଷକ ଧନେଶ୍ୱର ସାହୁ, ନିରଞ୍ଜନ ପହି, ଅଶ୍ୱିନୀ ମଲ୍ଲିକ, ଶିଶିର ମହାଳିକ ପ୍ରମୁଖ ପରିଚାଳନା କରିଥିଲେ।



## ଯାବିନିବିନ୍ଧାରେ ପ୍ଲାଣ୍ଟ ସ୍ଥାପନକୁ ସରପଞ୍ଚଙ୍କ ବିରୋଧ

ଭଣ୍ଡାରିପୋଖରୀ, ୧୧।୧୧(ସମିସ)



ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବୟାବନାପୁର ପଞ୍ଚାୟତ ଯାବିନିବିନ୍ଧା ଗ୍ରାମରେ ଶ୍ରୀମୋନୋଲିଥକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରାସ୍ତାବିତ କ୍ରୋମ ଓର ବେନେଫିସିଏସନ ପ୍ଲାଣ୍ଟ ସ୍ଥାପନକୁ ସରପଞ୍ଚ ମିନତୀ ସାହୁ ବିରୋଧ କରିଛନ୍ତି। ଜଙ୍ଗଲ, ପରିବେଶ ଓ ପରିବେଶ ପ୍ରରିବର୍ତ୍ତନ ବିଭାଗର ବାଲେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୨୮ ତାରିଖରେ ପତ୍ର ସଂଖ୍ୟା ୪୪୬୩ ଅନୁଯାୟୀ ସରପଞ୍ଚଙ୍କ ମତାମତ ଲୋଡାଯାଇଥିଲା। ସରପଞ୍ଚ ଶ୍ରୀମତୀ ସାହୁ, ପାଟୁଳି ସରପଞ୍ଚ ଗୁରୁପ୍ରସାଦ ଗିରି, ସମାଜସେବୀ ରଜନୀକାନ୍ତ ଚନ୍ଦ ଓ ନଗୁଆଁ ସେବା ସମବାୟ ସଭାପତି ରମେଶ ଚନ୍ଦ୍ର ଭାରତୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ପତ୍ର ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ବହୁ ପରିମାଣର ଭୂତଳ ଜଳସ୍ତର ବିନିଯୋଗ ହୋଇ ପାନୀୟ ଜଳ ସଙ୍କଟ ସୃଷ୍ଟି ହେବ। ପ୍ଲାଣ୍ଟରୁ ନିର୍ଗତ ହେବାକୁ ଥିବା ବର୍ଜ୍ୟ ତରଳ ବିଷାକ୍ତ ପଦାର୍ଥ ପ୍ରାକୃତିକ ଜଳଧାରାରେ ମିଶି ଜୀବଜନ୍ତୁଙ୍କ କ୍ଷତି ସାଧନ କରିବ। ଏଥିଯୋଗୁଁ ପାରିପାର୍ଶ୍ୱିକ ଚାଷଜମି କୃଷି ଉପଯୋଗୀତା ହରାଇବ। ପ୍ଲାଣ୍ଟରୁ ନିର୍ଗତ ଧୂଳି, ଧୂଆଁ ଓ ଶବ୍ଦ ପରିବେଶ ପ୍ରଦୂଷଣ କରିବା ସହ ଧ୍ୱନୀ ପ୍ରଦୂଷଣ ସୃଷ୍ଟି କରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ଉପରେ ଏହାର ଗୁରୁତର ପ୍ରଭାବ ପକାଇବ ବୋଲି ସରପଞ୍ଚ ଶ୍ରୀମତୀ ସାହୁ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କୁ ଅବଗତ କରିଛନ୍ତି। ଜିଲ୍ଲାପାଳ ଏହାର ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବାରିପଦା ଖଣି ଉପନିର୍ଦ୍ଦେଶକ, ଓ.ଏମ.ସି. ପରିଚାଳନା ନିର୍ଦ୍ଦେଶକ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅଗତ କରାଯାଇଛି ବୋଲି ସରପଞ୍ଚ ଶ୍ରୀମତୀ ସେଠୀ ସୂଚନା ଦେଇଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଭଦ୍ରକ, ୧୧।୧୧(ସମିସ):** ଚାନ୍ଦବାଲି ବ୍ଲକ ଜଳେଶ୍ୱରପୁର ପୟ୍‌ଚାୟତର ପୂର୍ବତନ ସରପଞ୍ଚ ଚୌଧୁରୀ ବଳ (୯୬)ଙ୍କ ପରଲୋକ ହୋଇଯାଇଛି। ସେ କଂଗ୍ରେସରୁ ପ୍ରତିନିଧିତ୍ୱ କରି ୧୯୯୩ ମସିହାରେ ଜଳେଶ୍ୱରପୁର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ପରୋପକାରୀ ମଣିଷ ଥିଲେ। ତାଙ୍କ ବିୟୋଗରେ ନିଜ ଗ୍ରାମ ନୂଆଗାଁ ଇଚ୍ଛାପୁର (ମେଘାସହି) ସମେତ ଜଳେଶ୍ୱରପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ ବେହୁରା, କଂଗ୍ରେସର ଯୁବନେତା ଶକ୍ତିପ୍ରତାପ ବିଶ୍ୱାଳ, ଅଭୟ ସାହୁ, ଉମାକାନ୍ତ ମହାନ୍ତି, ପିତାମ୍ବର ମହାନ୍ତି, ଗଗନ ରଣା, ରଞ୍ଜନ ଭୋଳ, କୁନି ରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଆଜି ପ୍ରଥମାଷ୍ଟମୀ: ହଜିଯାଉଛି ଏଣ୍ଡୁରି ପିଠା

**ବନ୍ତ/ଆଗରପଡ଼ା,୧୧।୧୧(ସମିସ):** ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ପ୍ରଥମାଷ୍ଟମୀ। ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ପାଇଁ ପାଳନ କରାଯାଇଥିବା ଏହି ପର୍ବର ଅନ୍ୟତମ ଆକର୍ଷଣ ହେଲା ଏଣ୍ଡୁରି ପିଠା। ଏହାର ସ୍ୱାତନ୍ତ୍ର ହେଉଛି ଏଥିରେ ହଳଦୀପତ୍ର ବ୍ୟବହାର କରାଯାଇଥାଏ; କିନ୍ତୁ ଆଜିର ଏହି ଆଧୁନିକ ଦୁନିଆଁରେ ହଜିଯାଉଛି ବହୁ ପରମ୍ପରା।



ସେଥିମଧ୍ୟରେ ହଳଦୀପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ଆଉ ଦେଖିବାକୁ ମିଳୁ ନାହିଁ। ମାର୍ଗଶୀର ମାସରେ ପ୍ରଥମାଷ୍ଟମୀ ପଡୁଥିବାରୁ ହଳଦୀପତ୍ରରେ ପ୍ରସ୍ତୁତ ଏହି ପିଠା ସ୍ୱାସ୍ଥ୍ୟ ପ୍ରତି ଉପାଦେୟ ହୋଇଥାଏ। ଏହି ଦିନ ଗାଁଗଣ୍ଡାରେ ଘରେ ଘରେ ହଳଦୀପତ୍ର ଉପରେ ଉଆପଖିଆ .ଉଳ, ବିରିରେ ପ୍ରସ୍ତୁତ ପିଠୋଉକୁ ନଡ଼ିଆପୁର, ଛେନାପୁର, ଖସାପୁର ଦିଆଯାଇ ଗୋଟିଏ ହାଣ୍ଡିର ମୁହଁରେ କନା ବାନ୍ଧି ତାକୁ ଚୁଲି ଉପରେ ରଖାଯାଇ ଯେଉଁ ପିଠା ପ୍ରସ୍ତୁତ କରାଯାଇଥାଏ ତାକୁ ଏଣ୍ଡୁରି ପିଠା କୁହାଯାଇଥାଏ। ତାକୁ ଅଥାର କୁହାଯାଇଥାଏ। ହଳଦୀପତ୍ର ଦ୍ୱାରା ସିଝାଯାଇ ଏହି ପିଠା ପ୍ରସ୍ତୁତ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପ୍ରତି ହିତକାରକ ହୋଇଥାଏ। ସମୟଚକ୍ରରେ ଆଧୁନିକ ମଣିଷ ହଜାଇ ଦେଉଛି ଏଣ୍ଡୁରି ପିଠାକୁ ଓ ଆପଣେଇ .ଲିଛି ଓଭନ୍ ଓ ଇଡଲି ଛାଞ୍ଚରେ ପ୍ରସ୍ତୁତ ଇଡଲି ପିଠା ଓ ବିରି ପିଠାକୁ। ଫଳରେ ହଜିଯାଉଛି ଓଡ଼ିଆ ସଂସ୍କୃତି ଓ ପରମ୍ପରା।

# ଧାମନଗର ନିର୍ବାଚନମଣ୍ଡଳୀରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ



**ଅସୁରାଳି, ୧୧।୧୧(ସମିସ):** ଧାମନଗର ବିଧାନସଭା ମଣ୍ଡଳୀ ଅଞ୍ଚଳରେ କ୍ରୀଡ଼ା ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ମଧ୍ୟରେ କାକୁଡିଗଡିଆ ରୋଡ ପ୍ରକଳ୍ପ ଯାହା ଗଢିଆଳି ପଞ୍ଚାୟତରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଯାଉଛି। ଏହି ରାସ୍ତା ଅଞ୍ଚଳର ଲୋକଙ୍କ ଯାତାୟାତ ସୁବିଧାକୁ ଦୃଢ଼ କରିବ। ଚୁଡାକୁଟି ବଜାରରେ ଦୋଳ ଉତ୍ସବ ସମୟରେ ଆୟୋଜିତ ମେଳା ଏବେ ଜିଲ୍ଲା ବାହାରେ ମଧ୍ୟ ନିଜ ଅସ୍ତିତ୍ୱ ଗଢ଼ିଛି। ଏହି ପରିପ୍ରେକ୍ଷୀରେ ତୋରଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା। ଏହି ତୋରଣ ଅଞ୍ଚଳର ସାଂସ୍କୃତିକ ଗୌରବକୁ ଉଜାଗର କରିବ ବୋଲି ସାଧାରଣ ଜନତା ମତ ବ୍ୟକ୍ତ କରିଛନ୍ତି। ସେହିପରି ଚୁଡ଼ାକୁଟି ବଜାର ନିକଟରେ ନିର୍ମିତ ହେବାକୁ ଯାଉଥିବା ବିଷ୍ଣୁ ସେଠୀ ଶିଶୁ ଉଦ୍ୟାନ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଏହି ପାର୍କ ଅଞ୍ଚଳର ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୁକ୍ତ ହେବ। ଧର୍ମଗଡପୁର ରୋଡ ଉନ୍ନତି ପ୍ରକଳ୍ପ ଅନ୍ତର୍ଗତ ଫତେପୁର ଅଞ୍ଚଳରେ ଏହି ରାସ୍ତା ଉନ୍ନତି ପ୍ରକଳ୍ପ ଦ୍ୱାରା ଗ୍ରାମୀଣ ଯାତାୟାତ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ।

# 'ନାରୀ ଶକ୍ତିର ସହଯୋଗ ବିନା ରାଷ୍ଟ୍ରର ସ୍ଥିତି ଅସମ୍ଭବ'

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଦ୍ୱିତୀୟ ସନ୍ଧ୍ୟା



**ଭଦ୍ରକ, ୧୧।୧୧(ସମିସ):** ନାରୀ ଶକ୍ତି ବିନା ରାଷ୍ଟ୍ରର ବିକାଶ ଦୂରର କଥା ରାଷ୍ଟ୍ରର ସ୍ଥିତି ଅସମ୍ଭବ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଭଦ୍ରକ ଭୂମିର ବିଶିଷ୍ଟ କବୀ ବିଦ୍ୟୁତପ୍ରଭା ସ୍ମୃତିରେ ଉତ୍ସର୍ଗୀତ ଏବଂ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଓ ସାଂସ୍କୃତିକ ସନ୍ଧ୍ୟାରେ ଓଡିଶା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭାନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧିବକ୍ତା ତଥା ସେବା ନିବୃତ ପ୍ରାଧାପିକା ଡ. ରାଧାରାଣୀ ମହାପାତ୍ର ମୁଖ୍ୟବକ୍ତା, ଡା. ସତ୍ୟଭାମା ବେହେରା, ଅଧିବକ୍ତା ଅଞ୍ଜୁବାଳା ରାଉତ ବରେଣ୍ୟ ଅତିଥି, ଭୂମିକନ୍ୟା ମହିଳା ସଂଗଠନ ସଭାନେତ୍ରୀ ସଂଯୁକ୍ତା ବଳ, ନନ୍ଦିନୀ ମହିଳା ସଂଗଠନ ସଭାନେତ୍ରୀ ସରୋଜିନୀ ନାୟକ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ 'ରାଷ୍ଟ୍ରର ବିକାଶରେ ନାରୀ ଶକ୍ତି' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ, କବୟିତ୍ରୀ ତଥା ସମାଜସେବିକା ଚୈତାଳୀ ଖିଲାର ଅତିଥି ପରିଚୟ ଦେଇଥିବା ବେଳେ ତେଜସ୍ୱିନୀ ମହିଳା ସଂଗଠନ ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହସମ୍ପାଦିକା ଶିକ୍ଷୟିତ୍ରୀ ତଥା କବୟିତ୍ରୀ ମନୋରମା ରାୟ ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଟ୍ରଷ୍ଟର ସଭାପତି ଇଂ ଅଭୟ ସୂତାର, ଆବାହକ ଅଧ୍ୟାପକ ନିହାର ରଞ୍ଜନ କର, ସମ୍ପାଦକ ରବିନାରାୟଣ ଖିଲାର, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ ରାୟ, ଉପସଭାପତି ଡା. ଅନିଲ କୁମାର ଦାଶ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଜଗନ୍ନାଥ ସାଂସ୍କୃତିକ କଳାକାର ସଂଘ, ଭଦ୍ରକ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟ, ଅର୍ଣ୍ଣପାଳ ଓ ପଦ୍ମାଳୟା ଏକାଡେମୀ, ଭଦ୍ରକ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସାଟେଲାଇଟ୍ ହସ୍ପିଟାଲ କରିବା ପ୍ରସଙ୍ଗ

# ୫ ମାସ ପରେ ବି ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନି

ଭଦ୍ରକ, ୧୧।୧୧(ସମିସ)

ଗତ ସରକାରଙ୍କ ସମୟରେ ପ୍ରାୟ ୧୪୭ କୋଟି ଟଙ୍କା ବ୍ୟୟରେ ସହର ଉପକଣ୍ଠ ଗେଲପୁରଠାରେ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଡାକ୍ତରଖାନା, ୧୦୦ ଶଯ୍ୟା ବିଶିଷ୍ଟ ମହିଳା ଓ ଶିଶୁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା। ଆଉ ଗତ ୨ମାସରୁ ଅଧିକ ହେବ ନୂତନ ଜିଲ୍ଲା ହସ୍ପିଟାଲ ସେଠାକୁ ସ୍ଥାନାନ୍ତରିତ କରାଯାଇଛି। ଏହା ପୂର୍ବରୁ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିସନର ତଥା ସଚିବଙ୍କ ପତ୍ରସଂଖ୍ୟା-୧୫୪୮୦, ୨୭.୫.୨୫ରେ ଭଦ୍ରକ ନୂଆବଜାରଠାରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ସାଟେଲାଇଟ ହସ୍ପିଟାଲ ବା କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା। ୫ ମାସ ପରେ ସରକାରଙ୍କ ଏହି ନିଷ୍ପତ୍ତିକୁ ଜିଲ୍ଲାରେ କାର୍ଯ୍ୟକାରୀ କରାଗଲାନି। ଫଳରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ତଥା ବିଭିନ୍ନ ମହଲରେ ଏଥିନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଭଦ୍ରକ ସହର ଉପକଣ୍ଠକୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଉଟ୍‌ଡୋରରେ କେବଳ ଜଣେ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟକୁ ନେଇ ସକାଳ ୮ରୁ ୧୨ଟା ଯାଏଁ ରୋଗୀ ସେବା ହେଉଛି। ରବିବାର ଦିନ ଏଠାରେ ରୋଗୀ ସେବା ବନ୍ଦ ରହୁଛି। ତେବେ ଏହି ସ୍ଥାନାନ୍ତର ପୂର୍ବରୁ ସରକାର ପୁରୁଣା

- ଅନ୍ୟ ୫ ଜିଲ୍ଲାରେ ହେଲା, ଭଦ୍ରକରେ ନୋହିଲା
- ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବାରୁ ଲୋକେ ବଞ୍ଚିତ

ଡିଏଚ୍‌ଏଚ୍ ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସାଟେଲାଇଟ୍ ହସ୍ପିଟାଲ କରିବାକୁ ନେଇଥିବା




ପ୍ରସ୍ତାବଟି ଅଦ୍ୟାବଧି କାର୍ଯ୍ୟକାରୀ ହେଲାନି। ସାଟେଲାଇଟ୍ ହସ୍ପିଟାଲ ବା ସେଣ୍ଟର ଆରମ୍ଭ ହେଲେ, ୨୪ ଘଣ୍ଟିଆର ଓପିଡି ବା ବହିର୍ବିଭାଗ ରୋଗୀ ସେବା ଉପଲବ୍ଧ ହୋଇପାରିବ। ଏଥିସହ ୧୦ଟି ରୋଗୀଶଯ୍ୟା ବା ବେଡ୍ ସହ ମାଗଣା ଔଷଧ ବିତରଣ କେନ୍ଦ୍ର, ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା ନିମନ୍ତେ ପାଥୋଲ୍ୟାବ ଓ ୨୪ ଘଣ୍ଟିଆ ଡାକ୍ତର (ଏଲ୍‌ଟିଆରଏମ)ର ସୁବିଧା ଉପଲବ୍ଧ ହୋଇପାରନ୍ତା।

ଏହି ସାଟେଲାଇଟ୍ କେନ୍ଦ୍ର ଆରମ୍ଭ ହେଲେ ସପ୍ତାହକୁ ଦିନ ପାଇଁ ଜିଲ୍ଲା ସ୍ତରର ଜଣେ ଜଣେ ମହିଳା ଓ ପ୍ରସୂତି, ଭେଷଜ, ଶଲ୍ୟ ଓ ଶିଶୁ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରୋଗୀ ସେବା କରିବେ। ଆଉ ପ୍ରତି ୩ମାସରେ ଥରେ ଏଠାରେ ବିଶେଷଜ୍ଞ ଡାକ୍ତରଙ୍କ ସ୍ୱତନ୍ତ୍ର କ୍ୟାମ୍ପ ହୋଇ ରୋଗୀସେବା ଜାରି ରହିବ। ଏହାଛଡ଼ା ଫିଜିଓଥେରାପି, ଟେଲି କନସଲଣ୍ଟାଣ୍ଟ ଓ ଯୋଗ ଆଦି ସେବା ରୋଗୀଙ୍କୁ ଉପଲବ୍ଧ ହେବ। ତେବେ ସରକାରଙ୍କ ଏହି ଆଦେଶକୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ଦୀର୍ଘ ୫ ମାସରୁ ଅଧିକ ହେବ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ଆଇନଜୀବୀ ଦେବାଶିଷ ନାୟକ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପୁରୁଣା ଜିଲ୍ଲା ହସ୍ପିଟାଲରୁ ନୂତନ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା କେନ୍ଦ୍ରାପଡା, ଝାରସୁଗୁଡା, ଢେଙ୍କାନାଳ, ସୁବର୍ଣ୍ଣପୁର ଓ ଦେବଗଡ଼ ୫ଟି ଜିଲ୍ଲାରେ ପୁରୁଣା ଡିଏଚ୍‌ଏଚ୍‌ରେ ଏହି ସାରଟେଲାଇଟ୍ ହସ୍ପିଟାଲ ବା କେନ୍ଦ୍ର ଆରମ୍ଭ ହୋଇଛି। ଭଦ୍ରକରେ କାହିଁକି ଏହାର ଶୁଭାରମ୍ଭ ହେଉନି ବୋଲି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ହେବା ସହ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବାଉଦପୁରର ୬୯ ବର୍ଷର ହରିହର ବାଲିଯାତ୍ରା ଉଦ୍‌ଯାପିତ

**ଭଦ୍ରକ,୧୧।୧୧(ସମିସ):** ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଦୀର୍ଘ ୬୯ ବର୍ଷ ଧରି ବଜାୟ ରଖିଛି ଭଦ୍ରକ ସହର ଉପକଣ୍ଠ ବାଉଦପୁର ଅଞ୍ଚଳର ହରିହର ବାଲିଯାତ୍ରା ଓ ବୋଇତ ବନ୍ଦାଣ। ଗତ ୫ ତାରିଖଠାରୁ ଏହି ବାଲିଯାତ୍ରା ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି। ବାଉଦପୁର ଅଞ୍ଚଳର ହରିହର ବାଲିଯାତ୍ରା ଏହି ଅଞ୍ଚଳ ଦେଇ ପ୍ରବାହିତ ସାଳନ୍ଦୀ ନଦୀକୂଳ ବାଲିପଠାରେ ୧୯୫୬ରୁ ପାଳିତ ହୋଇଆସୁଛି। ସେହିଦିନର ନଦୀପଠା ବାଲିରେ ତିଆରି ମନ୍ଦିର ଉପରେ ତୁଳସୀ ଗଛ ପୋତି ବ୍ୟକ୍ତିଗତ ଉଦ୍ୟମରେ ଆରମ୍ଭ ହୋଇଥିବା ବାଲିଯାତ୍ରା ଆଜି ସାର୍ବଜନୀନ ହୋଇ ଖ୍ୟାତି ଲାଭ କରିଛି। ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଐତିହ୍ୟକୁ ବଜାୟ ରଖିବା ସହ ଗ୍ରାମ୍ୟ ଏକତା ଓ ସାମାଜିକ ସହାବସ୍ଥାନକୁ ମଜବୁତ କରିପାରିଛି। ଏବେ ଏହି ବାଲିଯାତ୍ରାର ଆୟୋଜନ ବ୍ୟୟବହୁଳ ହେବା ସହ ମେଳା, ତୋରଣ, ସାଜସଜ୍ଜା, ରଙ୍ଗବେରଙ୍ଗର ଆଲୋକ ସାଙ୍ଗକୁ ଅପେରା ପାର୍ଟି ଦେଖଣାହାରୀଙ୍କୁ ଅଧିକ ଆକର୍ଷିତ କରିଛି। ବାଲିଯାତ୍ରାର ଆକର୍ଷଣ ସାଙ୍ଗକୁ ହରିହର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ପରଠାରୁ ୭ଦିନ ବ୍ୟାପୀ ଭଜନ କୀର୍ତ୍ତନ ସମାରୋହ ସମଗ୍ର ବାଉଦପୁର ଓ ଆଖପାଖ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ଏହିସବୁ ଅଞ୍ଚଳର ଶ୍ରଦ୍ଧାଳୁମାନେ ପ୍ରତିଦିନ ସନ୍ଧ୍ୟାରେ ହରିହରଙ୍କ ପୂଜା ଆରାଧନାରେ ସାମିଲ ହେବା ସହ ଭଜନ କୀର୍ତ୍ତନରେ ମଜିଯିବା ସହ ଯାତ୍ରାର ମାହୋଲକୁ ଉପଭୋଗ କରିଥାନ୍ତି। ବିଶେଷକରି ଚଳିତବର୍ଷର ସ୍ଥାନୀୟ ଅଞ୍ଚଳ ତଥା ଓଡ଼ିଶାର ବିଶିଷ୍ଟ କାଠ ପଥର ମୂର୍ତ୍ତି ଶିଳ୍ପୀ ଅଶୋକ ଦେ'ଙ୍କ ଦ୍ୱାରା ନିର୍ମିତ



ସୁଦୀର୍ଘ ବାଲିଯାତ୍ରା ତୋରଣଟି ଏଥର ଦର୍ଶକଙ୍କୁ କିଣିପାରିଥିବା କଥା କୁହନ୍ତି ମେଳାକୁ ଆସିଥିବା ଯାତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି। ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଓ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି, ଅପେରା ଭଳି ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଏଥର ଯାତ୍ରାକୁ ବେଶ୍ ରଙ୍ଗାରଙ୍ଗ କରିଛି। ଚଳିତବର୍ଷ ଏହି ବାଲିଯାତ୍ରା ପାଇଁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିବା କଥା କୁହନ୍ତି ହରିହର ବାଲିଯାତ୍ରା କମିଟିର ସଭାପତି ଦୟାନିଧି ପଣ୍ଡା। ଏହି ପୂଜା ଆୟୋଜନରେ ସ୍ଥାନୀୟ ଯୁବକମାନଙ୍କ ନିଷ୍ଠା ଓ ନିରବଚ୍ଛିନ୍ନ ଉଦ୍ୟମ ଏହି ବାଲିଯାତ୍ରାକୁ ଅଧିକ ପ୍ରସାରିତ କରିଛି ବୋଲି କୁହନ୍ତି ସଂପାଦକ ସୁବଳ କୁମାର ଦାସ। ଦଶହରା ପରଦିନଠାରୁ ହରିହର ବାଲିଯାତ୍ରା କମିଟିର ବୈଠକ ବସି ପୂଜା ଆୟୋଜନର ନିଷ୍ପତିମାନ ନିଆଯାଇଥାଏ। ବାଉଦପୁର ଅଞ୍ଚଳର ଏହି ଯାତ୍ରା ହେଉଥିଲେ ମଧ୍ୟ ପାଖଆଖ ଓଗାଳପୁର, ଗୋବିନ୍ଦପୁର, ବାଘୁରାଇ, ରାନ୍ଦିଆ, ଜାନୁଗଞ୍ଜ, ଚାରିଘରିଆ, ମଣିସାହି ଅଞ୍ଚଳର ଲୋକମାନେ ଏଥିରେ ସାମିଲ ହେବା ସହ ଚାନ୍ଦା ମଧ୍ୟ ଦେଇଥାଆନ୍ତି। ଦଶହରା ପରଠାରୁ ଯୁବକମାନେ ପୂଜା ପାଇଁ ଚାନ୍ଦା ଆଦାୟରେ ଲାଗିପଡୁଥାନ୍ତି। କାର୍ତ୍ତିକ ପୂର୍ଣ୍ଣମୀ ଦିନ ସକାଳେ ହରିହରଙ୍କ ମନ୍ଦିରରେ ଅଷ୍ଟପ୍ରହରୀ ପାଇଁ ଅଧିବାସ ଆରମ୍ଭ ହୋଇ ସନ୍ଧ୍ୟାରେ ଯାକ ଜମକରେ ସାଳନ୍ଦୀ ନଦୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ମେଳା। ମେଳାରେ ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ବିପଣୀ ଖୋଲି ବାଲିଯାତ୍ରାଟିରେ ଜନଗହଳି ସୃଷ୍ଟି କରିଥାଆନ୍ତି। ଏହି ବାଲିଯାତ୍ରାର ଶୁଭାରମ୍ଭ ବାଘୁରାଇ ଅଞ୍ଚଳର ଧୃବଚରଣ ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବାଉଦପୁର ସାଳନ୍ଦୀ ନଦୀପଠା ବାଲିରେ ମନ୍ଦିର ତିଆରି କରି ସେଥିରେ ତୁଳସୀ ଗଛ ପୋତି ଏହି ବାଲିଯାତ୍ରାର ଶୁଭାରମ୍ଭ କରିଥିଲେ। କଟକରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ତାଙ୍କ ପୁତ୍ର ଗୌରାଙ୍ଗ ଦାସ କଟକ ବାଲିଯାତ୍ରାରୁ ପ୍ରଭାବିତ ହୋଇ ଏହି ବାଲିଯାତ୍ରା ଆରମ୍ଭ କରିଥିଲେ ବୋଲି ପୁରୁଖା ଲୋକମାନେ କହନ୍ତି। ମନ୍ଦିର ପ୍ରତିଷ୍ଠା ହେବାଠାରୁ ବାଲିଯାତ୍ରାର ମହତ୍ତ୍ୱ ବୃଦ୍ଧି ପାଇଛି। ପିଲାଠାରୁ ବୁଢାବୁଢୀ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ବାଲିଯାତ୍ରାର ଭରପୁର ମଜା ଉଠାଇଥାଆନ୍ତି। ବିଶେଷ କରି ଭଦ୍ରକ ସହରରୁ ବହୁ ଜନତାଙ୍କ ସେଠାରେ ସମାଗମ ହୋଇଥାଏ।

## ବିଟିପୁର ଉପଡାକଘର

# ସମାଧାନ ହେଲା ପ୍ରିଣ୍ଟର ସମସ୍ୟା

**ବନ୍ତ/ଆଗରପଡ଼ା, ୧୧।୧୧(ସମିସ):** 'ସମସ୍ୟାରେ ବିଟିପୁର ଉପଡ଼ାକଘର, ପ୍ରିଣ୍ଟର ଅଚଳ; ଦେଣନେଣ କାରବାରରେ ବାଧା' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଲା ପରେ ବିଭାଗ ତରଫରୁ ଆଗରପଡ଼ାସ୍ଥିତ ବିଟିପୁର ଉପଡ଼ାକଘରକୁ ପ୍ରିଣ୍ଟର ଯୋଗାଇ ଦିଆଯାଇଛି। ଏହି ଉପଡାକଘରରେ ଅନ୍ୟାନ୍ୟ ବହୁ ସମସ୍ୟା ସମାଧାନ ହେବାର ନା ଧରୁନି। ଭଡ଼ାଘରେ ଚାଲୁଥିବା ଉପଡ଼ାକଘରେ କେତେବେଳେ କର୍ମଚାରୀ ଅଭାବ ତ କେତେବେଳେ ବିଦ୍ୟୁତ୍ ସମସ୍ୟା ପୁଣି ଆଉ କେତେବେଳେ ଇଣ୍ଟରନେଟ୍ ସମସ୍ୟା।

ଏହି ଉପଡାକଘରଟି ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ମଧ୍ୟଭାଗରେ ରହିଛି। ପ୍ରତିମାସ ଏହି ଡ଼ାକଘରେ ପ୍ରାୟ ଏକ କୋଟି ଟଙ୍କାର ଦେଣନେଣ କାର୍ଯ୍ୟ ଚାଲିଛି। ପ୍ରାୟ ୭ ହଜାର ଗ୍ରାହକ ନିର୍ଭର କରିଆସୁଛନ୍ତି। ଭଡ଼ା ଗୃହରେ ଏହା ଚାଲିଥିବାରୁ ଗ୍ରାହକମାନେ ଠିକ୍‌ଭାବେ ସେବା ପାଇପାରୁ ନଥିବା ବେଳେ ଡ଼ାକସେବା ଉପରେ କ୍ରମଶଃ ଲୋକଙ୍କ ଆସ୍ଥା ମଧ୍ୟ ଦୂରେଇ ଯାଉଛି। ସମଗ୍ର ବନ୍ତ ବ୍ଲକରେ ବନ୍ତ, ବସନ୍ତିଆ ଓ




## ନିଜସ୍ୱ ଗୃହ ଏବେ ବି ମିଳିନି

ଆଗରପଡ଼ାରେ ଉପଡ଼ାକଘର ରହିଛି। କେବଳ ବନ୍ତକୁ ଛାଡ଼ି ଦେଲେ ଅନ୍ୟ ଦୁଇଟି ଉପଡ଼ାକଘର ଭଡ଼ାଘରେ .ଲିଛି। ବର୍ତ୍ତମାନ ଆଗରପଡ଼ା ଉପଡ଼ାକଘରେ କୋରବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହୋଇଥିବାବେଳେ ଏହା ଅଧିନରେ ୮ଟି ଶାଖା ଡ଼ାକଘର ରହିଥିବା ସ୍ଥଳେ ଗୃହ ସମସ୍ୟା ଯୋଗୁଁ ଦିନକୁ ଦିନ ଗ୍ରାହକଙ୍କ ଅସନ୍ତୋଷ ଭାବ ବଢ଼ିବାରେ ଲାଗିଛି।

ଅପରପକ୍ଷରେ, ଆଗରପଡ଼ାସ୍ଥିତ ବିଟିପୁର ଉପଡ଼ାକଘରର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଭଦ୍ରକ ପୋଷ୍ଟାଲ ଅଧୀକ୍ଷକଙ୍କୁ ଆବଶ୍ୟକ କାଗଜପତ୍ର ପ୍ରେରଣ ପାଇଁ ପତ୍ର ଲେଖାଯାଇଥିଲା। ପୋଷ୍ଟାଲ ଅଧୀକ୍ଷକଙ୍କ ତରଫରୁ ବନ୍ତ ତହସିଲ କାର୍ଯ୍ୟାଳୟକୁ ଆବଶ୍ୟକ କାଗଜପତ୍ର ପ୍ରେରଣକୁ ଇତି ମଧ୍ୟରେ ମାସାଧିକ କାଳ ବିତି ଯାଇଥିଲେ ସୁଦ୍ଧା ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସ୍ଥାୟୀ ଗୃହ ନିର୍ମାଣ ପ୍ରସଙ୍ଗରେ ବିଳମ୍ବ ଘଟୁଥିବା ଜଣାପଡ଼ିଛି।

୨୦୧୮ ମସିହାରେ ବନ୍ତ ତହସିଲ କାର୍ଯ୍ୟାଳୟ ତରଫରୁ ବିଟିପୁର ମୌଜାର ଖତିଆନ ନଂ ୨୬୮/୧ ଯାହାକି ଆବାଦ ଯୋଗ୍ୟ ଅନାବାଦି ଜାଗାର ପ୍ଲଟ ନଂ ୭୦୨/୯୪୨ ଓ ୭୦୪/୯୪୩କୁ ଘରବାରି କରି ବିଟିପୁର ଉପଡ଼ାକଘର ପାଇଁ ସଂରକ୍ଷିତ ବୋଲି ଦର୍ଶାଯାଇ ତହସିଲଦାରଙ୍କ ଅନୁମୋଦନ ସହ ଡ଼ାକବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ସ୍ଥାନ ଉପରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ତହସିଲ ସହ ଯୋଗାଯୋଗ କରିବାରୁ ଉକ୍ତ ସ୍ଥାନ ଉପଡ଼ାକଘର ପାଇଁ ଉଦ୍ଦିଷ୍ଟ ନଥିବା ସେମାନେ ଜାଣିଥିଲେ। ଦୀର୍ଘ ୭ବର୍ଷ ପରେ ତହସିଲ କାର୍ଯ୍ୟାଳୟ ତରଫରୁ ପୂର୍ବରୁ ପ୍ରଦାନ କରାଯାଇଥିବା ସ୍ଥାନ ଡ଼ାକବିଭାଗର ବୋଲି ଦର୍ଶାଯାଇ ଏହା ଉପରେ ସ୍ଥାୟୀ ଗୃହ ନିର୍ମାଣ ପାଇର୍ ଆବଶ୍ୟକ କାଗଜପତ୍ର ପ୍ରେରଣ ପାଇଁ ଭଦ୍ରକ ପୋଷ୍ଟାଲ ଅଧୀକ୍ଷକଙ୍କୁ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଥିଲା। ସୂଚନା ଅନୁଯାୟୀ, ପୋଷ୍ଟାଲ ଅଧୀକ୍ଷକ ଆବଶ୍ୟକ କାଗଜପତ୍ର ତହସିଲକୁ ପ୍ରଦାନ କରିସାରିଥିବା ଜଣାପଡ଼ିଛି। ଇତିମଧ୍ୟରେ ମାସାଧିକ କାଳ ବିତି ଯାଇଥିଲେ ସୁଦ୍ଧା ତହସିଲ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ସ୍ଥାୟୀ ଗୃହ ନିର୍ମାଣ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବା ଜଣାପଡ଼ିଛି। ଏସବୁ ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତା

# ୧୦ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିବ

## ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ

ବନ୍ତ/ଆଗରପଡ଼ା, ୧୧।୧୧(ସମିସ)

ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ। ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ଗତ ୨୦୧୫ରେ ୧୯ କୋଟି ଟଙ୍କା ମଂଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା; କିନ୍ତୁ ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ପ୍ରତି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଉକ୍ତ ରାସ୍ତା ନିର୍ମାଣ ଏକ ପ୍ରହସନରେ ପରିଣତ ହେବା ସହ ୧୦ବର୍ଷ ପରେବି କେବଳ ମରାମତିରେ ସୀମିତ ରହିଯାଇଥିଲା। ଉକ୍ତ ରାସ୍ତା ଓ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଖାଲି ପ୍ରତିଶ୍ରୁତି ମିଳୁଥିଲା। ବାରମ୍ବାର ଅଭିଯୋଗ ଓ ଧାରଣା ପରେ ରାସ୍ତାର ଦୁରବସ୍ଥାରେ ସୁଧାର ଆଣିବା ନେଇ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ଅଗଷ୍ଟ ମାସରୁ ବରପଦାଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ପାଖାପାଖି ୧୬ କୋଟି ଟଙ୍କା ମଂଜୁର ଅର୍ଥରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ କାର୍ଯ୍ୟ ବନ୍ଦ ହେବା ଓ ଲଘୁଚାପଜନିତ ବର୍ଷା ଲାଗି ରହିବା ହେତୁ ନିର୍ମାଣାଧୀନ ରାସ୍ତାରେ ଗର୍ତ୍ତ ସବୁ ସୃଷ୍ଟି ହୋଇ ଗମନାଗମନରେ ବାଧା ସୃଷ୍ଟି ହେଉଥିଲା। ରାତ୍ରୀ ସମୟରେ ଉକ୍ତ ରାସ୍ତାରେ ଗମନାଗମନ କରିବା ମାନେ ବିପଦକୁ ଆମନ୍ତ୍ରଣ କରିବା ସଦୃଶ। ଏହାର ନିର୍ମାଣ



କାର୍ଯ୍ୟକୁ ଜୋରଦାର କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେବା ପରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଗତ ମାସ ୨୦ ତାରିଖରୁ ଆରମ୍ଭ ହୋଇଥିଲା। ରାସ୍ତା ନିର୍ମାଣ ଆରମ୍ଭରୁ ବିଭାଗପକ୍ଷରୁ କୌଣସି ସୂଚନାଫଳକ ଲଗା ନଯିବା, ନିମ୍ନମାନର କାର୍ଯ୍ୟ ହେବା, ପାଣି ସିଞ୍ଚନ ନହେବା, ସରକାରୀ ନିୟମକୁ ନମାନିବା ଆଦି ଅଭିଯୋଗମାନ ହୋଇଆସୁଥିଲେ ମଧ୍ୟ ତାକୁ ପାଳନ ନକରି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କିଛି ଦିନ ତଳେ କାର୍ଯ୍ୟ କରୁଥିବା ସଂସ୍ଥା ପକ୍ଷରୁ ତରବରିଆ ଭାବେ ରାତିଅଧିଆ ଆଗରପଡ଼ା ପେଟ୍ରୋଲ ପମ୍ପଠାରୁ ଆଗରପଡ଼ା ବଜାର ଆଡ଼କୁ ପ୍ରାୟ ୫୫୦ମିଟର ରାସ୍ତାରେ ପିଚୁ ଢଳାଯାଇଥିବା ଦେଖିବାକୁ ମିଳିଥିଲା। ବିରୋଧ ସତ୍ତ୍ୱେ କେଉଁ ଉଦ୍ଦେଶ୍ୟରେ ଉକ୍ତ ରାସ୍ତାରେ ତରବରିଆ ଭାବେ ପିଚୁ ଢଳାଗଲା ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା। ନିମ୍ନମାନର କାମକୁ ନେଇ ରାସ୍ତାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଥିବାବେଳେ ଠିକାଦାରଙ୍କ ଏହିଭଳି ମନମୁଖୀ କାର୍ଯ୍ୟ ବିଭାଗୀୟ ନିଷ୍କ୍ରିୟତାକୁ ପଦାରେ ପକାଇ ଦେଇଥିଲା। ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳୀକୁ ଆସି ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରିଥିଲେ ଏବଂ କାର୍ଯ୍ୟରେ ଅନିୟମିତତା ହୋଇଥିବା ହୃଦ୍‌ବୋଧ କରିବା ସହିତ ତରବରିଆ ଭାବେ ପକାଯାଇଥିବା ପିଚୁକୁ ଉଠାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଠିକାଦାରଙ୍କ ଦ୍ୱାରା ଉକ୍ତ ପିଚୁକୁ ରାସ୍ତାରୁ ଉଠାଯାଇଥିଲା। ଆଗାମୀ ଦିନରେ ସରକାରଙ୍କ ଧାର୍ଯ୍ୟ ନିୟମ ଅନୁସାରେ କାମ କରିବାକୁ ସଂପୃକ୍ତ ଠିକାଦାରଙ୍କୁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ବର୍ତ୍ତମାନ ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଥିବା ଦେଖିବାକୁ ମିଳିଛି। ପ୍ରାୟ ୧୦ ବର୍ଷର ଅପେକ୍ଷା ପରେ ମରାମତିରେ ସୀମିତ ଥିବା ରାସ୍ତା ସ୍ଥାୟୀ ରାସ୍ତାରେ ପରିଣତ ହେବାକୁ ଯାଉଥିବାରୁ ଏହାର ନିର୍ମାଣ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ସେମାନେ ଯାହା କହନ୍ତି...



▶ ରାସ୍ତାର ସ୍ଥାୟିତ୍ୱକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ନିର୍ମାଣାଧୀନ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଉଛି। ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ନିର୍ମାଣାଧୀନ କାର୍ଯ୍ୟ। ଚାଲିଛି। ଯଦି କାହା ଦ୍ୱାରା କୌଣସି ଅନିୟମିତତା ହେଉଥିବା ଦୃଷ୍ଟିଗୋଚର ହେଉଛି ତେବେ କାର୍ଯ୍ୟରେ ବାଧା ସୃଷ୍ଟି ନକରି ମୋ ନଜରକୁ ଆଣିଲେ ମୁଁ ତାର ସମାଧାନ କରିବାକୁ ଚେଷ୍ଟା କରିବି।

- ମହେଶ୍ୱର ସାହୁ, ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ, ଭଦ୍ରକ



▶ ମୋର ଉପସ୍ଥିତିରେ ରାସ୍ତା ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ପ୍ରତି କାର୍ଯ୍ୟର ମୁଁ ନିଜେ ତଦାରଖ କରୁଛି। ଏହାପରେ ମଧ୍ୟ ଯଦି କୌଣସି ଅଭିଯୋଗ ଆସୁଛି ତାହାକୁ ମୋ ନଜରକୁ ଆଣିଲେ ମୁଁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି। ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନା ହେବ। କୌଣସି ସାଲିସ କରାଯିବ ନାହିଁ।

- ଉତ୍ତମ ନାୟକ, ଯନ୍ତ୍ରୀ, ପୂର୍ତ୍ତ ବିଭାଗ



▶ ପ୍ରାୟ ୧୦ ବର୍ଷର ଏକ ଲମ୍ବା ଅବଧି ପରେ ଏକ ସ୍ଥାୟୀ ରାସ୍ତା ନିର୍ମାଣ ହେବାକୁ ଯାଉଛି। ସମସ୍ତଙ୍କ ସହଯୋଗରେ ଉକ୍ତ ରାସ୍ତା ନିର୍ମାଣ ହେବା ଆବଶ୍ୟକ। ଧୂଳିଧୂଆଁରେ ଭର୍ତ୍ତି ୧୪ କିମି ରାସ୍ତାରେ ବର୍ତ୍ତମାନ ଗମନାଗମନ କରିବା ଭାରୀ କଷ୍ଟ ସାଧ୍ୟ। ଯଥାଶୀଘ୍ର ଉକ୍ତ ରାସ୍ତାର ନିର୍ମାଣ ହେବା ଆବଶ୍ୟକ। ଅଭିଯୋଗ ଆସିଲେ, ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ସମସ୍ୟାର ଯଥାଶୀଘ୍ର କରି କାମକୁ ଆଗେଇ ଦେବା ଦରକାର।

- ବିନୋଦ ଧଳ ସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ, ଆଗରପଡ଼ା

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୯ମ ସନ୍ଧ୍ୟା

# କୁନିକୁନି କଳାକାରଙ୍କ ନୃତ୍ୟରେ ଦର୍ଶକ ବିମୋହିତ



ବାରିପଦା, ୧୧।୧୧(ସମିସ): ଭଂଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୯ମ ସନ୍ଧ୍ୟାରେ ଜୁନିୟର ଗ୍ରୁପର ସୋଲୋ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ୧୦ ବର୍ଷରୁ କମ ୧୨୪ ଜଣ ପ୍ରତିଯୋଗୀଙ୍କୁ ନେଇ ଏକ ଅଡିସନ ହୋଇଥିଲା। ସେମାନଙ୍କ ମଧ୍ୟରୁ ଯେଉଁ ୬୯ ଜଣ ଫାଇନାଲକୁ ଉନ୍ନୀତ ହୋଇଥିଲେ। ପରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ନେହାଶ୍ରୀ ସଲୋନୀ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ୧୪ ତାରିଖ ଉଦଯାପନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକ୍ରମ ମୁଖ୍ୟ ପ୍ରିତମ ପଣ୍ଡା ଜଣାଇଛନ୍ତି। ବାଲେଶ୍ୱରର ରମିୟା ହୁଇ ଏବଂ ବାରିପଦାର ମେଘା ସାହା ବିଚାରକ ଭାବେ ଯୋଗ ଦେଇଥିଲେ। କୁନିକୁନି କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଅବିନାଶ ରଥ, ଅନିଶ ମିଶ୍ର, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ। ଆସନ୍ତାକାଲି ସିନିୟର ସୋଲୋ, ଡୁଏଟ ଏବଂ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ, ସୋମବାର ଅଷ୍ଟମ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ରୁଙ୍ଗ୍‌ଟା କମ୍ପାନୀ କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ଘଟଣା

# ଆନନ୍ଦପୁର ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ

ରାଇରଙ୍ଗପୁର,୧୧।୧୧(ସମିସ):

ରାଇରଙ୍ଗପୁର ଅଞ୍ଚଳରେ ରୁଙ୍ଗ୍‌ଟା କମ୍ପାନୀ ସ୍ଥାପନ ନିମନ୍ତେ ଆଦିବାସୀଙ୍କ ଜମି ହାତେଇବାକୁ ନଜର ରହିଛି। ଏନେଇ ରୁଙ୍ଗଟା କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବାରମ୍ବାର ବିବାଦ ଦେଖିବାକୁ ମିଳୁଛି। ଗତ ସୋମବାର ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମବାସୀଙ୍କ ସହ କମ୍ପାନୀ କର୍ମଚାରୀ ଆଲୋଚନା ନିମନ୍ତେ ଯାଇଥିବା ବେଳେ ଉତ୍ତେଜିତ ଗ୍ରାମବାସୀ ସେମାନଙ୍କୁ ବିଦ୍ୟୁତ ଖୁଣ୍ଟିରେ ବାନ୍ଧି ଦେଇଥିଲେ। ଜମି ଅଧିଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ସାଦା କାଗଜରେ ଦସ୍ତଖତ କରାଉଥିବା ସମୟରେ ଗ୍ରାମବାସୀ ପହଞ୍ଚି ରୁଙ୍ଗଟା କର୍ମଚାରୀଙ୍କୁ ଏକ



ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ସହିତ ଜୋତା ମାଳ ପିନ୍ଧାଇଥିଲେ। ଏ ନେଇ କମ୍ପାନୀ କର୍ମଚାରୀଙ୍କ ଅଭିଯୋଗକ୍ରମେ ଆନନ୍ଦପୁର ଗ୍ରାମର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରାଇରଙ୍ଗପୁରର ପୁରୁଣାପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣି, ଦାଣ୍ଡବୋଷ ଓ ଆନନ୍ଦପୁର ଗ୍ରାମରେ ଆର୍‌ସି ରୁଙ୍ଗଟା ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ନେଇ ଜମି ଚିହ୍ନଟ ହୋଇଛି। ହେଲେ କମ୍ପାନୀ ଶିଳ୍ପ ପ୍ରତିଷ୍ଠାକୁ କିଛି ଗ୍ରାମବାସୀ ବିରୋଧ କରୁଛନ୍ତି। ଏ ନେଇ ପୂର୍ବରୁ କଣ୍ଟାବଣିରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା; କିନ୍ତୁ ସମସ୍ୟା ସମାଧାନ ପରିବର୍ତ୍ତେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଉକ୍ତ ଅଞ୍ଚଳରେ ବହୁ ବର୍ଷ ହେବ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ତାଙ୍କ ଭିଟାମାଟିରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଜମି ହାତେଇବାକୁ ଆନନ୍ଦପୁର ଗ୍ରାମରେ ଆରସି ରୁଙ୍ଗଟାର କର୍ମଚାରୀ ସୁରଜ୍ ତାମୁଡିଆଙ୍କ ସମେତ ୩ଜଣ ଗ୍ରାମବାସୀଙ୍କ ପାଖକୁ ଯାଇ ଅର୍ଥ ପ୍ରଲୋଭନ ଦେଖାଉଥିଲେ। କାଗଜରେ ଦସ୍ତଖତ କରାଇବା ପ୍ରୟାସ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିଥିଲେ। କର୍ମଚାରୀଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରିଛନ୍ତି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ କହିଛନ୍ତି।

# ନିଖୋଜ ଡାକ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୧୧।୧୧(ସମିସ): ବାରିପଦା ଉପକଣ୍ଠ କାଠପାଳ ସୁବର୍ଣ୍ଣରେଖା କେନାଲ ପାଶ୍ୱର୍ ଜଙ୍ଗଲରୁ ୩ ଦିନ ଧରି ନିଖୋଜ ଥିବା ଜଣେ ଡାକ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। କେନାଲ ପାଶ୍ୱର୍ରେ ଏକ ସ୍କୁଟି ୩ ଦିନ ହେବ ଛିଡା ହୋଇଥିବା ଦେଖି ସରପଞ୍ଚ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବବ୍ୟବଚ୍ଛେଦ କରାଇଛି। ମୃତକ ଜଣଙ୍କ ହେଲେ ବଡସାହି ଥାନା ହଳଦୀପଦା ଗ୍ରାମର ବାପୁନ ଓରଫ ଶିବଶଙ୍କର ନାୟକ(୨୬)। ସେ ଅନଲାଇନ ଗେମରେ ଟଙ୍କା ବିନିଯୋଗ ପରେ ସର୍ବସ୍ୱାନ୍ତ ହୋଇଥିଲେ। ବହୁ ଧାରକରଜ ଓ ଋଣରେ ବୁଡି ରହିଥିବାରୁ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ବେତନଟୀ ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି।

# ଏମପିସି କଲେଜରେ ଜାତୀୟ ଶିକ୍ଷା ଦିବସ

ବାରିପଦା, ୧୧।୧୧(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ 'ଦେଶ ଗଠନରେ ଶିକ୍ଷାର ଭୂମିକା: ଅତୀତ ଓ ବର୍ତ୍ତମାନ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାରିପଦା ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାଲେଶ୍ୱରର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ■ 'ମୁଁ ସ୍ୱାବଲମ୍ବୀ ହେବି' ଦାବିରେ ଡିସେମ୍ବର ୨୨ରେ ଭଞ୍ଜସେନାର ଗଣଧାରଣା

# ସଂଗଠନର ସମସ୍ତ କମିଟି ଭଙ୍ଗ ହେଲା


ବାରିପଦା, ୧୧।୧୧(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ସହିତ ପରିବେଶ ଜଙ୍ଗଲ, ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ବନ୍ୟଜାତ ଦ୍ରବ୍ୟ ତଥା ହସ୍ତତନ୍ତ କୁଟୀର ଶିଳ୍ପରୁ ପ୍ରସ୍ତୁତ ସମାଗ୍ରୀର ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଜିଲ୍ଲାର ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ। ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେ ବାବଦରେ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଆଗାମୀ ଡିସେମ୍ବର ୨୨ ତାରିଖରେ ଏକ ବିଶାଳ ଗଣଧାରଣା ଦିଆଯିବ। ଜିଲ୍ଲାରେ ବସବାସ କରୁଥିବା ପ୍ରତ୍ୟେକ କୁଶଳୀ କାରିଗର ସହିତ ବିଭିନ୍ନ କଞ୍ଚାମାଲ ସଂଗ୍ରହ କରୁଥିବା ଶ୍ରମିକଙ୍କୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ମୁଁ ସ୍ୱାବଲମ୍ବୀ ହେବି'ର ଦାବି ନେଇ ଏକ ଗଣଧାରଣା ଦିଆଯିବ। କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ଏଥିସହିତ ଶ୍ରୀ ଜେନାଙ୍କ ଅନୁମୋଦନ କ୍ରମେ ସଂଗଠନର ସମସ୍ତ ଜିଲ୍ଲା, ଉପଖଣ୍ଡ, ପୌରାଞ୍ଚଳ, ଏନ୍‌ଏସି, ବ୍ଲକ ସମେତ ସମସ୍ତ ଛାମୁଆ (ଯୁବ, ଛାତ୍ର, ମହିଳା) ସଂଗଠନର ପୂର୍ବରୁ ଥିବା କମିଟିକୁ ଭାଙ୍ଗି ଦିଆଯାଇଛି। ପର୍ଯ୍ୟାୟ କ୍ରମେ ଜିଲ୍ଲାର ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ହାସଲ କରିବା ପାଇଁ ଜିଲ୍ଲା ପ୍ରୀତି ସହିତ ସାଙ୍ଗଠନିକ ଦକ୍ଷତା ସମ୍ପନ୍ନ ଯୁବ ଛାତ୍ର ସଂଗଠକଗୁଡ଼ିକୁ ଦାୟିତ୍ୱ ଦିଆଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ନିପୁଣ ଓଡ଼ିଶା ଶିକ୍ଷା କର୍ମୀଙ୍କ ଅନିର୍ଦ୍ଦିଷ୍ଟ ଧାରଣା



ବାରିପଦା, ୧୧।୧୧(ସମିସ): ସାକ୍ଷରତା କାର୍ଯ୍ୟକ୍ରମ ନିପୁଣ ଓଡିଶାରେ କାର୍ଯ୍ୟରତ ମୟୂରଭଞ୍ଜ ଜିଲ୍ଲାର ୬୦୦୦ କର୍ମୀ ଦୀର୍ଘ ଦିନ ହେଲା (ଚାକିରି ଆରମ୍ଭରୁ) ସେମାନଙ୍କ ପାରିଶ୍ରମିକ ପାଇବାରୁ ବଞ୍ଚିତ ଅଛନ୍ତି। ମଙ୍ଗଳବାର (ମାଆ ଅମ୍ବିକା ମହିଳା ମଣ୍ଡଳ ଫେଡେରେସନ) ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଥିଲା। ଏଥିରେ ୨୬ଟି ବ୍ଲକରୁ ପ୍ରାୟ ୩୦୦କର୍ମୀ ସାମିଲ ହୋଇଥିଲେ। ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମସ୍ୟା ସମାଧାନ ପାଇଁ ସଂଘର ସଭାନେତ୍ରୀ, ସମ୍ପାଦିକା ଓ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ପରେ ବି ସମାଧାନ ପନ୍ଥା ବାହାରି ନ ଥିଲା। ଅଫିସ ସମୟ ଅତିକ୍ରାନ୍ତ ପରେ ଶ୍ରୀ ସେଠୀ ଓ ତାଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ/କର୍ମଚାରୀ ତାଲା ପକାଇ ପଳାଇଥିବା ବେଳେ ନିପୁଣ ଓଡିଶା କର୍ମୀଙ୍କ ଜିଲ୍ଲା ସଂଘର କର୍ମକର୍ତ୍ତା ଖୋଲା ଆକାଶ ତଳେ ଧାରଣାରେ ବସିଛନ୍ତି।

# ସାଇବର ଅପରାଧ ସଚେତନତା ପାଇଁ ସାଇକ୍ଲୋଥନ୍



ବଡବିଲ,୧୧।୧୧ (ସମିସ): ସାଇବର ଅପରାଧ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ ବଡ଼ବିଲ ପୁଲିସ ତତ୍ତ୍ୱାବଧାନରେ ସାଇକ୍ଲୋଥନ ବା ସାଇକଲ ରାଲିର ଆୟୋଜନ କରାଯାଇଥିଲା। ସ୍ଥାନୀୟ କିରିବୁରୁ ଛକ ନିକଟରେ ସମସ୍ତେ ଏକତ୍ର ହେବା ପରେ ସାଇବର ଅପରାଧ ଓ ଏହାର ନିରାକରଣ ବିଷୟରେ ପଥପ୍ରାନ୍ତ ନାଟକ ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପୀଙ୍ଗୁଆ, ଥାନାଧିକାରୀ ଅଶୋକ କୁମାର ନାୟକ, ସଂସଦ ପ୍ରତିନିଧି ନୀଳମଣି ମହାନ୍ତ ଓ ଓବିସି ମୋର୍ଚ୍ଚା ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ତତ୍ତ୍ୱାବଧାନରେ ବଡ଼ବିଲ ସିଭିଲ ସୋସାଇଟି ସହଯୋଗରେ ଆୟୋଜନ କରାଯାଇଥିଲା। ସାଇବର ଠକଙ୍କ ସଂସ୍ପର୍ଶରେ ଆସିଥିବା ବିକାଶ କୁମାର ଓ ଦେବକାନ୍ତ ଦାସ ସଚେତନତା ସୃଷ୍ଟି କରିଥିଲେ। ଛକ ନିକଟରୁ ଶତାଧିକ ସଂଖ୍ୟାରେ ସ୍କୁଲ ପିଲା ଏବଂ ସହରର ନାଗରିକ ସାଇକଲ ଯୋଗେ ସହର ପରିକ୍ରମା କରିବା ପରେ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚି ସେଠାରେ ସ୍କୁଲ ପିଲାଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର ପ୍ରତିଯୋଗିତାର ଆୟୋଜନସ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବାଲଢିଆ ଡ୍ୟାମ ନିକଟରେ ହାତୀପଲ; ବିପଦରେ ଶାବକ



ବାରିପଦା, ୧୧।୧୧(ସମିସ): ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବାଲଢ଼ିଆ ଡ୍ୟାମ ନିକଟରେ ମଙ୍ଗଳବାର ହାତୀପଲ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପର୍ଯ୍ୟଟକ ଓ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏକ ୪ ଟିକିଆ ହାତୀ ପଲ ମଧ୍ୟରେ ରହିଛି ଏକ ଶାବକ। ଜଳଭଣ୍ଡାର ଓ କେନାଲ ପାଇଁ ଶାବକର ଜୀବନ ପ୍ରତି ବିପଦ ଦେଖାଦେଇଛି। ମଙ୍ଗଳବାର ଅପରାହ୍ନରେ ଖାଦ୍ୟ ଅନ୍ୱେଷଣରେ ଏହି ହାତୀପଲ ଜନବସତି ନିକଟତର ହୋଇଥିଲେ। ଏନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ନ ହାତୀ ପଲର ଗତିବିଧି ଅନୁଧ୍ୟାନ କରି ଜନବସତିରୁ ଦୂରକୁ ନେଇଥିଲେ। ଉକ୍ତ ସମୟରେ ବାଲଢ଼ିଆ ଡ୍ୟାମର ଜଳରାଶି ଦେଖି ହାତୀ ପଲ ଡ୍ୟାମ ଆଡ଼କୁ ମୁହାଁଇଥିଲେ। ତେବେ ହାତୀ ପଲ ଦେଖି ପର୍ଯ୍ୟଟକ ଓ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇଯାଇଥିଲେ। ହାତୀ ପଲ ଡ୍ୟାମରୁ ବାହାରି ଥିବା କେନାଲ ପାଣିରେ କିଛି ସମୟ ଜଳ କ୍ରୀଡା କରିଥିଲେ। ହାତୀ ପଲଙ୍କୁ ଦେଖିବାକୁ ଲୋକେ ଭିଡ଼ ଜମାଇଥିଲେ। ଉକ୍ତ ପଲରେ ହାତୀ ଶାବକ ଥିବା ବେଳେ ସେ ପାଣି ସ୍ରୋତ ପାର ହୋଇଯାଉଛି। ଯାହାକି ବିପଦର କାରଣ ସାଜିବାର ସମ୍ଭାବନା ରହିଛି।

## କୁଡ଼ୁମୀଙ୍କୁ ଏସଟି ତାଲିକାରେ ସାମିଲ ନ କରିବାକୁ ଦାବି

# ଆଦିବାସୀ କ୍ରାନ୍ତି ମୋର୍ଚ୍ଚାର ଦୃଢ଼ ବିରୋଧ

ବାରିପଦା,୧୧।୧୧(ସମିସ): କୁଡ଼ମୀ (କୁର୍ମୀ) ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସଟି) ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ କରାଯାଇଥିବା ଦାବିକୁ ଆଦିବାସୀ କ୍ରାନ୍ତି ମୋର୍ଚ୍ଚା କଡ଼ା ବିରୋଧ କରିଛି। ଏହା ବିରୋଧରେ ସଂଗଠନ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଚିଠି ଲେଖି ଯୁକ୍ତିଯୁକ୍ତ କାରଣ ଉପସ୍ଥାପନ କରିଛି। ସଂଗଠନର ଯୁକ୍ତି ଅନୁଯାୟୀ, ଲୋକୁର କମିଟି ନିର୍ଦ୍ଧାରିତ ପାଞ୍ଚଟି ମୌଳିକ ଲକ୍ଷଣ ପ୍ରାଥମିକ ଜୀବନଶୈଳୀ, ସ୍ୱତନ୍ତ୍ର ସଂସ୍କୃତି, ଭୌଗୋଳିକ ବିଚ୍ଛିନ୍ନତା, ସାଧାରଣ ସମାଜଠାରୁ ଦୂରତା ଓ ପଛୁଆପଣ କୁଡ଼ମୀ ସମ୍ପ୍ରଦାୟ ପୂରଣ କରୁନାହାନ୍ତି। କୁଡ଼ମୀମାନେ କୃଷିପ୍ରଧାନ, ହିନ୍ଦୁ ଧର୍ମାନୁଷ୍ଠାନ ପାଳନକାରୀ ଏବଂ ମୁଖ୍ୟଧାରାର ସାମାଜିକ ବ୍ୟବସ୍ଥାରେ ସଂପୂର୍ଣ୍ଣ ସମ୍ମିଶ୍ରିତ। ଆଦିବାସୀମାନେ ନିଜସ୍ୱ ସଂସ୍କୃତି, ଅନୁଷ୍ଠାନ ଓ ବିଶ୍ୱାସରେ ଅଟଳ। କୁଡ଼ମୀମାନେ ପୂର୍ବରୁ ଅନ୍ୟ ପଛୁଆ ଶ୍ରେଣୀ (ଓବିସି) ସୁବିଧା ଭୋଗ କରୁଥିବା ବେଳେ ଆଦିବାସୀମାନେ ଶତାବ୍ଦୀ ଧରି ବଞ୍ଚନା,



ବିସ୍ଥାପନ ଓ ଶୋଷଣର ଶିକାର ହୋଇଆସିଛନ୍ତି। ଐତିହାସିକ ଓ ନୃତାତ୍ତ୍ୱିକ ରିପୋର୍ଟ ଅନୁସାରେ କୁଡ଼ମୀଙ୍କୁ କେବେବି ଆଦିବାସୀ ଭାବେ ଶ୍ରେଣୀବଦ୍ଧ କରି ନାହାନ୍ତି। ୧୯୫୦ ମସିହାରେ ସମ୍ବିଧାନ ପ୍ରଣୟନ ସମୟରୁ ହିଁ ଏହି ସମ୍ପ୍ରଦାୟ ଏସ୍ଟି ତାଲିକା ବାହାରେ ରହିଛି। ରିଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆର୍‌ଜିଆଇ) ଓ ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ ମଧ୍ୟ ଏହି ଦାବିକୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଆଦିବାସୀ କ୍ରାନ୍ତି ମୋର୍ଚ୍ଚା ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛି ଯେ, ରାଜନୈତିକ ଲାଭ ଉଦ୍ଦେଶ୍ୟରେ ଉଠାଯାଇଥିବା ଏହି ଦାବି ପ୍ରତ୍ୟାଖ୍ୟାନ କରାଯାଉ, ଜନଜାତି ତାଲିକାର ପବିତ୍ରତା ରକ୍ଷା କରାଯାଉ ଏବଂ ଆଦିବାସୀଙ୍କ ସାଂବିଧାନିକ ଅଧିକାର ଓ ପରିଚୟ ସୁରକ୍ଷିତ ରହୁ। କୌଣସି ଅନ୍ତର୍ଭୁକ୍ତି ପ୍ରସ୍ତାବ ବିଚାର ପୂର୍ବରୁ ଲୋକୁର କମିଟିର ମାନଦଣ୍ଡ କଡ଼ାକଡ଼ି ପାଳନ ନିଶ୍ଚିତ କରାଯାଉ। ସଂଗଠନ ମତ ଦେଇଛି ଯେ, ଆଦିବାସୀ ପରିଚୟ କେବଳ ସୁବିଧା ବା ରାଜନୈତିକ ଅଧିକାର ନୁହେଁ, ଏହା ସଂଘର୍ଷ, ସଂସ୍କୃତି ଓ ଅସ୍ତିତ୍ୱର ପ୍ରତୀକ। କୁଡ଼ମୀଙ୍କୁ ଏସ୍ଟି ମାନ୍ୟତା ଦେବା ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧୀ ହେବ।

# ଦକ୍ଷତା ବିକାଶ ନିଯୁକ୍ତି ସଚେତନତା ଶିବିର

## ● ୨୬୬ ଶ୍ରମକାର୍ଡ, ୧୨ ଦକ୍ଷତା ବିକାଶ ପଞ୍ଜିକୃତ



କେନ୍ଦୁଝର,୧୧।୧୧(ସମିସ): କେନ୍ଦୁଝର ସଦର ବ୍ଲକ୍ କାଉଁରୀକଳା ପଞ୍ଚାୟତ ବଉଳମାଳଠାରେ କେନ୍ଦୁଝର ବନଖଣ୍ଡ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଦକ୍ଷତା ବିକାଶ,ନିଯୁକ୍ତି,ଶ୍ରମ କାର୍ଡ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ସଭାରେ ଗ୍ରାମପଞ୍ଚାୟତ ଅଧିନସ୍ଥ ୩ଟି ବନ ସୁରକ୍ଷା ସମିତି ବଉଳମାଳ, ପଳାସପୋଖରୀ, ସୁନାପସି ଓ କାଉଁରୀକଳା, କୁସୁମୁଳା, ହାଣ୍ଡିଭଙ୍ଗା, କାଣିପସି, କାଠବାଉଁଶୁଳି, ସଣ୍ଡିଆପସି ଆଦି ଗ୍ରାମରୁ ପାଖାପାଖି ୩ଶହ ଲୋକଙ୍କ ସମାଗମ ହୋଇଥିଲା। କେନ୍ଦୁଝର ଶ୍ରମ କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ବିନୋଦ ବିହାରୀ ନାୟକ ଓ ସହଯୋଗୀ ଚନ୍ଦ୍ରକାନ୍ତ ତ୍ରିପାଠୀ ଶ୍ରମ କାର୍ଡର ପଞ୍ଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ କୁମାର ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ସୁଧା ଓରାମ ସରକାରୀ ଉପଲବ୍ଧ ବିଭିନ୍ନ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପଳାଶପଙ୍ଗା ବନପାଳ ଜୟକୃଷ୍ଣ ଦାସ, ବନରକ୍ଷୀ ମଞ୍ଜୁଲତା ମୁଦି ଓ ମୋନାଲିସା ସାହୁ, କେନ୍ଦୁଝର ବନଖଣ୍ଡ ସମାଜବିତ୍ ଜୟପ୍ରକାଶ ପୃଷ୍ଟି, ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୂର୍ଣ୍ଣଚନ୍ଦ୍ର ବେହେରା, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଉଦୟନାଥ ହୋ, ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ବଉଳମାଳ ବନ ସୁରକ୍ଷା ସମିତିର ସଭାପତି ପୂର୍ଣ୍ଣେନ୍ଦୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ ସ୍ଥାନୀୟ ଲୋକମାନଙ୍କ ମିଳିତ ସହଯୋଗରେ ପାଖାପାଖି ୨୬୬ଟି ଶ୍ରମକାର୍ଡ ଓ ୧୨ଟି ଦକ୍ଷତା ବିକାଶ ପଞ୍ଜୀକରଣ ହୋଇଥିଲା। ଅତିଶୀଘ୍ର ପଞ୍ଜିକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନର ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ କେନ୍ଦୁଝର ବନଖଣ୍ଡ ଅଧୀନ ପାଖାପାଖି ସମସ୍ତ ଗ୍ରାମପଞ୍ଚାୟତରେ ଏହିପରି ସଚେତନତା ଶିବିର ଆୟୋଜନ କରାଯାଇ ଶ୍ରମକାର୍ଡ ଓ ନିଯୁକ୍ତିର ସୁଯୋଗ ପହଞ୍ଚାଇବାକୁ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଲକ୍ଷ୍ୟ ରଖିଛନ୍ତି।

## ୨୦୦ ଗାଁକୁ ଜଳଯୋଗାଣ ଲକ୍ଷ୍ୟ ବାଟବଣା

# ୩୨୬ କୋଟିର ପାନୀୟଜଳ ପ୍ରକଳ୍ପ ଅଧପନ୍ତରିଆ

ହାଟଡ଼ିହୀ,୧୧।୧୧(ସମିସ):

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ର ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ପାଇଁ ଦୁଇ ଦୁଇଟି ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଗୋଟିଏ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ସବୁ ଗାଁକୁ ଜଳ ଯୋଗାଇବାରେ ବିଫଳ ହୋଇଛି ପ୍ରଶାସନ। ଏସବୁ ମଧ୍ୟରେ ୩୨୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅନ୍ୟ ଏକ ବୃହତ୍ ପାନୀୟଜଳ ପ୍ରକଳ୍ପ ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ମଧ୍ୟ ଏହା କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଗତ ୨୦୧୯ ରେ ହାଟଡ଼ିହୀ ବ୍ଲକ୍ କାଳିଆମ୍ବ ନିକଟରେ ୩୨୬ କୋଟି ଟଙ୍କା ବ୍ୟୟରେ ବୃହତ୍ ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା।



ଏହି ପ୍ରକଳ୍ପରୁ ୨୦୦ ଗାଁକୁ ପାନୀୟଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୨ରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କରୋନା ମହାମାରୀ ବ୍ୟାପିବାରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତେଣୁ ପ୍ରକଳ୍ପ ନିର୍ମାଣ ଅବଧିକୁ ଆଉ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା। ୨୦୨୩ ଡ଼ିସେମ୍ବରରେ ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। 'ଘରେ ନ ପଶୁଣୁ ଚାଳ ବାଜିବା' ପରି ପ୍ରଥମରୁ ହିଁ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଥିଲା। ଏହି ପ୍ରକଳ୍ପ ପାଇଁ ହଦଗଡ଼ ଡ୍ୟାମ୍‌ରୁ ପାଣି ଉଠାଯିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ ପାଇପ୍ ବିଛା ସରିଥିଲା। ବନବିଭାଗର ଅନୁମତି ନମିଳିବାରୁ ସ୍ଥାନ ପରିବର୍ତ୍ତନ କରାଯାଇଥିଲା। ବିଦ୍ୟାଧରପୁରସ୍ଥିତ ସାଳନ୍ଦୀ ବ୍ୟାରେଜରୁ ପାଣି ଆଣିବା ପାଇଁ ସ୍ଥିର ହୋଇଥିଲା। ବିଦ୍ୟାଧରପୁର ବ୍ୟାରେଜରୁ ଚାଷଜମିକୁ ଜଳଯୋଗାଣ ପାଇଁ ପାଣି ନିଅଣ୍ଟ ପଡୁଛି। ସେଠାରୁ କିପରି ପାଣି ଉଠାଯାଇ ୨୦୦ ଗ୍ରାମକୁ ଜଳ ଯୋଗାଣ କରାଯିବ, ତାହାକୁ ନେଇ ସେତେବେଳେ ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଥିଲେ। ବିଭାଗୀୟ ଅଧିକାରୀମାନେ ୨୦୨୪ ମାର୍ଚ୍ଚ ସୁଦ୍ଧା କାମ ସରିବ ବୋଲି କହିଥିଲେ। ୨୦୨୪ ମାର୍ଚ୍ଚ ଯାଇ ୨୦୨୫ ନଭେମ୍ବର ମାସ ଅଧା ହେଲାଣି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସମସ୍ତ ଗ୍ରାମକୁ ପାଇପ୍‌ଲାଇନ୍ ସଂଯୋଗ କାମ ସରିନାହିଁ। ବିଶେଷକରି ମରେଇଗାଁ, ବଞ୍ଚୋ, ଶାସଙ୍ଗ, ବଡ଼ରମ୍ପାସ, ହାଟଡ଼ିହୀ, ପନ୍ଦାଡେ଼ା ଭଳି କିଛି ବଡ଼ ବଡ଼ ଗ୍ରାମରେ ପାଇପ୍ ବିଛା କାମ ସରିନି। ବିଭିନ୍ନ ସ୍ଥାନରେ ବିଛା ହୋଇଥିବା ପାଇପ୍ ସବୁ ନଷ୍ଟ ହୋଇଗଲାଣି। ବାହାର ରାଜ୍ୟର ଠିକାଦାର କାମ ସମ୍ପୂର୍ଣ୍ଣ ନକରି ପ୍ରାୟ ୮୦ ଭାଗରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି। ଅଧିକାରୀମାନେ ବାରମ୍ବାର ଚାପ ପକାଇ କାମ କରୁଥିଲେ ମଧ୍ୟ ତାହା ସରୁନି। ଏହି ବୃହତ୍ ପ୍ରକଳ୍ପ ପାଇଁ ବ୍ଲକର ବିଭିନ୍ନ ରାସ୍ତାକୁ ଖୋଳି ପାଇପ୍ ବିଛା ହୋଇଥିବା ବେଳେ ରାସ୍ତା ମରାମତି ପ୍ରତି ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଅନେକ ସ୍ଥାନରେ ବିଛା ଯାଇଥିବା ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଛି। ସ୍ଥାନୀୟ ସରପଞ୍ଚଙ୍କଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତେ ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ଫଳ ଶୂନ୍ ରହୁଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡ଼ା କହିଛନ୍ତି କି, ଅନେକ ସ୍ଥାନକୁ ପାନୀୟଜଳ ଯୋଗାଣ ହୋଇଛି। କିଛି ସ୍ଥାନକୁ ପାଇପ ବିଛା କାର୍ଯ୍ୟ ଚାଲୁ ରହିଛି। ଅଳ୍ପ ଦିନ ଭିତରେ ତାହାକୁ ସମ୍ପୂର୍ଣ୍ଣ କରାଯିବ।



ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା ଅବସରରେ ଏମ୍. ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍

ଆଜି ପ୍ରଥମାଷ୍ଟମୀ

# ପୋରୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର

ପୁରୀ, ୧୧।୧୧ (ସମିସ): ପ୍ରଥମାଷ୍ଟମୀରେ ପୋରୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଧବାର ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ କରାଯିବ। ପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯିବ। ଠାକୁରଙ୍କ ମଉଳା କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ନିଆଳି ମାଧବଙ୍କ ପୀଠରୁ ଗତ ପାଞ୍ଚବର୍ଷ ହେବ ପୋଡୁଆଁ ଭାର ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରୁଛି। ଏବର୍ଷ ମଧ୍ୟ ମାଧବଙ୍କ ପୀଠରୁ ଭାର ଆସିଛି। ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦାନ ଆକାରରେ ଗ୍ରହଣ କରିଛି।

ଅପରାହ୍ଣରେ ମାଧବ ମନ୍ଦିରରୁ ଭାର ଆଣି ଆସିଥିବା ଶ୍ରଦ୍ଧାଳୁ ପୁରୀରେ ପହଞ୍ଚିଥିଲେ। ଏହି



ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ ଓ ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ, ତୁଳସୀ, ପଦ୍ମଫୁଲ ମାଳ ଆସିଛି। ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରି ଏହି ଭାର ଶ୍ରୀମନ୍ଦିରକୁ ନେଇଥିଲେ। ଆଗରେ ଭୋଇ ସେବକମାନେ ପତାକା ଧରି ଚାଲିଥିଲେ। ଢୋଲିଆ ଓ ମହୁରିଆ ମଙ୍ଗଳ ବାଦ୍ୟରେ କମ୍ପିଥିଲା

## ନିଆଳି ମାଧବ ମନ୍ଦିରରୁ ଆସିଲା ପୋରୁହାଁ ଭାର

ପରିବେଶ। ପଛକୁ ପଛ ସଂକୀର୍ତ୍ତନ, ଲଉଡ଼ି ଖେଳ, ନୃତ୍ୟ ଆଦି ପରିବେଷଣ କରାଯାଉଥିଲା। ଏହି ସମୟରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଏହି ଭାର ରଖାଯାଇଛି। ଶ୍ରୀଶ୍ରୀମାଧବାନନ୍ଦଜୀଉ ବିକାଶ ପରିଷଦ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

# ବିଜେପି ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି: ବିଜେଡି

ଭୁବନେଶ୍ୱର,୧୧।୧୧(ସମିସ): ବିଜେପି ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂକ୍ରାନ୍ତ ମାଳମାଳ ଅଭିଯୋଗ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଉପ ନିର୍ବାଚନରେ ଜିଲ୍ଲା ବାହାରୁ ନକଲି ଭୋଟରଙ୍କୁ ଆଣି ଭୋଟ ଦାନ କରାଇବା, ମହିଳା ଭୋଟରଙ୍କ ଭୋଟ ଅନ୍ୟ ଲୋକ ଦେବା, ଭୋଟରଙ୍କୁ ଟିଫିନ୍ ପୁଡ଼ିଆ ଦେଇ ପ୍ରଭାବିତ କରିବା ଆଦି ପ୍ରସଙ୍ଗରେ ବିଜେଡିର ପ୍ରତିନିଧିମାନେ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରିନ୍ତି।

ବିଜେଡିର ଅଭିଯୋଗ ଅନୁଯାୟୀ କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ। ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରମାନଙ୍କୁ ବିଭିନ୍ନ ବୁଥରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ; କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ



- ପ୍ରଶାସନିକ ବିଫଳତା ପାଇଁ ବହୁ ଲୋକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ
- ୫ କିଲୋମିଟର ଦୂରରୁ ଚାଲିଚାଲି ଆସି ବି ଦେଇପାରିଲେନି ଭୋଟ
- ଛଡ଼ାଇ ନେଲେ ନୂଆପଡାର ଗରିବ ମହିଳାଙ୍କ ଭୋଟ ଅଧିକାର
- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ

ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ। ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା। କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସବୁ ନୀତି, ନୈତିକତାକୁ ଜଳାଞ୍ଜଳି ଦେଇ ବିଜେପି ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି। ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ସେହିପରି ନୂଆପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଙ୍ଘାରି ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେବା ଘଟଣାକୁ ବିଜେଡି ନିନ୍ଦା କରିଛି। ଶ୍ରୀମତୀ ଛତ୍ରିଆ କେତେ ଦୂରରୁ ଚାଲି ଚାଲି କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧କୁ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ପହଞ୍ଚିଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ନିର୍ବାଚନ କର୍ମଚାରୀମାନେ ଭୋଟ ଦେବା ପାଇଁ ଅନୁମତି ଦେଇନଥିଲେ। ତାଙ୍କ ଭୋଟ ଦିଆସରିଛି ବୋଲି ଜୟନ୍ତୀଙ୍କୁ କୁହାଯାଇଥିଲା। ନିଜ ଅଧିକାର ହରାଇ ଥିବାରୁ ଶ୍ରୀମତୀ ଛତ୍ରିଆ ଗଭୀର ନିରାଶା ଓ ଦୁଃଖ ବ୍ୟକ୍ତ କରିଥିଲେ। ଏହା ଗୋଟିଏ ଘଟଣା ନୁହେଁ ବରଂ ନିର୍ବାଚନରେ ପ୍ରଶାସନର ଗମ୍ଭୀର ବିଫଳତାର ବଳିଷ୍ଠ ଉଦାହରଣ ବୋଲି ବିଜେଡି କହିଛି। ଭୋଟ ଦେବା ଅଧିକାର ଗଣତନ୍ତ୍ରର ସର୍ବପ୍ରଥମ ଅଧିକାର। କିନ୍ତୁ ନୂଆପଡ଼ାରେ ଲୋକଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ବିଜେଡି ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାର ବିଧିବଦ୍ଧ ତଦନ୍ତ କରି ଦାୟୀ ଅଧିକାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହିତ ସାରା ରାଜ୍ୟ ପାଇଁ ଉଦାହରଣ ରଖିବା ପାଇଁ ନିର୍ବାଚନ ଅଧିକାରୀ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି ଜଣାଇଛି। ବିଜେଡିର ପ୍ରତିନିଧି ଦଳରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଇଲ୍ଲା ସ୍ୱାଇଁ, ଜ୍ୟୋସ୍ନାମୟୀ ପରିଡ଼ା ଓ ଅଂଶୁ ତ୍ରିପାଠୀ ସାମିଲ ହୋଇଥିଲେ।

କଂଗ୍ରେସ ବଟନ ଟିପିଲେ ବିଜେପିକୁ ଭୋଟ୍

# ଉପନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: କଂଗ୍ରେସ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ାର ଉପନିର୍ବାଚନରେ ଭୋଟ ଚୋରି ନେଇ ସାଙ୍ଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଶାସକ ବିଜେପି ଶାସନ କଳ, ବଳ ଓ କୌଶଳ ଲଗାଇ ଅନୈତିକ ଉପାୟରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବୋଲି ଦଳ କହିଛି। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ମଙ୍ଗଳବାର ନୂଆପଡ଼ା ଉପନିର୍ବାଚନ ଚାଲିଥିବା ବେଳେ ଡୁମେରବାହାଲର ୩୩୯ ନମ୍ବର ବୁଥରେ ବିଜେପିକୁ ଭୋଟ ଦେବା ପାଇଁ ଟଙ୍କା ବଣ୍ଟା ଯାଉଥିଲା। କଂଗ୍ରେସର ଜଣେ କର୍ମୀଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ପୁଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ନିର୍ବାଚନ ନୀରବ ଅବଧି ସମୟ ପୂର୍ବରୁ ବାହାର ଜିଲ୍ଲାର ରାଜନୈତିକ ବ୍ୟକ୍ତି ଯିଏ କି, ଜିଲ୍ଲା ବାହାରୁ ଆସିଥିଲେ ସମସ୍ତଙ୍କୁ ବାହାର କରିଦିଆଗଲା। କିନ୍ତୁ ବିଜେପିର ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ, କର୍ମକର୍ତ୍ତାମାନେ ସେମାନେ ନିର୍ବାଚନ ମଣ୍ଡଳୀ ବୁଲି ବୁଲି ଅବାଧରେ ଟଙ୍କା ବାଣ୍ଟିଲେ।

ଏହା ବ୍ୟତୀତ ଇଭିଏମ ମେସିନରେ କଂଗ୍ରେସ ବଟମ୍ ଚିପିଲେ ବିଜେପିର ଲାଇଟ୍ ଜଳୁଛି, ଅର୍ଥାତ୍ କଂଗ୍ରେସକୁ ଭୋଟ ଦେଲେ ବିଜେପିକୁ ଯାଉଛି। ଯାହା କି ୨୫୦ ନମ୍ବର ବୁଥରେ ପ୍ରମାଣିତ ହୋଇଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ, ପ୍ରଶାସନ ସବୁ ଦେଖି ଚୁପ୍ ରହିଛି। ବିଜେପି ଦଳୀୟ କର୍ମୀ ଲୋକମାନଙ୍କୁ ବିଜେପି ଚିହ୍ନ ଲଗା ଟ୍ରାକ୍ଟରରେ ବୁଥ ମଧ୍ୟକୁ ଆଣୁଛନ୍ତି। ଜିତମିତ୍ର ହାଇସ୍କୁଲରେ ଜଣେ ମହିଳା ଭୋଟ ଦେଇ ନପାରି ଫେରିଛନ୍ତି। କାରଣ ତାଙ୍କ ଭୋଟ ଆଉ କିଏ ଦେଇଦେଇଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ବୁଥ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପ୍ରାର୍ଥୀ ଫଟୋ ଥିବା ଚିରୁକୁଟି ବଣ୍ଟା ଯାଉଛି ବୋଲି କଂଗ୍ରେସ ଦାବି କରିଛି।

ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଲେ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ନୂଆପଡା ଉପନିର୍ବାଚନରେ ଶାସକ ଦଳ ଖୋଲାଖୋଲି ଆଚରଣ ବିଧି ଉଲଂଘନ କରିବାକୁ ବଳ ପାଉଛି। ନିର୍ବାଚନ ପ୍ରଚାର ବେଳେ ବିଜେପିର ଆଚରଣ ବିଧି ଉଲଂଘନ ବିଷୟକୁ ନେଇ ଅନେକ ଥର ତାଙ୍କୁ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭୋଟ ଚୋରୀ, ପ୍ରାର୍ଥୀ ଚୋରୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଇଭିଏମ ସିଷ୍ଟମ ଚୋରୀ ପ୍ରମାଣିତ କରୁଛି ଯେ ବିଜେପି ଭୋଟ ଚୋରୀ କରି ସରକାର ଗଢିଛି ଏବଂ ନୂଆପଡାରେ ମଧ୍ୟ ଭୋଟ ଚୋରୀ କରି ଜିତିବା ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

ଅଲକଏଦା ଆତଙ୍କବାଦୀ ଲିଙ୍କ୍

# ଅବଦୁର ରହେମାନର ଜାମିନ ଖାରଜ

କଟକ, ୧୧।୧୧(ସମିସ): ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଅବଦୁର ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ରହେମାନ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ଦୌରାଜଜ୍ ଅଦାଲତରେ ପ୍ରଥମେ ଜାମିନ ଖାରଜ ହେବାରୁ ରହେମାନ୍ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରଥିଲା। ରହେମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯାଗ ରହିଥିବା ପ୍ରସଙ୍ଗକୁ ବିଚାରକୁ ନେଇ ଜିଲ୍ଲା ଦୌରା ଅଦାଲତ ଗତ ୨୦୨୫ ଜାନୁଆରି ୭ରେ ଜାମିନ ଖାରଜ କରିଥିଲେ। ପୂର୍ବରୁ ମଧ୍ୟ, ୨୦୨୪ ନଭେମ୍ବର ୮ରେ ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ପରେ ରହେମାନ ଜିଲ୍ଲା ଦୌରା ଅଦାଲତରେ ସାନି ଜାମିନ ଆବେଦନ କରିଥିଲା। ତାହା ଖାରଜ ହେବାରୁ ପୁଣି ହାଇକୋର୍ଟରେ ଜାମିନ ଆବେଦନ କରିଥିଲା।

ସୂଚନାଯୋଗ୍ୟ, ରହେମାନକୁ ଦିଲ୍ଲୀ ପୁଲିସ ଗତ ୨୦୧୫, ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଅଦ୍ୟାବଧି ୪୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ଜଣାପଡ଼ିଛି।

# ଯୋଗାଣ ମନ୍ତ୍ରୀଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧିଙ୍କ ଆଲୋଚନା

ଭୁବନେଶ୍ୱର, ୧୧।୧୧(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ରାଷ୍ଟ୍ର ଶାଖା ନିର୍ଦ୍ଦେଶକ ଏଲିଜାବେଥ୍ ଫୋରେ ସାକ୍ଷାତ କରି ରାଜ୍ୟରେ ଖାଦ୍ୟ ନିରାପତ୍ତା ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟରେ ଉତ୍ତମ ପୋଷଣ ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ସମ୍ପର୍କରେ ଉକ୍ତ ସାକ୍ଷାତ ବୈଠକରେ ଆଲୋଚନା ହୋଇଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ସହାୟତାରେ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି। ଓଡ଼ିଶାକୁ ଖାଦ୍ୟ ନିରାପତ୍ତାର ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ କରିବା ଦିଗରେ କାର୍ଯ୍ୟ କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ସେହିଭଳି ଖାଦ୍ୟ ପୁଷ୍ଟି ନିରାପତ୍ତା ଅନ୍ତର୍ଗତ ହିତାଧିକାରୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଅନେକ ଅଗ୍ରଣୀ ପଦକ୍ଷେପ ଉପରେ ମନ୍ତ୍ରୀ ଶ୍ରୀ ପାତ୍ର ଅବଗତ କରାଇଥିଲେ। ଜନପୋଷଣ କେନ୍ଦ୍ର ମାଧ୍ୟମରେ ପୁଷ୍ଟିଯୁକ୍ତ ଶସ୍ୟ ଯୋଗାଣ, ସରକାରୀ ସୁଲଭ ମୂଲ୍ୟ ଦୋକାନଗୁଡ଼ିକର ସୁଦୃଢ଼ୀକରଣ ଏବଂ ହିତାଧିକାରୀମାନଙ୍କ ସୁବିଧା ପାଇଁ ଅଧିକରୁ ଅଧିକ ଅନ୍ନପୂର୍ତ୍ତି ତଥା ଶସ୍ୟ ଏଟିଏମ୍ଲୋ ଲିବା ଓ ଏହାର ଲୋକପ୍ରିୟତା ବୃଦ୍ଧି ଦିଗରେ ମଧ୍ୟ ଆଲୋଚନା ହୋଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କଟକ, ୧୧।୧୧ (ସମିସ): ଜନୈକା ୧୪ ବର୍ଷୀୟା ନାବାଳିକା ସହ ଦୁଷ୍କର୍ମ କରିବା ସହ ତାର ନଗ୍ନ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ଖଣ୍ଡାୟତ ସାହିର ବିଘ୍ନେଶ୍ୱର ଦାସ(୨୧)କୁ ୨୦ ବର୍ଷ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ। ଅଦାଲତ ପୋକସୋ ଆଇନର ଧାରା ୬ରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୨୪ ଜାନୁଆରି ୧୭ ତାରିଖରେ ପୀଡ଼ିତାଙ୍କ ପିତା ଜଗତପୁର ଥାନାରେ ତାଙ୍କ ନାବାଳିକା ଝିଅ ସହ ଅଭିଯୁକ୍ତ ଦୁଷ୍କର୍ମ କରିଥିବା ତଥା ସାମାଜିକ ଗଣାମଧ୍ୟମରେ ନଗ୍ନ ଫଟୋ ଅପଲୋଡ କରିଥିବା ନେଇ ଏକ ଏତଲା ଦେଇଥିଲେ। ପୀଡ଼ିତାଜଣଙ୍କ କଟକର ଏକ ଘରୋଇ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କ ସହ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ହୋଟେଲ ଓ ଲଜିଂରେ ରଖି ଶାରୀରିକ ସମ୍ପର୍କ ରଖିଥିଲା। ଏପରିକି, ପରବର୍ତ୍ତୀ ସମୟରେ ପୀଡିତାଙ୍କ ନଗ୍ନ ଫଟୋ ଉତ୍ତୋଳନ କରି ପରେ ୨ଲକ୍ଷ ଟଙ୍କା ଦାବି କରିଥିଲା। ପୀଡ଼ିତାଜଣଙ୍କ ଏନେଇ ଘରେ କହିବା ପରେ ତାଙ୍କ ପିତା ଜଗତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତ ବିଘ୍ନେଶ୍ୱରକୁ ଗତ ୨୦୨୪, ଜାନୁଆରି୧୮ ରେ ଗିରଫ କରିଥିଲା। ୨୦୨୪ ଏପ୍ରିଲ ୧୦ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାରେ ୨୦୨୪ ଅକ୍ଟୋବର ୨୮ ରେ ଅଭିଯୁକ୍ତ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ। ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା ଏତଲାକାରୀଙ୍କ ସମେତ ୧୪ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୩ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

## ବିଲ ଜଗିବାକୁ ଯାଉଥିବା ୨ ଚାଷୀଙ୍କୁ ଦଳିଦେଲା

ଜମନକିରା/କୁଚିଣ୍ଡା, ୧୧।୧୧ (ସମିସ): ବିଲ ଜଗିବାକୁ ଯାଉଥିବା ବେଳେ ଦନ୍ତା ଆକ୍ରମଣରେ ୨ଜଣ ଚାଷୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ସମ୍ବଲପୁର ଜିଲ୍ଲା ଜମନକିରା ଥାନା କୁତବଗାଁର ଗଙ୍ଗାରାମ ପଟେଲ(୬୩) ଏବଂ ଅନ୍ୟ ଜଣେ ଯୁଯୁମୁରା ଥାନା ଟାମ୍ପରଗଡ଼ ଗାଁର ପ୍ରଦୀପ



ଘଟୁଆଲ(୩୮)। ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ଅଭୟାରଣ୍ୟ କୁତବ ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି।

ସୂଚନାନୁଯାୟୀ, ପ୍ରଦୀପଙ୍କ ଶଶୁର ଘର କୁତବ ଗାଁରେ। ସେ ଉକ୍ତ ଗାଁର ଗଙ୍ଗାରାମଙ୍କ ଜମିକୁ ଭାଗରେ ନେଇ ଧାନଚାଷ କରିଥିଲେ। ପ୍ରଦୀପ ଓ ଗଙ୍ଗାରାମ ପ୍ରତି ସନ୍ଧ୍ୟାରେ ଉଡସରା ନିକଟସ୍ଥ ବିଲକୁ ଜଗିବାକୁ ଯାଉଥିଲେ। ସେଠାରେ ଥିବା ଏକ ଗଛ ତଳେ ନିଆଁ ଜାଳି ରାତି ସାରା ଜଗି ରହିବା ପରେ ସକାଳୁ ଘରକୁ ଫେରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଉଭୟ ବିଲ ଜଗିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ରାତିରେ ଟର୍ଚ୍ଚଲାଇଟ୍ ମାରିବାରୁ ସେହି ପାଖରେ ଥିବା ଦନ୍ତା ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଗଙ୍ଗାରାମଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କ ମୁଣ୍ଡକୁ ପାଦରେ ଦଳି ଛିନ୍‌ଛତ୍ର କରି ଦେଇଥିଲା। ପରେ ତାଙ୍କ ଗୋଡ଼କୁ ଟାଣି ଫିଙ୍ଗି ଦେଇଥିଲା। ସେଠାରୁ ପ୍ରାୟ ୧୫ଫୁଟ୍ ଦୂରରେ ଟର୍ଚ୍ଚ ଲାଇଟ୍ ମାରୁଥିବା ପ୍ରଦୀପଙ୍କର ବି ସମାନ ଅବସ୍ଥା କରିଥିଲା ଦନ୍ତା। ତାଙ୍କୁ ଏକ ନାଳକୁ ଫିଙ୍ଗି ଦେଇଥିଲା।

ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁହିଁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବା ସହ ତିନିଦିନ ମଧ୍ୟରେ ଉଭୟ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର୍ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା।

## ଫୁଲ ତୋଳୁଥିବା ବୃଦ୍ଧାକୁ କଚାଡ଼ି ମାରିଲା

ରାଉରକେଲା, ୧୧।୧୧(ସମିସ): ରାଉରକେଲା ସହରରେ ପଶିଲା ଦନ୍ତା। ମଙ୍ଗଳବାର ଭୋର୍‌ରେ ଫୁଲ ତୋଳୁଥିବା ଜଣେ ବୃଦ୍ଧାଙ୍କୁ ଏକ ଦନ୍ତାହାତୀ କଚାଡ଼ି ମାରିଦେଇଛି। ମୃତ ମହିଳାଜଣଙ୍କ ହେଲେ, କୋଏଲନଗର ସି' ବ୍ଲକ୍‌ର ପୂର୍ଣ୍ଣିମା ବସ୍ତିଆ(୭୯)। ଏହି ଘଟଣା ପରେ କୋଏଲ ନଗରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

- ରାଉରକେଲା ସହରରେ ପଶିଲା ଦନ୍ତା
- ଭୟଭୀତ ଅବସ୍ଥାରେ କୋଏଲ ନଗରବାସୀ

ସୂଚନାନୁଯାୟୀ, ପୂର୍ଣ୍ଣିମା ଆଜି ଭୋର୍ ସମୟରେ ଘର ସମ୍ମୁଖ ଗଛରୁ ଫୁଲ ତୋଳୁଥିବା ବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କ ଆଗକୁ ଚାଲି ଆସିଥିଲା। ସେ କିଛି ବୁଝିବା ଆଗରୁ ଦନ୍ତା ତାଙ୍କୁ କଚାଡ଼ି ଦେଇ ପଳାଇଥିଲା। ଏହା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ପ୍ରାତଃ ଭ୍ରମଣ କରୁଥିବା କିଛି ଲୋକେ ମଧ୍ୟ ଦନ୍ତାର ସମ୍ମୁଖୀନ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦନ୍ତା କୋଏଲ ନଦୀ ଅତିକ୍ରମ କରି ରିଙ୍ଗି ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି।

ଏଭଳି ଘଟଣା ପ୍ରାୟ ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ହେବାର ନଜିର୍ ରହିଛି। ତେବେ ହାତୀ ବର୍ତ୍ତମାନ ସହର ଭିତରେ ପଶିବା ଘଟଣାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ରାସ୍ତାରେ ବିଳମ୍ବିତ ରାତିରେ ଦନ୍ତା ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାର କିଛି ସମୟ ପରେ ଡିଜେଲ କଲୋନୀ ରେଳ ଫାଟକ ଦେଇ ରେଲୱେ ୟାର୍ଡକୁ ଯାଇ ପହଞ୍ଚିଥିଲା ଦନ୍ତା ହାତୀ। ବନବିଭାଗ ପକ୍ଷରୁ ଦନ୍ତାକୁ ଜଙ୍ଗଲ ଭିତରକୁ ଘଉଡ଼ା ଯାଇଥିଲା। ପରେ ଦୁର୍ଗାପୁର ରାସ୍ତା ଦେଇ ଦନ୍ତା ଏନ୍ଆଇଟି ମୁଖ୍ୟ ରାସ୍ତା ହୋଇ କୋଏଲନଗର ଅଞ୍ଚଳକୁ ଯାଇଥିବା ଜଣାପଡିଛି। ଏହା ପୂର୍ବରୁ ହାତୀପଲ ବରକାନି ଗାଁରେ ଦେଖାଦେଇଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲକୁ ଘଉଡାଇ ଦେଇଥିଲା। ହେଲେ ଫର୍ଟିଲାଇଜର ସୋନା ପର୍ବତରୁ ହାତୀ ପଲରୁ ଗୋଟିଏ ଦନ୍ତା ଅଲଗା ହୋଇ ଯାଇଥିବା ସୂଚନା ମିଳିଛି।

ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ବେଆଇନ ନିର୍ମାଣ

# ରାଜ୍ୟକୁ କେନ୍ଦ୍ରର ଜବାବ ତଲବ

ବାରିପଦା,୧୧।୧୧(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଅଭିଯୋଗ ହୋଇଛି। ୟଥ୍ ୟୁନାଇଟେଡ୍ ଫର୍ ସଷ୍ଟେନବୁଲ ଏନଭାଇରନମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଜବାବ ତଲବ କରାଯାଇଛି। ଏ ବାବଦରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜଣାଇବାକୁ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ଏହାସହ ରାଜ୍ୟ ଜଙ୍ଗଲ ବିଭାଗର ଉପ-ନିର୍ଦ୍ଦେଶକ, ନ୍ୟାସନାଲ ବୋର୍ଡ ଫର୍ ୱାଇଲ୍ଡ ଲାଇଫ୍‌ର ସଦସ୍ୟ ତଥା ଅତିରିକ୍ତ ମୁଖ୍ୟସଚିବ, ଶିମିଳିପାଳ ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ-ଡିଭିଜନ୍‌ର ଉପ-ନିର୍ଦ୍ଦେଶକ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଭିଜନର ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯାଇ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ୍ ଜୋନ୍ ଅଞ୍ଚଳରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି। ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ରିସର୍ଟ ନିର୍ମାଣ ଜାରି ରହିଛି। ଏପରିକି, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ରାସ୍ତାକୁ କଂକ୍ରିଟ୍ କରାଯାଉଛି। ଏପରି କରି ଇକୋ-ସେନସିଟିଭ ଜୋନ୍‌ର ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଶିମିଳିପାଳ ପାଦଦେଶର ୧୦କିମି ବ୍ୟାସାର୍ଦ୍ଧ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଏବଂ ପ୍ରତିବନ୍ଧକ ପ୍ରତି ବିଭାଗ ଦୃଷ୍ଟି ଦେଉନାହିଁ। ଗାଇଡଲାଇନ ଅନୁଯାୟୀ, ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ଜଙ୍ଗଲ ବିଭାଗ, ସରକାର, ରାଜସ୍ୱ କିମ୍ବା ବ୍ୟକ୍ତିଗତ ସ୍ଥାନରୁ ଗଛ କଟାଯାଇପାରିବ ନାହିଁ। ଏପରିକି, ଭୂତଳ ଜଳ ସଂଗ୍ରହ କରିବା ପାଇଁ ବିଭାଗୀୟ ଅନୁମତିର ଆବଶ୍ୟକତା ରହିଛି। ମାତ୍ର ଏଭଳି କାର୍ଯ୍ୟ ଜାରି ରହିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ବିପଦକୁ ନିମନ୍ତ୍ରଣ କରିବା ଏବଂ ଏହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଭଳି ନିର୍ମାଣ ଓ ଗଛକଟାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଏହି ସୁନ୍ଦର ଭୂଦୃଶ୍ୟ ଏବଂ ସଂରକ୍ଷିତ ଅଞ୍ଚଳ ଗୌରବମୟ ବଜାୟ ରହିବ ବୋଲି ଉଲ୍ଲେଖ କରାଯାଇଛି।

## ଇଡେନ୍‌ରେ ଜୋରଦାର ଅଭ୍ୟାସ

କୋଲକାତା,୧୧।୧୧(ଏଜେନ୍ସି): ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଉଭୟ ଦଳ ଆଜି ଅଭ୍ୟାସ କରିଛନ୍ତି। ଗତକାଲି ବା ସୋମବାର ଉଭୟ ଦଳର ସମସ୍ତ ଖେଳାଳି ଏଠାରେ ଏକତ୍ର ହୋଇଥିଲେ। ଉଭୟ ଦଳର କୋଚ୍ ଓ ଅଧିନାୟକ ଆଜି ପଡ଼ିଆକୁ ଆସିବା ପରେ ପ୍ରଥମେ ପିଚ୍ ଦେଖିଥିଲେ। ଏହା ପରେ ଖେଳାଳିମାନେ ଅଧିକ ଶାରିରୀକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ନେଟ୍‌ରେ ବ୍ୟାଟିଂ ଓ ବୋଲିଂ ଉପରେ ଅଳ୍ପ ଅଭ୍ୟାସ କରିବା ପରେ ହୋଟେଲକୁ ଫେରିଯାଇଥିଲେ। ଆସନ୍ତାକାଲି ଦୁଇଟି ପର୍ଯ୍ୟାରେ ଖେଳାଳିମାନେ ଅଭ୍ୟାସ କରିବେ ବୋଲି ଜଣାଯାଇଛି।

## ସୁରକ୍ଷା ବଢ଼ାଇଲା କୋଲକାତା ପୁଲିସ୍

କୋଲକାତା,୧୧।୧୧(ଏଜେନ୍ସି): ଦିଲ୍ଲୀରେ ବିସ୍ଫୋରଣ ପରେ ସମଗ୍ର ଦେଶର ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ଏହା ମଧ୍ୟରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। କୋଲାକାତା ପୁଲିସ୍ କମିଶନରଙ୍କ କହିବା ଅନୁଯାୟୀ ଦିଲ୍ଲୀ ଘଟଣା ପରେ ସୁରକ୍ଷା ଲାଗି ପୁଲିସ୍‌ଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ସ୍ପେଶାଲ ଟାସ୍କ ଫୋର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଖେଳାଳି ରହୁଥିବା ହୋଟେଲରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି।

## ମୁକାବିଲା ୪୪: ଦ.ଆଫ୍ରିକା ୧୮ ଓ ଭାରତ ୧୬ଟିରେ ବିଜୟୀ

କୋଲକାତା,୧୧।୧୧(ଏଜେନ୍ସି): ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଉଭୟ ଦେଶ ମଧ୍ୟରେ ୪୪ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ୪୪ଟି ମଧ୍ୟରୁ ଭାରତରେ ଖେଳାଯାଇଛି ୧୯ଟି ଟେଷ୍ଟ। ଏହି ୧୯ଟି ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ।

## ଶୁକ୍ରବାରଠାରୁ ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ୍ ସିରିଜ୍

# ୨ ଟେଷ୍ଟ- ୩ ଦିନିକିଆ- ୫ ଟି୨୦

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):




ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଶେଷ ହେବା ପରେ ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ସହ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ୍ ଖେଳିବାକୁ ଏଠାରେ ଆସି ପହଞ୍ଚିଛି। ଏହି ସିରିଜ୍‌ରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କୋଲକାତାର ଇଡେନଗାର୍ଡେନ୍ସରେ ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ ଓ ଅହମ୍ମଦାବାଦ୍‌ରେ ୫ମ ତଥା ଶେଷ ଟି-୨୦ ସହ ଏହି ସିରିଜ୍ ଶେଷ ହେବ। ଆସନ୍ତାବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ୍‌ରେ ସର୍ବାଧିକ ୫ଟି ମ୍ୟାଚ୍ ରଖାଯାଇଛି। ବେଙ୍ଗାଲୁରୁରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ'କୁ ରେକର୍ଡ ୪୧୭ ରନ୍ ଚେଜ୍‌ରେ ହରାଇ ଏହି ଦଳ ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ଉଭୟ ଦଳର ଟେଷ୍ଟ ବିଶେଷଜ୍ଞ ଖେଳାଳିମାନେ ଖେଳିଛନ୍ତି। ଏହା ମଧ୍ୟରେ ଉଭୟ ଦଳ କୋଲକାତାର ଇଡେନ୍ ଗାର୍ଡେନ୍ସରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଥମଥର ମଙ୍ଗଳବାର ଅଭ୍ୟାସ ଆରମ୍ଭ କରିଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ। ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଦଳ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ ଜିତିଥିଲା। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲ ଓ ଟି-୨୦ ବିଶ୍ୱକପ୍‌ରେ ରନର୍ସ ଅପ୍ ହେବାର ସୌଭାଗ୍ୟ ଲାଭ କରିଛି ଭ୍ରମଣକାରୀ ଦଳ। ନିକଟରେ ପାକିସ୍ତାନ ସହ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରଖି ଭାରତୀୟ ଉପମହାଦେଶର ଟର୍ଣ୍ଣିଂ ପିଚ୍‌ରେ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଭାରତରେ ଟେଷ୍ଟ ଦଳର ଅଧିକାଂଶ ଖେଳାଳିଙ୍କୁ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବାର ସୁଯୋଗ ଦେଇଛି ଦକ୍ଷିଣ ଆଫ୍ରିକା। ଏପରିକି ଟେମ୍ବା ବଭୁମା ଦ୍ୱିତୀୟ ଟେଷ୍ଟରେ ଖେଳିବା ସହ ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟ୍‌କୁ ହାସଲ କରାଇବାରେ ସମର୍ଥ ହୋଇଥିଲେ। ଦଳରେ ୩ଜଣ ଭଲ ତଥା ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ସ୍ପିନ୍ ବୋଲିଂରେ ଦୁଇ ଭାରତୀୟ ବଂଶୋଦ୍ଭବ କେଶବ ମହାରାଜ ଓ ସେନୁରନ ମୁଥୁସ୍ୱାମୀଙ୍କ ସହ ସାଇମନ ହାର୍ମର ନିଶ୍ଚିତଭାବେ ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇବେ। ପେସ୍ ବୋଲିଂ ଓ ବ୍ୟାଟିଂରେ ଦଳ ଶକ୍ତିଶାଳୀ। କେବଳ ଭାରତରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ଏମାନଙ୍କ ପକ୍ଷେ ହେବ ବଡ଼ ଚ୍ୟାଲେଞ୍ଜ। ପାକିସ୍ତାନ ମାଟିରେ ଟେଷ୍ଟ ସିରିଜ୍ ଓ ଭାରତୀୟ ମାଟିରେ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ଖେଳି ଦକ୍ଷିଣ ଆଫ୍ରିକା କିଛି ପରିମାଣରେ ପ୍ରସ୍ତୁତ କରିନେଇଛି। ଏଣୁ ପୂର୍ବ ଭାରତରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ରେ ଲଢ଼େଇ ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ୍।

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତ ଉପରେ ଆଉ କେହି ବିଶ୍ୱାସ କରୁନାହାନ୍ତି। ଏହା ନିଃସନ୍ଦେହ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ହରାଇବା ଓ ଇଂଲଣ୍ଡରେ ଦମ୍‌ର ସହ ଖେଳିଥିବା ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେବ। କିନ୍ତୁ ଏଠାରେ ମନେ ରଖିବା ଉଚିତ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଆଉ ସେଭଳି ଶକ୍ତିନାହିଁ ଓ ଏହି ଦଳ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ୯ମ ସ୍ଥାନରେ ରହିଛି। ଇଂଲଣ୍ଡର ପିଚ୍ ଭାରତରେ ନାହିଁ। ଏଣୁ ଦକ୍ଷିଣ ଆଫ୍ରିକା ସିରିଜ୍ ନିଶ୍ଚିତପକ୍ଷେ ଭାରତ ଲାଗି ଏକ ଚ୍ୟାଲେଞ୍ଜ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

**ଭାରତ-ଦକ୍ଷିଣ ଆଫ୍ରିକା ଖେଳସୂଚୀ**

**ଟେଷ୍ଟ -୨**

| କେବେ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୪ରୁ ୧୮।୧୧ | ପ୍ରଥମଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟଟେଷ୍ଟ | ଗୁଆହାଟୀ |

**ଦିନିକିଆ -୩**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |

**ଟି-୨୦ ମୁକାବିଲା- ୫**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

### ଘୋଷିତ ଟେଷ୍ଟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଦେବଦତ୍ତ ପାଡ଼ିକଲ, ଋଷଭ ପନ୍ତ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ (ଉଭୟେ ୱିକେଟରକ୍ଷକ/ ବ୍ୟାଟର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍, ମହମ୍ମଦ୍ ସିରାଜ, ନୀତୀଶ କୁମାର ରେଡ୍ଡୀ।

**ଦକ୍ଷିଣ ଆଫ୍ରିକା :** ଟେମ୍ବା ବଭୁମା (ଅଧିନାୟକ), ଆଇଡେନ୍ ମାକ୍ରାମ୍, ଟୋନି ଡି ଜୋର୍ଜି, ରିୟାନ ରିକେଟଲନ ଓ କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ଟ୍ରିଷ୍ଟାନ ଷ୍ଟବ୍‌ସ, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

## ଭିସା ପାଇବା ଲାଗି ଚୀନ ଦୂତାବାସର ସାହାଯ୍ୟ ମାଗିଲେ ନାଗଲ



ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍‌ରେ ଭାଗନେବା ପୂର୍ବରୁ ଚେଙ୍ଗଡୁରେ ଖେଳାଯିବ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ଭାଗନେବାକୁ ଭାରତର ନଂ-୧ ଟେନିସ ଖେଳାଳି ସୁମିତ ନାଗଲ ପଞ୍ଜୀକରଣ କରିଥିଲେ। କିନ୍ତୁ ଚୀନ୍ ଯିବାକୁ ତାଙ୍କୁ ଭିସା ମିଳିଲା ନାହିଁ। କୌଣସି କାରଣ ନ ଦର୍ଶାଇ ଏହାକୁ ରଦ୍ଦ କରିଦିଆଗଲା। ଭିସା ପାଇବାକୁ ସେ ଚୀନ୍ ଦୂତାବାସ୍‌ର ସହାୟତା ଲୋଡ଼ିଛନ୍ତି। ଏକ୍ସରେ ନାଗଲ ଚୀନ ଦୂତାବାସ କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ବିଶ୍ୱମାନ୍ୟତାରେ ୧୦୦ ନମ୍ବର ର୍‍ୟାଙ୍କରୁ ଖସି ଯିବାରୁ ତାଙ୍କୁ ଗ୍ରାଣ୍ଡସ୍ଲାମ୍‌ରେ ଖେଳିବାକୁ ସୁଯୋଗ ମିଳିବ ନାହିଁ। କେବଳ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ କିମ୍ବା ୱାଇଲ୍ଡ କାର୍ଡ ଦ୍ୱାରା ସେ ଗ୍ରାଣ୍ଡସ୍ଲାମରେ ଖେଳିପାରିବେ। ଏଥିଲାଗି ତାଙ୍କୁ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ପଡ଼ିବ। ଏଣୁ ତାଙ୍କର ଚୀନ ଯିବା ଆବଶ୍ୟକ।

## ଅଲିମ୍ପିକ୍ସ କେମିତି ଭାଗନେବେ ଟ୍ରାନ୍ସଜେଣ୍ଡର ଆଥ୍‌ଲେଟ୍

ଲଣ୍ଡନ, ୧୧।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡର ଲୌରେଲ ହୁବାର୍ଡ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟିକରିଥିଲେ। ଏହି ସଂସ୍କରଣ ସୁଦ୍ଧା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଟ୍ରାନ୍ସଜେଣ୍ଡରଙ୍କ ଲାଗି କୌଣସି ଯୋଗ୍ୟତାର ମାପକାଠି ନ ଥିଲା। କିନ୍ତୁ ମହିଳା ଆଥ୍‌ଲେଟଙ୍କୁ ସୁରକ୍ଷା ଦିଆଯିବ ବୋଲି ବର୍ତ୍ତମାନର ଅଲିମ୍ପିକ୍ କମିଟି ସଭାପତି କ୍ରିଷ୍ଟି କଭେଣ୍ଟ୍ରି ଘୋଷଣା କରିବା ପରେ ତୃତୀୟ ଲିଙ୍ଗ ବା ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଲାଗି ବିପଦ ସୃଷ୍ଟି ହୋଇଛି। ଏମାନଙ୍କୁ ଏକ ସ୍ୱତନ୍ତ୍ର କାଟାଗୋରୀରେ ରଖାଯିବ କିମ୍ବା ମହିଳାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ ତାହାର ସମାଧାନ ହୋଇପାରି ନାହିଁ। ପୂର୍ବରୁ କଭେଣ୍ଟ୍ରି ସମସ୍ତ କ୍ରୀଡ଼ା ମହାସଂଘକୁ ନିଜସ୍ୱ ଯୋଗ୍ୟତାର ମାପକାଠି ପ୍ରସ୍ତୁତ କରିବାକୁ କହିଥିଲେ। ଏବେ ସମସ୍ତେ ମହିଳା ଆଥ୍‌ଲେଟଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି କଭେଣ୍ଟ୍ରି ଘୋଷଣା କରିବା ପରେ ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଭବିଷ୍ୟତ କ'ଣ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ୨୦୨୬ ବିଶ୍ୱକପ୍ ପରେ ଅବସର ନେବି: ରୋନାଲ୍ଡୋ

ଦୁବାଇ,୧୧।୧୧ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ମୋର ଶେଷ ବିଶ୍ୱକପ୍ ଓ ଏହାର ବର୍ଷେ କିମ୍ବା ୨ ବର୍ଷ ପରେ ମୁଁ ପେସାଦାର ଫୁଟବଲରୁ ଅବସର ନେବି ବୋଲି ଘୋଷଣା କରିଛନ୍ତି ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ।




ରୋନାଲ୍ଡୋଙ୍କ ବୟସ ଏବେ ୪୦ ଓ ଆସନ୍ତାବର୍ଷ ବିଶ୍ୱକପ୍ ବେଳକୁ ତାଙ୍କୁ ୪୧ ବର୍ଷ ହୋଇସାରିଥିବ। ଏହି ବିଶ୍ୱକପ୍ ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବ। ୨୦୨୨ରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଛାଡ଼ିବା ପରେ ରୋନାଲ୍ଡୋ ୨୦୨୩ରୁ ସାଉଦି ଆରବର ଅଲ ନାସର କ୍ଲବ୍ ପକ୍ଷରୁ ମୋଟା ପାଉଣାରେ ଖେଳୁଛନ୍ତି। କ୍ଲବ୍ ଓ ଅନ୍ତର୍ଜାତୀୟ ଫୁଟବଲରେ ରୋନାଲ୍ଡୋ ୯୫୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

## ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟ | ଭାରତ ୧୦ ୱିକେଟରେ ବିଜୟୀ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଶ୍ରୀଲଙ୍କାକୁ ୧୦ ୱିକେଟରେ ପରାସ୍ତ କରି ଭାରତ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବରଖମ୍ବା ରୋଡରେ ଥିବା ମଡର୍ଣ୍ଣ ସ୍କୁଲ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମୁକାବିଲା ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୩.୩ ଓଭରରେ ମାତ୍ର ୪୧ ରନ୍ କରିଥିଲା। ଜବାବରେ ଭାରତ କୌଣସି ୱିକେଟ ନ ହରାଇ ମ୍ୟାଚ୍‌କୁ ୧୦ ୱିକେଟରେ ଜିତିନେଇଥିଲା।



ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ଡ. ମହନ୍ତେଶ ଜି. କିଭାଦାସନାଭର, ସମ୍ପାଦକ ଶୈଳେନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନଭେମ୍ବର ୨୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା, ଅଷ୍ଟ୍ରେଲିଆ, ପାକିସ୍ତାନ ଓ ନେପାଳ ଟିମ୍ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପଏଣ୍ଟ ଭିତ୍ତିରେ ୪ଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୨୨ରେ ଦୁଇଟି ଯାକ ସେମିଫାଇନାଲ ଓ ୨୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ।



## ମା' ହେବେ ଜାବେଉର୍

ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ପୂର୍ବତନ ବିଶ୍ୱର ନଂ-୨ ଟେନିସ ଖେଳାଳି ତଥା ୩ଥରର ଗ୍ରାଣ୍ଡ ସ୍ଲାମ୍ ରନର୍ସଅପ୍ ଟ୍ୟୁନିସିଆର ଓନସ ଜାବେଉର ମା ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ନିଜେ ଘୋଷଣା କରିଛନ୍ତି ଓ ଆସନ୍ତା ଏପ୍ରିଲ ମାସରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ ବୋଲି କୁହାଯାଉଛି। ଏଥିଲାଗି ସେ ଟେନିସ ଖେଳରୁ କିଛି ଦିନ ଅବସର ନେବେ ଓ ପୁଣିଥରେ ରିଚାର୍ଜ ହୋଇ ଖେଳ ରିଷ୍ଟାର୍ଟ କରିବେ ବୋଲି ସାମାଜିକ ଗଣମାଧ୍ୟମ ସଂସ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଜାବେଉର ପୋଷ୍ଟ କରି ଜଣାଇଛନ୍ତି।

## ରଣଜୀ ଟ୍ରଫି | ଓଡ଼ିଶାର ଆଉ ଏକ ଲଜ୍ଜାଜନକ ପରାଜୟ

### ବିଦର୍ଭଠାରୁ ୧୦୦ ରନ୍‌ରେ ହାରିଲା

କଟକ,୧୧।୧୧(ସମିସ):

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କଲାଣି। ପ୍ରଥମ ୪ଟି ମୁକାବିଲାରେ ଦଳ ୩ଟି ପରାଜୟର ସମ୍ମୁଖୀନ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଥିବା ଯୋଗୁଁ ଓଡ଼ିଶା ମାତ୍ର ୧ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବୁଲର ୭ମ ସ୍ଥାନରେ ରହିଛି। ମଙ୍ଗଳବାର ଶେଷ ହୋଇଥିବା ୪ର୍ଥ ଲିଗ୍‌ରେ ଓଡ଼ିଶାକୁ ୧୦୦ରନରେ ବିଦର୍ଭ ପରାସ୍ତ କରିଛି। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଆଉ ୩ଟି ମ୍ୟାଚ୍ ଖେଳିବ। ତେବେ ତାମିଲନାଡୁ, ଝାଡ଼ଖଣ୍ଡ ଭଳି ଦଳକୁ ହରାଇ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବା କାଠିକର ପାଠ। ଏଣୁ ଓଡ଼ିଶା ଚଳିତ ସିଜନରେ ଅଭିଯାନ ଶେଷ କରିଛି ବୋଲି କୁହାଯାଇପାରେ।

ନାଗପୁରରେ ଖେଳାଯାଇଥିବା ଓଡ଼ିଶା ଏବଂ ବିଦର୍ଭ ବିପକ୍ଷ ମ୍ୟାଚ୍ ନାଟକୀୟ ଢ଼ଙ୍ଗରେ ଶେଷ ହୋଇଥିଲା। ଓଡ଼ିଶାର ବିଜୟ ଆଶା ରହିଥିବା ସତ୍ତ୍ୱେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଦଳ ପାଇଁ ବୋଝ ସାବ୍ୟସ୍ତ ହେଲାଣି। ୩୪୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ୍ ଅପସାରଣ ସୁଦ୍ଧା ବିନା ୱିକେଟରେ ୪୪ରନ ସଂଗ୍ରହ କରିଥିଲା। ଓପନର ସ୍ୱସ୍ତିକ ସାମଲ ୨୫ରନ ଏବଂ ଗୌରବ ଚୌଧୁରୀ ୧୭ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଚମତ୍କାର ଶୈଳୀରେ ରନ୍ ସଂଗ୍ରହ କରି ଓଡ଼ିଶାର ବିଜୟ ଲକ୍ଷ୍ୟକୁ ହ୍ରାସ କରିବାରେ ଲାଗିଥିଲେ। ତେବେ ୨୪ତମ ଓଭରର ଶେଷ ବଲରେ ବିଦର୍ଭକୁ ପ୍ରଥମ ସଫଳତା ମିଳିଥିଲା। ବାମହାତୀ ଅର୍ଥୋଡକ୍ସ ପାର୍ଥ ରେଖାଡେ ଗୌରବଙ୍କୁ ୪୮ ରନରେ ଏଲବିଡବ୍ଲ୍ୟୁ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହି ୱିକେଟ ମ୍ୟାଚ୍‌ର ଦୃଶ୍ୟପଟ ବଦଳାଇ ଦେଇଥିଲା। ଦଳୀୟ ସ୍କୋର ୧୦୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶା କ୍ରମାଗତ ୱିକେଟ ହରାଇ ବିଦର୍ଭ ହାତକୁ ମ୍ୟାଚ୍ ଟେକି ଦେଇଥିଲା। ଅନ୍ୟତମ ଓପନର ସ୍ୱସ୍ତିକ ୬୫ରନରେ ରେଖାଡେଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ସନ୍ଦୀପ ପଟ୍ଟନାୟକ ୨୭ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ରନ, ସମ୍ବିତ ବରାଳ ୪ରନ, ରାଜେଶ ଧୂପର ୧ରନରେ ପ୍ୟାଭିଲିୟନ ବାହୁଡ଼ିଥିଲେ। ୬ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦ୍ଦାର ୪୬ରନର ପାଳି ଖେଳିଥିଲେ ସୁଦ୍ଧା ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ନଥିଲା। ନିମ୍ନକ୍ରମରେ ରାଜେଶ ମହାନ୍ତି ୬ରନ, ଜାମଲା ଭଞ୍ଜନ ମହାପାତ୍ର ୭ରନ, ବାଦଲ ବିଶ୍ୱାଳ ୫ରନ, ତାପସ ଦାସ ୨ରନ କରିଥିଲେ। ରେଖାଡେଙ୍କୁ ୮୦ରନ ବ୍ୟୟରେ ୫ଟି ଓ ପ୍ରଫୁଲ ହିଙ୍ଗେଙ୍କୁ ୩ଟି ୱିକେଟ ମିଳିଥିଲା। ୧୬ ତାରିଖରୁ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ୫ମ ଲିଗ୍ ମ୍ୟାଚ୍ ଖେଳିବ।

**ପ୍ରଥମ ୪ଟି ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ**

ପ୍ରଥମ ମ୍ୟାଚ୍ (ବାରବାଟୀ)
ବରୋଦାଠାରୁ ୭ ୱିକେଟରେ ପରାସ୍ତ

ଦ୍ୱିତୀୟ ମ୍ୟାଚ୍ (ଲକ୍ଷ୍ନୌ)
ମ୍ୟାଚ୍ ଡ୍ର, ୟୁପିଠାରୁ ପ୍ରଥମ ଇନିଂସ ପଛୁଆ

ତୃତୀୟ ମ୍ୟାଚ୍ (ବାରବାଟୀ)
ଆନ୍ଧ୍ରଠାରୁ ଇନିଂସ ଓ ୫୦ ରନ୍‌ରେ ପରାସ୍ତ

ଚତୁର୍ଥ ମ୍ୟାଚ୍ (ନାଗପୁର)
ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ

ପଞ୍ଚମ ମ୍ୟାଚ୍ (ଭୁବନେଶ୍ୱର)
ବନାମ ନାଗାଲାଣ୍ଡ(ପ୍ରଥମ ବିଜୟ ଆଶା)

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS